# ଏକୀକରଣର ସମୟ ଏବଂ ଚିହ୍ନ

ସୁସନ୍ଧ୍ୟା । ଆଜିରାତ୍ରି ଏଠାରେ ରହିବା, ଏବଂ ଏହି ସ୍ଥାନରେ ଛିଡ଼ା ହେବା ସୌଭାଗ୍ୟର ବିଷୟ ଅଟେ ।

2 ମୁଁ, ଏହି ସକାଳରେ, ମାର୍ଗରେ ଆସୁଥିବାବେଳେ...ମୁଁ ପ୍ରଭୁଙ୍କଠାରେ ଅପେକ୍ଷା କରି, ପ୍ରାର୍ଥନାରେ ନିବିଷ୍ଟ ଥିଲି । ଆଉ ମାର୍ଗରେ ଆସୁଥିବାବେଳେ, ମୁଁ ରେଡ଼ିଓରେ ଜଣେ—ଜଣେ ସେବକଙ୍କୁ, ଭାଇ ସ୍ମିଥଙ୍କୁ ଯିଏକି ଜଣେ ଅଶ୍ୱେତ ଭାଇ ଅଟନ୍ତି, ଶୁଣିବା ପାଇଁ ରେଡିଓ ଚାଲୁ କଲି (କଅଣ ଆପଣମାନେ ସମସ୍ତେ ଆଜି ସକାଳରେ ତାହାଙ୍କୁ ଶୁଣିଲେ କି? କଅଣ ଆପଣମାନଙ୍କ ମଧ୍ୟରୁ କେହି?) ଯିଏକି ସେଠାରେ ଉପରେ କହୁଥିଲେ, ମୁଁ ଭାବୁଛି ତାହା ଓହାୟୋ ସହର ଥିଲା । କେହି ଜଣେ ମୋତେ ତାହାଙ୍କର ପ୍ରଚାର କରିବା ବିଷୟରେ କହୁଥିଲେ, ଓ କହିଲେ, "ଆପଣଙ୍କୁ ତାହାଙ୍କୁ ଶୁଣିବା କଥା," ସେହିପରି କିଛି କହୁଥିଲେ ।

3 ଆଜି ସକାଳରେ, ମୁଁ ତାହାଙ୍କୁ ଶୁଣିବାର ସୁଯୋଗ ପାଇଲି । ଆଉ ସେ ନିଶ୍ଚିତ ଭାବରେ ଏହି ବିଷୟରେ କହୁଥିଲେ ଯେ ଆଜି ଜଗତରେ ପାପ କିପରି ଭାବେ ପ୍ରଚୁର ମାତ୍ରାରେ ବ୍ୟାପ୍ତ ହୋଇଯାଇଛି, ଆଉ ସେ ଥିଲେ...ପୁଣି ମୁଁ ରେଡ଼ିଓରେ ଆଉ ଟିକେ ଆଗକୁ ମୋଡ଼ିଲି, ଓ ଗୋଟିଏ ଷ୍ଟେଶନକୁ ଗଲି, ଏବଂ ଯାଇ ଅନ୍ୟ ଜଣକୁ ଶୁଣିଲି । ସେହି ସମୟରେ ଯେତେବେଳେ ମୁଁ ଏଠାରେ ପହଞ୍ଚିଲି, ମୁଁ ପ୍ରାୟତଃ ପ୍ରସ୍ତୁତ ହୋଇସାରିଥିଲି, ଦେଖନ୍ତୁ ତାହା ଯଦି ଗୀର୍ଜାକୁ ଆସିବା ନିମନ୍ତେ ଅଧିକ ବିଳମ୍ବ ନ ହୋଇଥାଏ, ଏହି ସକାଳରେ ଯେତେବେଳେ ମୁଁ ଭିତରକୁ ଆସିଲି । ଏଣୁ ଆମେମାନେ ବାସ୍ତବରେ ଅତି ସୌଭାଗ୍ୟବାନ ଅଟୁ ଯେ ଆଜିରାତ୍ରି ଆମେମାନେ ଏଠାରେ ଅଛୁ, ଓ ପ୍ରଭୁଙ୍କର ସେବାକାର୍ଯ୍ୟରେ ଯୋଗଦାନ କରିପାରୁଛୁ ।

4 ଆଉ ଭାଇ ନେଭିଲଙ୍କ ବିଷୟରେ କହିବା, ଏବଂ ତହିଁ ଆର ଦିନ ଦେଇଥିବା ସେହି ବାର୍ତ୍ତା ନିମନ୍ତେ, ସେହି ସାନ ମହିଳାଙ୍କ ପାଇଁ, ଆମର ସେହି ଭଉଣୀଟି ଯିଏକି ଆମଠାରୁ ଦୂରକୁ ଚାଲିଗଲେ । ତାହା ଥିଲେ, ଆମେ ସମସ୍ତେ ଜାଣୁ ଯେ ସେ କିଏ ଥିଲେ, ତାହା ଭଉଣୀ ୱେଭର ଥିଲେ । ଆଉ ଏଠାରେ ଜଣେ ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରିବା, ଯିଏକି ଆଜିରାତ୍ରିରେ ବାପ୍ତିସ୍ମ ନେଇଛନ୍ତି; ସେହି ସ୍ତ୍ରୀ...ମୁଁ ତାହାଙ୍କୁ ଏଠାରେ ଏହି ଜଳକୁଣ୍ଡରେ ବାପ୍ତିସ୍ମ ଦେଇଥିଲି ଯେତେବେଳେ ମୁଁ...ସେମାନଙ୍କୁ ତ ତାହାଙ୍କୁ ଏକ ଚକଲଗା ଚୌକୀରେ ଏଠାକୁ ଆଣିବାକୁ ପଡ଼ିଥିଲା । ସେ କର୍କଟ ରୋଗରେ, ମୃତପ୍ରାୟଃ ଅବସ୍ଥାରେ ଥିଲେ, ଆଉ ତାହାଙ୍କ ପାଖରେ କେବଳ ସେହି ରାତ୍ରିଟି ବଞ୍ଚି ରହିବା ପାଇଁ ଥିଲା; ଡାକ୍ତରମାନେ ଆଶା ଛାଡ଼ି ଦେଇଥିଲେ, ସେ ପରଦିନ ସକାଳରେ ମରିବାକୁ ଯାଉଥିଲେ । ଆଉ ମୁଁ ତାହାଙ୍କ ଘରକୁ ଗଲି ଓ ତାହାଙ୍କୁ ଦିବ୍ୟ ସୁସ୍ଥିକରଣ ବିଷୟରେ କହିବାକୁ ଚେଷ୍ଟା କଲି, ଆଉ ସେ କେବଳ ନିରନ୍ତର ଏହା କହି ଚାଲୁଥିଲେ, "ମୁଁ ଯୋଗ୍ୟ ନୁହେଁ ଯେ ଆପଣ ମୋ'ର ଗୃହକୁ ଆସିବେ ।" ସେ କହୁଥିଲେ, "ମୁଁ—ମୁଁ ଯୋଗ୍ୟ ନୁହେଁ ଯେ କୌଣସି ସେବକ ମୋ'ର ଘରକୁ ଆସିବେ ।" ସେ କହୁଥିଲେ,

"ମୁଁ ଜଣେ ପାପୀ ଅଟେ।" ମାତ୍ର ସେ କହିଲେ, "ମହାଶୟ, ମୁଁ ଏହିପରି ଭାବରେ ମରିବାକୁ ଚାହେଁ ନାହିଁ।" ଆଉ ତେଣୁକରି ଗ୍ରେସ୍ ୱେବର୍, ଏଠାରେ ଉପରେ, ମୋତେ ସେଠାକୁ ତଳେ ନେଇକରି ଗଲେ। ମୁଁ ସଭାଗୁଡ଼ିକରୁ କ୍ଳାନ୍ତ ହୋଇ, ବର୍ତ୍ତମାନ ହିଁ ଫେରିଥିଲି; ପୁଣି ସେଠାରେ ଯେତେବେଳେ ମୁଁ ତାହାଙ୍କ ପାଇଁ ପ୍ରାର୍ଥନା କରୁଥିଲି, ଏବଂ ତାହାଙ୍କୁ ଶାସ୍ତ୍ର ପାଠ କରି ଶୁଣାଇଲି, ଆଉ ତେବେ ସେ ଉଦ୍ଧାରପ୍ରାପ୍ତ ହେଲେ। ସେତେବେଳେ, ସେ ନିଜର ହାତକୁ ବଡ଼ କଷ୍ଟରେ ଉଠାଇ ପାରୁଥିଲେ, ମାତ୍ର ସେ ସମସ୍ତଙ୍କ ସହିତରେ ହାତ ମିଶାଇବାକୁ ଚାହିଁଥିଲେ। ସେ ତ ଠିକ୍...କିଛି ଗୋଟାଏ ତାହାଙ୍କ ସହିତରେ ଘଟିଲା।

5 ଆଉ ଯେତେବେଳେ ସେମାନେ ହାତ ମିଶାଉଥିଲେ, ମୁଁ ଏକ ଦର୍ଶନ ଏହା ଦେଖିଲି ଯେ ସେ ଏକ କୁକୁଡ଼ା ପିଞ୍ଜରାକୁ ଯାଉଛନ୍ତି, ଓ ଫେରି ଆସୁଛନ୍ତି। ମୁଁ କହିଲି, "ଠିକ୍ ଅଛି, ତେବେ ତ ତାହାହେଲେ ସବୁକିଛି ଠିକ୍ ହେବାକୁ ଯାଉଅଛି"; ଆଉ ତାହା ଅଠର ବର୍ଷ ପୂର୍ବର କଥା ଥିଲା। ଆଉ ସେ ତ ସେହି ସମୟଠାରୁ ସେହି କର୍କଟ ରୋଗରୁ ଅତିକ୍ରମ କରି, ଆଗକୁ ବଢ଼ି ଯାଇଛନ୍ତି। ଯଦିବି ସେ ମଲେ...ସେ କଦାପି କର୍କଟ ରୋଗ ଯୋଗୁଁ ମଲେ ନାହିଁ, ତାହାଙ୍କର ଏକ ହୃଦାଘାତ ହେଲା ଏବଂ ତାହା ଯୋଗୁଁ ସେ ମୃତ୍ୟୁବରଣ କଲେ। ସେମାନେ ତାହାଙ୍କୁ ଅକ୍ସିଜେନ୍ ଦେଇ ରଖିଥିଲେ; ସେ ଏକ ହୃଦାଘାତ ଯୋଗୁଁ ମୃତ୍ୟୁବରଣ କଲେ।

6 ଆଉ ତାହା ପରେ ମୁଁ ଭାବୁଥିଲି, ଠିକ୍ ଶେଷରେ ଯେତେବେଳେ ଲୋକମାନେ ବାହାରକୁ ବାହାରୁଥିଲେ, ଓ ସେମାନେ ଏହି ଗୀତକୁ ଗାଉଥିଲେ, *ସେତେବେଳେ ଯୀଶୁ ଆସିଲେ*। ଅବିକଳ ଠିକ୍ ତାହାହିଁ ହୋଇଥିଲା, ସେ ଆସିଲେ ଓ ସେହି ସ୍ତ୍ରୀର ଜୀବନକୁ ଆହୁରି ଅଠର ବର୍ଷ ପାଇଁ ବଢ଼େଇ ଦେଲେ। ଆଉ ମୁଁ ଭାବିଲି, "ତାହା କେତେ ଉପଯୁକ୍ତ ଥିଲା।" ସେହି ସ୍ତ୍ରୀଲୋକ ବୋଧହୁଏ ଏହା ଜାଣିପାରି ନ ଥିଲା ଯେ ସେ ତାହା ସେହିପରି କରୁଥିଲା। ତେବେ, ପୁଣିଥରେ, ତାହାଙ୍କର ହୋଇପାରିବ। ମାତ୍ର ଏହା କେତେ ଉପଯୁକ୍ତ ଥିଲା ଯେ ସେହି ଗୀତଟିକୁ ସେଠାରେ ଗାଇବା, *ସେତେବେଳେ ଯୀଶୁ ଆସିଲେ*।

7 ତେବେ ଏହା ଅଳ୍ପ କିଛି ଗୋଟାଏ ହୋଇଥାଏ ଏହା ପୂର୍ବରୁ, ମୁଁ—ମୁଁ ଆଶା କରେ, ଯେ ତାହା ସଭାଗୁଡ଼ିକ ନିମନ୍ତେ ମୋହର ସବୁଠୁ ବଡ଼ ପ୍ରାରମ୍ଭ ଅଟେ। ମୁଁ ବହୁତ ଅଧିକ ଅଧୀର ହୋଇପଡ଼େ। ଆଜି ସକାଳେ, ମୁଁ ଏତେ ହତବୁଦ୍ଧି ହୋଇଗଲି, ଯେ ମୁଁ ପ୍ରାର୍ଥନା କରିବା ପାଇଁ—ପାଇଁ ଗଲି। ତେବେ ମୁଁ—ମୁଁ ଏଠାରେ, ଘର ପରି ଅନୁଭବ କରୁଛି। ମୋର ପରିବାର, ସେମାନଙ୍କୁ ଠିକ୍ ଏରିଜୋନାକୁ ନେଇଗଲି, ଆଉ ମୁଁ...ଯେପରିକି ଛୁଆମାନେ ବିଦ୍ୟାଳୟକୁ ଯାଇପାରିବେ। ଆଉ, ମୁଁ ଏଠାକୁ ଫେରି ଆସିଲି ଯେପରିକି—କିଟିକେ ବିଶ୍ରାମ କରିପାରେ, ଭାଇ ଉଡ୍ ଏବଂ ଏଠାରେ ଥିବା ଅନ୍ୟାନ୍ୟ ଭାଇମାନଙ୍କ ସହିତ ଶିକାର କରିବାକୁ ଯାଇପାରେ; ଆଗାମୀ ସପ୍ତାହ ପାଇଁ, ଶିକାର ନିମନ୍ତେ ଯାଇପାରେ। ଆମେମାନେ ତଳେ କେଣ୍ଟକୀ ପ୍ରଦେଶକୁ ଯାଉଅଛୁ। ଆଉ ମୁଁ ଥିଲି...ରହିଥିଲି...ମୁଁ ସେହିଦିନ ହିଁ ଆସିଥିଲି ଯେଉଁଦିନ କି—କି ଶ୍ରୀମତୀ ୱେଭର ମୃତ୍ୟୁବରଣ କରିଥିଲେ, ଆଉ ଏହା ଠିକ୍ ହିଁ ହେଲା ଯେ ମୁଁ ଏଠାରେ ରହିଥିଲି ଏବଂ ଭାଇ ନେଭିଲକୁ ଅନ୍ତ୍ୟେଷ୍ଟି କ୍ରିୟାରେ ସାହାଯ୍ୟ କରିପାରିଥିଲି।

8 ଆଉ ମୁଁ ଚେଷ୍ଟା କରେ ନାହିଁ...ମୁଁ ତାହା ବିଷୟରେ ଅତ୍ୟଧିକ କିଛି କହିବାକୁ—କୁ ଚେଷ୍ଟା କରେ ନାହିଁ, ଆପଣ ଜାଣନ୍ତି, ଲୋକମାନଙ୍କର ଅଭିଯୋଗ କରିବା ବିଷୟରେ। କାରଣ, ମୁଁ ଭାବେ, ଯେ ସବୁଠୁଁ ଭୟଙ୍କର ବିଷୟମାନଙ୍କ ମଧ୍ୟରୁ ଗୋଟିଏ ହେଲା ଯେ ଜଣେ—ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀଲୋକକୁ ନିରନ୍ତର ଅଭିଯୋଗ କରୁଥିବାର ଦେଖିବା। ମୁଁ ଏହା ସର୍ବଦା ଚିନ୍ତା କରିଛି, "ପରମେଶ୍ୱର, ମୋତେ ଏହାଠାରୁ ଦୂର ରଖିବ।" ଦେଖନ୍ତୁ, ତାହା—ତାହା ତ ସବୁ ସମୟରେ ବିଶ୍ୱାସକୁ ଦୁର୍ବଳ କରି ଦେଇଥାଏ, ଆପଣ ଜାଣନ୍ତି। ଆପଣ କେବଳ—ଆପଣ କେବଳ...ଯଦି ଆପଣ—ଯଦି ଆପଣ...ମୁଁ ଜାଣେ ଯେତେବେଳେ ସେମାନେ ବୟସପ୍ରାପ୍ତ ହେଉଥାଆନ୍ତି, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଆମେମାନେ ଏପରି ଚାହିଁଥାଉ ଯେ ଅମୁକ ବିଷୟ ଘଟୁ ଓ ସମୁକ ବିଷୟ ଘଟୁ। ଆଉ ମୁଁ ଜାଣେ ଯେ ସେହି ସାନ ସାନ ବିଷୟସବୁ ଗୋଟିଏ ପରେ ଗୋଟିଏ ଜମା ହେବାକୁ ଯାଉଅଛି, ଅର୍ଥାତ୍ ଯେତେବେଳେ ଆପଣ ବୟସପ୍ରାପ୍ତ ହେଉଥାଆନ୍ତି, ସେଗୁଡ଼ିକ ତ ହେବାକୁ ହିଁ ଥାଏ। ମାତ୍ର ମୁଁ ଭାବେ ଯେ ସବୁଠୁଁ ଭୟଙ୍କର ବିଷୟମାନଙ୍କ ମଧ୍ୟରୁ ଗୋଟିଏ ହେଲା, ଯେ ଶୟତାନ କୌଣସି ବ୍ୟକ୍ତିର ଜୀବନକୁ ଅଧିକାର କରିନେବା: ଜଣେ କ୍ରୋଧୀ ବୃଦ୍ଧ ପୁରୁଷ କିମ୍ବା ଜଣେ ବୃଦ୍ଧ ମହିଳା, ଆପଣ ଦେଖନ୍ତୁ। ମୁଁ—ମୁଁ ଆଶା କରେ ଯେ ମୁଁ ସେହିପରି ସ୍ଥାନକୁ ଆସେ ନାହିଁ। ମୁଁ ଆଶା କରେ ଯେ ମୁଁ ତାହା ବହନ କରିପାରେ, ମୋହର ବୋଝଗୁଡ଼ିକୁ, ଓ—ଓ ଏପରି ଏକ ସ୍ଥାନକୁ ଆସେ ଯେଉଁଠାରେକି...ମୁଁ ଚାହେଁ ଯେ ମୋହର ଜୀବନଟା ପରମେଶ୍ୱରଙ୍କ ମହିମାରେ ମୁକୁଟାଭିଷେକ ହେଉ: ତାହାଙ୍କର ଦୀର୍ଘସହିଷ୍ଣୁତାରେ, ଭଦ୍ରତାରେ, ଶାନ୍ତିରେ, ନମ୍ରତାରେ, ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଉ।

9 ଆଉ ମୁଁ...ମୋହର ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ଯାହାକି ମୋତେ ସର୍ବଦା ମୋ'ର ଜୀବନସାରା ଆଘାତ ଦେଇ ଆସିଅଛି, ତାହା ହେଲା ଏକ ସ୍ନାୟୁଜନିତ ଅଧୀର ଅବସ୍ଥା। ଯେ ଯେତେବେଳେ ମୁଁ ଏତେ ଅଧିକ ଥକି ଯାଇଥାଏ, ସେତେବେଳେ ମୁଁ ଅତ୍ୟଧିକ କ୍ଲାନ୍ତ ହୋଇଯାଏ। ମୁଁ ଥାଏ...ଏହିପ୍ରକାର ଅନୁଭବ କରିଥାଏ ଯେ ଯେପରିକି କେହିହେଲେ ଆପଣଙ୍କର ଚିନ୍ତା କରୁ ନାହାଁନ୍ତି, ଆପଣ ଜାଣନ୍ତି, ଓ—ଓ ଆପଣ ହିଁ ସବୁ...ତାହା ଆପଣଙ୍କର ମଧ୍ୟ, ହେଉଥିବ। ଆଉ ମୁଁ ବାସ୍ତବରେ ତାହାର ଏକ ଅତ୍ୟଧିକ ଯାତନା ପାଇଲା ପରି ଅନୁଭବ କରିଛି, ଆପଣ ଜାଣନ୍ତି, ଓ ଥରେ ଥରେ ତାହା ବହୁତ ଅଧିକ ହୋଇଯାଏ, ପୁଣି ମୁଁ କରି ହିଁ ପାରେ ନାହିଁ...ଏହା ମାନସିକ ଚାପ ଅଟେ, ଆଉ ତାହାହିଁ ଅଟେ ଯାହାକି ଏହା କରିଥାଏ। ଆଉ ତେବେ ମୁଁ ଏପରି ଏକ ଅବସ୍ଥାକୁ ଆସିଯାଏ ଯେ ଅନେକଥର, ବିଶେଷକରି ସେଠାରେ ଏତେ ଅଧିକ ସେହି ଦର୍ଶନଗୁଡ଼ିକ ରହିଥିବା ଯୋଗୁଁ, ଆପଣମାନେ ଦେଖନ୍ତୁ, ଏହା ମୋତେ ଆଘାତ କରିପକାଏ। ମୁଁ ଜଣେ ବ୍ୟକ୍ତିଙ୍କୁ ଦେଖେ, ମୁଁ ଭାବେ, "ଏହା ଏକ ଦର୍ଶନ ଅଟେ। ନା, ନା, ନା, ତାହା ନୁହେଁ। ହଁ! କଅଣ ତାହା ନୁହେଁ କି?" କଅଣ ଆପଣମାନେ ବୁଝିଲେ? ଆଉ ଆପଣମାନେ ତାହା ହୃଦୟଙ୍ଗମ କରନ୍ତି ନାହିଁ ଯେ ତାହା ସହିତ କି ମୂଲ୍ୟ ଦେବାକୁ ପଡ଼ିଥାଏ। ଏଣୁକରି ତେବେ—ଏଣୁକରି ତେବେ ଆପଣ—ଆପଣମାନେ ଆଶ୍ଚର୍ଯ୍ୟ

କରିଥାଆନ୍ତି । ତାହା ପରେ ଆପଣ ଏହା ଚିନ୍ତା କରିବାକୁ ଲାଗନ୍ତି, “ତେବେ, ଆପଣ ତ…” ତେବେ ଆପଣ ଗୋଟିଏ ପଟକୁ ହୋଇଯାଆନ୍ତି ଓ କୁହନ୍ତି, “ତେବେ, ବର୍ତ୍ତମାନ, ମୁଁ କଅଣ—କଅଣ କରିଅଛି? ମୁଁ ଏଠାରେ ଅଛି, ମୁଁ—ମୁଁ ପଚାସ ବର୍ଷ ବୟସର ଅଟେ ଆଉ ମୁଁ ପ୍ରଭୁ ପାଇଁ କିଛି ହେଲେ କରିନାହିଁ; ପୁଣି ମୁଁ—ମୁଁ ବୃଦ୍ଧ ହେଉଅଛି । ଆଉ କଅଣ…? ଓଃ, ମୋହର ପ୍ରଭୁ ।” ତାହା ପରେ ଆପଣଙ୍କର ହୋଇଥାଏ…ଯାହାକୁ ଆମେ କହିଥାଉ “ନୈରାଶ୍ୟ ଅନୁଭବ କରିବା ।” ଆପଣମାନେ ଭାଇମାନଙ୍କ ମଧ୍ୟରୁ କେତେକେ ଯେଉଁମାନେକି ପ୍ରାୟଃ ମୋ ବୟସର ଅଟନ୍ତି ଆପଣମାନଙ୍କର ତାହା ମନେ ଥିବ ଯାହାକି ସେମାନେ କହୁଥିଲେ “ନୈରାଶ୍ୟ ଅନୁଭବ କରିବା ।” ବାପା ଏହା ବିଷୟରେ କହୁଥିଲେ ଓ ମୁଁ ଆଶ୍ଚର୍ଯ୍ୟ କରୁଥିଲି ଯେ ତାଙ୍କର ଅଭିପ୍ରାୟ କଅଣ ଥିଲା, ଆଉ ମୁଁ ବର୍ତ୍ତମାନ ନିଶ୍ଚିତରେ ଏହା ବୁଝିପାରୁଛି ଯେ ତାଙ୍କର କି ଅର୍ଥ ଥିଲା । ଏଣୁକରି ତେବେ, ଆପଣ ସେହିପରି ଅନୁଭବ କରିବାକୁ ବାଧ୍ୟ ହୁଅନ୍ତି, ଯାହାକି ସେଥି ମଧ୍ୟରୁ ଗୋଟିଏ ହେଲେ ବି ସତ୍ୟ ନୁହେଁ; ଏହା ତ କେବଳ ଆପଣ, ଆପଣ ହିଁ ତାହା ଜାଣନ୍ତି । ଦେଖନ୍ତୁ, ଆପଣ ତାହା ଜାଣନ୍ତି, ଏହା ତ କେବଳ ଆପଣ ହିଁ ତାହା କରୁଥାଆନ୍ତି ।

10 ଏଣୁକରି ମୁଁ ବର୍ତ୍ତମାନ ନିଜକୁ ଅଳ୍ପ ଟିକେ ଶାନ୍ତ କରିବାକୁ ଚେଷ୍ଟା କରୁଥିଲି, ଓ ସେହି—ସେହି ବଡ଼ ବର୍ଦ୍ଧନ ନିମନ୍ତେ ପ୍ରସ୍ତୁତ ହେବାକୁ ଚେଷ୍ଟା କରୁଥିଲି ଯାହାକି ମୁଁ ଆଶା କରେ ଯେ ତାହା ଶୀଘ୍ର ଆସୁଅଛି । ଆଉ ତାହା ପରେ ସେଥିରେ…ମୋତେ ଠିକ୍ ନ୍ୟୁ ୟର୍କକୁ ଯିବାକୁ ଅଛି, ଓ ମୁଁ…ସେଠାରେ ଗୋଟିଏ ସଭା ପାଇଁ, ଗୋଟିଏ ଅଭିଯାନ ପାଇଁ ଯିବାକୁ ଅଛି । ଆଉ ତାହା ପରେ ତଳେ ଶ୍ରେୱେପୋର୍ଟକୁ, ତାହା ପରେ ଫିନିକ୍ସକୁ ଫେରିଯିବାକୁ ଅଛି । ଆଉ ତାହା ପରେ ପଶ୍ଚିମଆଡ଼େ ଆସିବାକୁ ଅଛି…ଯୁକ୍ତରାଷ୍ଟ୍ରର ଦକ୍ଷିଣ ସୀମାଆଡ଼କୁ । ଆଉ ତାହା ପରେ ସେମାନେ ବର୍ତ୍ତମାନ ବିଦେଶ ଗସ୍ତ ପାଇଁ ଆୟୋଜନ କରୁଅଛନ୍ତି, ଯେପରିକି ବର୍ଷର ଆରମ୍ଭ ପରେ ଯେତିକି ଶୀଘ୍ର ହୋଇପାରେ ଆମେ ସେତିକି ଶୀଘ୍ର ଆରମ୍ଭ କରିବା, ବୋଧହୁଏ ମାର୍ଚ୍ଚ, ଏପ୍ରିଲ, କିମ୍ଵା ସେହିପରି କିଛିରେ; ଯେଉଁଠାରେକି ଆପଣ ଷ୍ଟକହୋମ କିମ୍ଵା ଓସ୍ଲୋରେ ଆରମ୍ଭ କରନ୍ତି, ଆଉ ପୃଥିବୀର ଚାରିଆଡ଼େ ବୁଲନ୍ତି, ଯଦି ଆମେ ଏହି ପରବର୍ତ୍ତୀ ଗସ୍ତରେ ତାହା କରିପାରିବା ।

11 ଆଉ ତେବେ ମୁଁ ଘର ପରି ଅନୁଭବ କରେ, ଏକ ପ୍ରକାରେ ଅଳ୍ପ ଟିକେ ବିଶ୍ରାମ ନିଏ, ଯେପରିକି ମୁଁ ଏକ ପ୍ରକାରେ ନିଜକୁ ସଂଜୀବିତ କରେ ଓ ପୁନଃ ବଳପ୍ରାପ୍ତ ହୁଏ । ଆଉ ପ୍ରଭୁଙ୍କର ଇଚ୍ଛା ହେଲେ, ମୁଁ ପରବର୍ତ୍ତୀ ରବିବାର ଦିନ, ତଳେ କେଣ୍ଟକିରୁ ଫେରି ଆସିବି । ଏବଂ—ଏବଂ ଯଦି ଏହା ସବୁ ଠିକ୍ ଥିବ, ପ୍ରଭୁଙ୍କୁ ପ୍ରସନ୍ନ କରିବ, ଆଉ ଭାଇ ନେୱିଲ ଏହାକୁ ଅନ୍ୟତ୍ର କିଛି ନ ଭାବିବେ; ତେବେ, ଯଦି—ଯଦି ଏହା ପ୍ରଭୁଙ୍କର ଇଚ୍ଛା ହେବ, ମୁଁ ପରବର୍ତ୍ତୀ ରବିବାର ଦିନ ସେବା କରିବାକୁ ଚେଷ୍ଟା କରିବି । ଆଉ ଯଦି ସେ ସେତିକି ଇଚ୍ଛୁକ ହେବେ ଯେତିକି ଭାଇ ନେୱିଲ ଇଚ୍ଛୁକ ଅଟନ୍ତି, ତାହାହେଲେ ମୁଁ—ମୁଁ ଏଠାରେ ରହିବି । ହଁ ମହାଶୟ, ସେ ତ ସେତିକି…ଯଦି ସେ ତାହା ବିଷୟରେ ସେତିକି ଇଚ୍ଛୁକ ଥାଆନ୍ତି ଯେତିକି ଭାଇ ନେୱିଲ ଅଟନ୍ତି । ମୁଁ ଆଶା କରେ ଯେ ସେ ଅଟନ୍ତି । ତେବେ, ଦେଖନ୍ତୁ, ମୁଁ ସେତେବେଳେ ଜାଣିଯାଏ ଯେ ମୁଁ

ଶୀଘ୍ର ଆସୁଅଛି, ଯଦି ତାହା ପ୍ରଭୁଙ୍କର ଇଚ୍ଛା ଥାଏ, ତେବେ ମୁଁ ଆପଣମାନଙ୍କଠାରୁ ଅଳ୍ପ ସମୟ ନିମନ୍ତେ ଚାଲିଯିବାକୁ ଯାଉଅଛି।

12 ଆଉ ମୁଁ...ଠିକ୍ ଛୋଟ ଛୋଟ ବାର୍ତ୍ତାଗୁଡ଼ିକୁ, ଯେପରିକି ମୁଁ ମୋ ହୃଦୟରେ ଅଳ୍ପ କିଛି ଏକ ବିଷୟକୁ ପାଇଥାଏ, ତାହା ପରେ ମୁଁ—ମୁଁ—ମୁଁ ଏପରି ଅନୁଭବ କରେ ଯେ ମୁଁ ତାହାକୁ ଆପଣମାନଙ୍କୁ ଜଣାଇବାକୁ ଚାହେଁ, ଆପଣମାନେ ଦେଖନ୍ତୁ, ଓ ଆମେମାନେ ତାହାର ଚାରିପାଖେ ସହଭାଗୀତା କରିପାରୁ। ତେବେ, ମୋ ପାଖରେ ସେହିପରି କେତେଗୁଡ଼ାଏ ବିଷୟ ରହିଛି, ପାଞ୍ଚୋଟି କିମ୍ବା ଛଅଟି ଯାହାକି ବିଗତ କେତେ ଦିନ ହେଲା ଠିକ୍ ମୋ ପାଖକୁ ଆସିଛି। ଆଉ ମୁଁ, ଏଠାରେ ଦୁଇ ଦିନ ପାଇଁ, ଏଠାକୁ ବାହାରେ ଗୁଣ୍ଡୁଚି ମୂଷାର ଶିକାର ନିମନ୍ତେ ଯାଇଥିଲି। ଆଉ ମୁଁ ଜଙ୍ଗଲକୁ ଯାଏ, ଓ ମୋ ସହିତ ଗୋଟିଏ ପେନସିଲ ଓ କାଗଜ ନେଇଥାଏ। ବୁଝିଲେ? ତେବେ ପ୍ରାୟଃ ଏପ୍ରକାର ଏକ ସମୟରେ ଯେତେବେଳେକି ତାହା ଉଜ୍ଜ୍ୱଳ ଏବଂ ଦିବାଲୋକ ଥାଏ, ମୁଁ ସେତେବେଳେ କୌଣସି ଏକ ଗଛର ଆଢୁଆଳରେ ଆଉଜେଇ ହୋଇ ରହିଥାଏ। ଯଦି ମୁଁ ନିଦ୍ରା ଯାଏନାହିଁ, ମୁଁ ପ୍ରାର୍ଥନା କରିବା ଆରମ୍ଭ କରିଦିଏ, ଆଉ ତାହା ପରେ ମୁଁ, ସେତେବେଳେ ପ୍ରଭୁ ମୋତେ କିଛି ଦିଅନ୍ତି, ଆପଣ ଦେଖନ୍ତୁ, ମୁଁ ତାହାର ଛୋଟ ଛୋଟ ଟିପ୍ପଣୀମାନ ଲେଖିବାକୁ ଆରମ୍ଭ କରିଦିଏ। ଆପଣମାନେ ଜାଣନ୍ତି ଯେ ମୋହର କହିବାର ଅର୍ଥ କଅଣ; ଯେତେବେଳେ ଆପଣ ନିଜର ଚେତନାକୁ ଫେରନ୍ତି, ଆଉ ତେବେ ଆପଣ...ତାହା ପରେ ଏଠାରେ ମୁଁ ଘରକୁ ଆସେ, ସେସବୁକୁ କାଗଜର ଗୋଟିଏ ପଟ୍ଟାରେ ଲେଖିଦିଏ। ଆଉ ତାହା ପରେ ଯେତେବେଳେ ମୋତେ ଡକାଯାଏ, ମୁଁ ଶୀଘ୍ର ଯାଏ ଏବଂ ମୋ'ର ପଟ୍ଟାକୁ ନିଏ ଓ ସେଥିରେ ଦେଖିବା ଆରମ୍ଭ କରିଦିଏ ଆଉ ଦେଖେ ଯେ ମୁଁ କେଉଁଟା ଆରମ୍ଭ କରିପାରିବି, ଆପଣ ଦେଖନ୍ତୁ। ତାହାହିଁ ଅଟେ ଯାହାକି ବର୍ତ୍ତମାନ ଘଟିଅଛି।

13 ଏଣୁ ବର୍ତ୍ତମାନ, ମୁଁ ଚାହେଁ ଯେ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ତେବେ ଟିକେ କହିବି...ମୁଁ ଏହା କରିବାକୁ ଚେଷ୍ଟା କରୁଛି...ସେହି ବଡ଼ ବଡ଼, ଲମ୍ବା ବାର୍ତ୍ତାଗୁଡ଼ିକୁ କାଟି ଛୋଟ କରିଦେବାକୁ, ଆପଣମାନେ ଦେଖନ୍ତୁ; ଯେଉଁଠାରେକି ତାହା ଆପଣଙ୍କୁ ଘଣ୍ଟା ଘଣ୍ଟା ସମୟ ନେଇନିଏ। ଆଉ ଗତରାତ୍ରି ସେଠାରେ ଚିକାଗୋ ସହରରେ, ପ୍ରଭୁ ମୋତେ ତାହାର ଗୋଟିଏ ଅତି ଛୋଟ ସେବା କରିବା ପାଇଁ ସାହାଯ୍ୟ କଲେ, ପ୍ରାୟଃ ତିରିଶି ମିନଟ୍ ଥିଲା। ଆଉ କେହି ଜଣେ ସେଠାରେ ବୁଲିକରି ଆସିଲେ, କହିଲେ, "ମୁଁ ଭାବି ନ ଥିଲି ଯେ ଏହା ଆପଣଙ୍କ ଭିତରେ ଥିଲା, ମାତ୍ର ଆପଣ ତାହା କଲେ!" ତେବେ ତିରିଶ ମିନିଟ୍, ଅଢ଼େଇ ଘଣ୍ଟା, କିମ୍ବା ତିନି ଘଣ୍ଟାରୁ ନେଇ, ଆପଣମାନେ ଜାଣନ୍ତି। ତେବେ ହୋଇପାରେ ଯେ ମୁଁ ଆଜିରାତ୍ରି ଶୀଘ୍ର କରିବି ଓ ଅଳ୍ପ ଅଭ୍ୟାସ କରିବି, ଯେପରିକି ଆପଣମାନଙ୍କୁ ଅଧିକ ସମୟ ଧରି ନ ରଖେ।

14 ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ। ଏଥିରେ କିଛି ଯାଏ ଆସେ ନାହିଁ ଯେ ମୁଁ କେଉଁ ସ୍ଥାନକୁ ଯାଏ, ଏଠାରେ ଏହି ଆରାଧନାଳୟ ପରି ଅନ୍ୟ କୌଣସି ସ୍ଥାନ ହେବ ନାହିଁ। ଏହା ତ ଘର, ସୁମଧୁର ଘର ଅଟେ। ଆଉ ମୁଁ ୱେଭର ପରିବାର ସହିତ ସହାନୁଭୂତି ରଖେ। ଏବଂ ଏହି ବହୁମୂଲ୍ୟ ଅଶ୍ୱେତ ଭାଇ ସହିତରେ ସହାନୁଭୂତି ରଖେ ଯିଏକି ମୃତ୍ୟୁବରଣ

କଲେ, ତାଙ୍କର ଠିକ୍ ଚାଲିଯିବା ପୂର୍ବରୁ ମୁଁ ଅଳ୍ପ ସମୟ ତାଙ୍କ ସହିତରେ ପ୍ରାର୍ଥନା କରିଥିଲି, ଆଉ ସେ ଜଣେ ଏକ ଉତ୍ତମ ଚରିତ୍ରବିଶିଷ୍ଟ ବ୍ୟକ୍ତି ଥିଲେ । ଆଉ ବର୍ତ୍ତମାନ ସେ ପରମେଶ୍ୱରଙ୍କ ସହିତ ଘରେ ଅଛନ୍ତି, ଓ ଏହା ସବୁକିଛି ଶେଷ ହୋଇଛି । ଆଉ ଆପଣଙ୍କୁ ତ ଯାହାହେଲେ ବି ଯିବାକୁ ପଡ଼ିଥାଏ, ଓ ଆମେମାନେ ସମସ୍ତେ ତାହା ଜାଣୁ । ଏଣୁକରି ଆମେମାନେ...ଏହା ହେଉ ଯେ ପ୍ରଭୁ ସେମାନଙ୍କର ପ୍ରାଣଗୁଡ଼ିକୁ ଶାନ୍ତିରେ ବିଶ୍ରାମ ଦିଅନ୍ତୁ, ଆଉ କୌଣସି ଏକ ଦିନେ ଆମେମାନେ ଏକ ସୁଦୂର ଦେଶରେ ସାକ୍ଷାତ କରିବାକୁ ଆଶା କରୁ, ଯେଉଁଠାରେକି କୌଣସି ରୋଗ, ଦୁଃଖ, କିମ୍ବା ମୃତ୍ୟୁ ନାହିଁ । ତେବେ ସେପର୍ଯ୍ୟନ୍ତ, ଆସନ୍ତୁ ଆମେମାନେ ତାହା ସବୁକିଛି କରିବା ଯାହାକି ଆମେମାନେ ସୁସମାଚାର ନିମନ୍ତେ କରିପାରୁ ।

15 ଚାପ ବିଷୟରେ କହିବାକୁ ଗଲେ, ମୁଁ ତାହା ବିଷୟରେ ଆଜି ସକାଳରେ ପ୍ରାର୍ଥନା କରୁଥିଲି । ଯଦି ଆପଣଙ୍କର କୌଣସି ଚାପ ନ ଥାଆନ୍ତା ତେବେ ଆପଣ କ'ଣ କରୁଥାଆନ୍ତେ? କେବଳ ତାହା ବିଷୟରେ ଚିନ୍ତା କରନ୍ତୁ । ଚାପ ତ ଜୀବନର ଏକ ଭାଗ ଅଟେ । ଯେତେବେଳେ ମୁଁ ତାହା ବିଷୟରେ ଚିନ୍ତା କଲି ତାହା ମୋତେ ଏକ ପ୍ରକାର ଉତ୍ସାହିତ କଲା । ଯଦି ଆପଣଙ୍କର କୌଣସି ଚାପ ନ ଥିବ, ତେବେ ଆପଣ ଏକ ଛିଣ୍ଡା କନାର ଗୋଟିଏ କଣ୍ଢେଇ ତୁଲ୍ୟ ହୋଇଯିବେ, ଆପଣଙ୍କର କୌଣସି ଭାବନାଗୁଡ଼ିକ ନ ଥିବ । ଏପରି କିଛି ନ ଥିବ ଯାହାକୁ ନେଇ ଆପଣ କାମ କରିପାରିବେ । ଯେପରିକି ଜଣେ ସ୍ୱାମୀ ଏବଂ ଜଣେ ସ୍ତ୍ରୀ, ହୋଇପାରେ ଯଦି ସ୍ତ୍ରୀ କିଛି ବିଷୟ କରିବାକୁ ଚାହାଁନ୍ତି, ଆଉ ସେମାନେ ଦୁହେଁ ମିଶି କାମ କରିବାକୁ ଚେଷ୍ଟା କରୁଛନ୍ତି (ବିଶେଷତଃ ଖ୍ରୀଷ୍ଟିୟାନମାନେ), ଏବଂ ସେହି ଅନ୍ୟ ଜଣକା ଚାହାଁନ୍ତି...ଆଉ ତାହା ପରେ ଯେତେବେଳେ ଆପଣ ଏକ ସଙ୍ଗରେ ଆସନ୍ତି...ଆପଣ ଏହା ପାଆନ୍ତି ଯେ ସେହି ସ୍ତ୍ରୀ କଅଣ କରିଛନ୍ତି; ସେହି ସ୍ତ୍ରୀ ପାଆନ୍ତି...ଦେଖନ୍ତୁ, ସେହି ଚାପ ଆପଣମାନଙ୍କୁ ବାସ୍ତବରେ ଆହୁରି ନିକଟବର୍ତ୍ତୀ ନେଇ ଆସିଥାଏ । ଆଉ କେହି ଜଣେ ଆପଣଙ୍କୁ କୁହନ୍ତି ଯେ, "ଠିକ୍ ଅଛି," କୁହନ୍ତି, "ସେହି ସାନ ସ୍ତ୍ରୀ ବିଷୟରେ କେବଳ ଚିନ୍ତା କରନ୍ତୁ ଯିଏକି ଅତିଶୟ ଚାପ ଦେଇ ଗତି କରିଥିଲା ଯେତେବେଳେ ଆପଣ ସୁସ୍ଥ ନ ଥିଲେ," କିଅବା "ସେହି ସ୍ୱାମୀ ଅତିଶୟ ଚାପ ଦେଇ ଗତି କରିଥିଲେ ଯେତେବେଳେ ଆପଣ ସୁସ୍ଥ ନ ଥିଲେ । ତାହା ପରେ ଯେତେବେଳେ ଏହା ସବୁ କ୍ଷମା ହୋଇଯାଏ, ତେବେ ଦେଖନ୍ତୁ ଯେ ଆପଣ ତାହାଙ୍କ ବିଷୟରେ କିପରି ଅନୁଭବ କରିଥିଲେ । ମୋହର ପ୍ରଭୁ, ଆପଣ ତ କେବଳ..." ଦେଖନ୍ତୁ, ଆପଣଙ୍କର ତ ଚାପ ରହିବାକୁ ଥାଏ । ତାହାହିଁ ସବୁକିଛି ଅଟେ ।

16 ଆହୁରି କେବଳ ଚିନ୍ତା କରନ୍ତୁ, ଭାବନାଗୁଡ଼ିକ ବିଷୟରେ, କଅଣ ହୁଏ ଯଦି ଆପଣଙ୍କର କୌଣସି ଭାବନା, କୌଣସି ଯନ୍ତ୍ରଣା କିଅବା କିଛିହେଲେ ନ ଥାଏ? କଅଣ ହେବ ଯଦି ସେଠାରେ ଆଦୌ କୌଣସି ଯନ୍ତ୍ରଣା ନ ଥାଏ? ଆପଣଙ୍କର ତ ଆଦୌ କୌଣସି ଭାବନାମାନ ରହିବ ନାହିଁ । ବୁଝିଲେ? ଆଉ ଯଦି ଆପଣଙ୍କର କୌଣସି ଭାବନା ରହିବ ନାହିଁ, ତାହାହେଲେ ଆପଣଙ୍କର ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ଗୋଟିଏ କାମ କରୁ ନ ଥିବ । ବୁଝିଲେ? ଏଣୁ, ଦେଖନ୍ତୁ, ସମସ୍ତକିଛି ବିଷୟ ଯେକୌଣସି ଉପାୟରେ ବି ଠିକ୍ ଅଛି । ତେଣୁ, "ପରମେଶ୍ୱର, ଆମମାନଙ୍କୁ

କେବଳ ତାହା ସହିତରେ ଛିଡ଼ା ହେବା ପାଇଁ ଅନୁଗ୍ରହ ଦିଅନ୍ତୁ," ତାହାହିଁ ସେହି ବିଷୟ ଅଟେ। ଯଦି ଆମେମାନେ କେବଳ ସେହି ଅନୁଗ୍ରହ ସହିତରେ ଛିଡ଼ା ହେବା, ଓ ସେଠାରେ ଛିଡ଼ା ହୋଇ ଏହା କହିବା, "ଆମେ ଜାଣୁ ଯେ ଯେତେବେଳେ ଏହି ଜୀବନଟି ଶେଷ ହୋଇଯାଏ, ସେହି ମହାନ ବିଷୟଟି ସେହି ଅନ୍ୟ ପଟରେ ରହିଅଛି ଯେଉଁଠାକୁକି ଯିବା ପାଇଁ ଆମେମାନେ ଅପେକ୍ଷା କରୁଅଛୁ।" ଆଉ ତେବେ, ଆମେମାନେ—ଆମେମାନେ ମନେ ରଖୁ ଯେ ଏହିସବୁ ବିଷୟଗୁଡ଼ିକ, ତାହା ଏକ ଚାପ ଅଟେ।

17 ଯେପରିକି, କେତେକ ଲୋକ ଖ୍ରୀଷ୍ଟିୟାନ ବିଶ୍ୱାସକୁ ଏହିପରି ଭାବରେ ପରିବେଷଣ କରିବାକୁ ଚେଷ୍ଟା କରନ୍ତି, ଯେ "ଆପଣ ଚିନ୍ତାରୁ ମୁକ୍ତ ଅଟନ୍ତି। ଆପଣ ତ..." ନା, ଆପଣ ନୁହଁନ୍ତି। "ଆପଣ ଚାପରୁ ମୁକ୍ତ ଅଟନ୍ତି।" ଓଃ, ନୁହେଁ। ଆପଣ ଯେତେବେଳେ ଏକ ଖ୍ରୀଷ୍ଟିୟାନ ହୁଅନ୍ତି ଆପଣ ଚାପକୁ ଯୋଗ କରନ୍ତି, କାରଣ ଆପଣ ତ ଏକ ପ୍ରକାର ଆରାମ-ପସନ୍ଦ କରୁଥିବା, ଆନନ୍ଦ-ମୌଜ-ସୌଭାଗ୍ୟ ଥିବା ବ୍ୟକ୍ତି ଥିଲେ, ସେଠାରେ ତାହା ଯାହାକିଛି ବି ଥିଲା, ଏଥିରେ ଖାତିର୍ କରୁ ନ ଥିଲେ ଯେ ଆପଣ କରୁଥିଲେ।

18 ମାତ୍ର ଯେତେବେଳେ ଆପଣ ଏକ ବାସ୍ତବିକ ଖ୍ରୀଷ୍ଟିୟାନ ହୋଇଛନ୍ତି, ପ୍ରତ୍ୟେକ ମୁହୂର୍ତ୍ତରେ ଆପଣ ଆଶ୍ଚର୍ଯ୍ୟ କରୁଛନ୍ତି ଯେ, "କ'ଣ ମୁଁ ମୋହର ପ୍ରଭୁଙ୍କୁ ପ୍ରସନ୍ନ କରୁଅଛି କି? ଯଦି ମୁଁ ତାହାଙ୍କଠାରୁ କିଛି ଶୁଣିପାରନ୍ତି!" ଏହା ଆପଣଙ୍କୁ ଚାପରେ ପକାଇଦିଏ, ଆପଣଙ୍କୁ ସଜାଗ କରାଇଦିଏ। ତାହାହିଁ ଆପଣଙ୍କୁ ତାହା କରି ଗଢ଼ିଥାଏ ଯାହାକି ଆପଣ ଅଟନ୍ତି। ତେଣୁ ଅବଶେଷରେ, ଚାପ ଏକ ଆଶୀର୍ବାଦ ଅଟେ। ଏହା ତ ଠିକ୍ ସେପରି ଅଟେ ଯେପରି ଭାବରେ ଆପଣ ଏହାକୁ ଅନାଉଛନ୍ତି। ଏହା ତ ଠିକ୍ ସେପରି ଅଟେ ଯେପରି ଭାବରେକି ଆପଣ ଏହାକୁ ଦେଖୁଛନ୍ତି। ବୁଝିଲେ? ଯଦି ଆପଣ ଠିକ୍ ଅନ୍ୟ ପଟକୁ ଦେଖନ୍ତି, ତେବେ ସେଠାରେ—ସେଠାରେ...ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କୌଣସି ବିଷୟକୁ କେତେ ପତଳା କରି କାଟନ୍ତି, ଆପଣ ଦେଖନ୍ତୁ, ତଥାପି ଆପଣଙ୍କୁ ତା'ର ଦୁଇଟି ପକ୍ଷ ମିଳିଥାଏ। ଏଣୁ ଆପଣ ଉଭୟ ପକ୍ଷକୁ ଦେଖିବାକୁ ଚାହିଁବେ।

19 ଏଣୁ ଚାପ...ମୁଁ ଭାବେ, "ଓଃ ମୋହର ପ୍ରଭୁ, ତାହା ତ...ଏହି ଚାପ କଅଣ ଅଟେ? ଯଦି ମୁଁ ଏହି ଚାପ ବିନା ଜନ୍ମ ନେଇ ପାରିଥାଆନ୍ତି।" ତେବେ, ଯଦି ମୋହର ଏହି ଚାପ ନ ଥାଆନ୍ତା, ତାହାହେଲେ ମୁଁ ତାହା ହୋଇ ନ ଥାଆନ୍ତି ଯାହା ମୁଁ ଅଟେ। ବୋଧହୁଏ, ମୁଁ ଖ୍ରୀଷ୍ଟିୟାନ ବି ହୋଇ ନ ଥାଆନ୍ତି। ତାହା ତ ଏହି ଚାପ ଥିଲା ଯାହାକି ମୋତେ ଯୀଶୁ ଖ୍ରୀଷ୍ଟଙ୍କ ପାଖକୁ ଟାଣି ଆଣିଲା। ବୁଝିଲେ? ଏଣୁ, ଏହା ତ ମୋ ପାଇଁ ଏକ ଆଶୀର୍ବାଦର ବିଷୟ ରହିଆସିଛି।

20 ଏଣୁ ତେବେ, ଯେପରିକି ପାଉଲ କହିଲେ, ସତେ ଯେପରିକି ତାହାଙ୍କର ଯେତେବେଳେ ଏକ ଚାପ ରହିଥିଲା କିମ୍ବା କିଛି ଗୋଟାଏ ରହିଥିଲା କିଅବା ଅନ୍ୟ କିଛି ରହିଥିଲା, ସେ ପ୍ରଭୁଙ୍କଠାରେ ତିନି ଥର ନିବେଦନ କଲେ ଯେ—ଯେ ସେହି ବିଷୟ ତାହାଙ୍କଠାରୁ ଦୂର

କରି ଦିଆଯାଉ। ଆଉ ପ୍ରଭୁ କହିଲେ, "ଶାଉଲ, ମୋହର...ପାଉଲ, ମୋହର ଅନୁଗ୍ରହ ଯଥେଷ୍ଟ ଅଟେ।"

21 ସେ କହିଲେ, "ତେବେ, ମୁଁ ମୋହର ଦୁର୍ବଳତାରେ ଗୌରବ କରିବି। ତେବେ ଯେତେବେଳେ ମୁଁ ଦୁର୍ବଳ ଅଟେ, ସେତେବେଳେ ମୁଁ ବଳବାନ ଅଟେ।" ବୁଝିଲେ? ଯେତେବେଳ ପର୍ଯ୍ୟନ୍ତ ତାହା ପରମେଶ୍ୱରଙ୍କ ଇଚ୍ଛାରେ ଅଟେ, ଠିକ୍ ଅଛି।

22 ତେବେ, ମୁଁ ଗୋଟିଏ ଥର ତାହାଙ୍କୁ ନିବେଦନ କରିଥିଲି ଯେତେବେଳେ ତାହା ମୋତେ ଅତ୍ୟଧିକ କଷ୍ଟ ଦେଉଥିଲା, ତାହା ମୋତେ ଭୟାକ୍ରାନ୍ତ କରି ଦେଇଥିଲା। ଆଉ ସେ ମୋତେ କହିଲେ, ପ୍ରାୟଃ ଆଠ କିମ୍ବା ଦଶ ବର୍ଷ ପୂର୍ବେ, ସେ କହିଥିଲେ, "ତାହା ତୁମକୁ ଆଉ କେବେହେଲେ ଭୟଭୀତ କରିବ ନାହିଁ।" ଆଉ ତାହା ମୋତେ କେବେହେଲେ ଭୟଭୀତ କରିନାହିଁ। ନା, ମହାଶୟ; ତାହା ବିଷୟରେ ଘାବରା ହୁଅନ୍ତୁ ନାହିଁ—ନାହିଁ। ମୁଁ ତାହା କେବଳ ଅନୁଭବ କରିଥାଏ, ମାତ୍ର ମୁଁ ଜାଣେ ଯେ ତାହା ସେଠାରେ ଅଛି; କିନ୍ତୁ ମୁଁ ଠିକ୍ ଆଗକୁ ବଢ଼ିଯାଏ କାରଣ ତାହା ମୋତେ ଆଉ ଅଧିକ ଭୟଭୀତ କରାଏ ନାହିଁ, ଏଣୁ ତାହା ପାଇଁ ଧନ୍ୟବାଦ ହେଉ।

ତେବେ, ସେ କହି ପାରିଥାଆନ୍ତେ, "ତାହା ଅଧିକ ଆଉ ରହିବ ନାହିଁ," ଠିକ୍ ଯେପରିକି ତାହା ଥିଲା, "ତୁମେ ଆଉ ଅଧିକ ଭୟଭୀତ ହେବ ନାହିଁ।"

23 ଏଣୁ ଏହା ତ ତାହାଙ୍କର ଇଚ୍ଛା ଅଟେ ଯେ ତାହା ସେହିପରି ଘଟିଥାଏ, ଅତଏବ ମୁଁ ତାହାକୁ କେବଳ ଆଲିଙ୍ଗନ କରେ ଓ କୁହେ, "ପ୍ରଭୁ, ତୁମର ଧନ୍ୟବାଦ ହେଉ, ମୁଁ ସେହି ମାର୍ଗରେ ଚାଲିବି।"

24 ତେବେ, ଆସନ୍ତୁ ଆମେ ଆମର ମସ୍ତକଗୁଡ଼ିକୁ ଅଳ୍ପ କ୍ଷଣ ପ୍ରାର୍ଥନା ନିମନ୍ତେ—ନିମନ୍ତେ ନତ କରିବା। କଅଣ ପ୍ରାର୍ଥନା ନିମନ୍ତେ କିଛି ବିଶେଷ ନିବେଦନ ଅଛି କି? (ମୁଁ ଦେଖୁଛି ଯେ ରୁମାଲଗୁଡ଼ିକ ଏଠାରେ ରଖା ହୋଇଅଛି।) ନିଜର ହାତ ଉଠାନ୍ତୁ। ପ୍ରଭୁ, ତୁମର ପ୍ରତ୍ୟେକ ସନ୍ତାନମାନଙ୍କୁ ଆଶୀର୍ବାଦ କର।

25 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ବର୍ତ୍ତମାନ ଯେତେବେଳେ ଆମେ ତୁମର ଅନୁଗ୍ରହର ମହାନ, ଭବ୍ୟ ସିଂହାସନ ନିକଟକୁ ଆସୁଅଛୁ, କାରଣ ଆମମାନଙ୍କୁ ଆସିବାକୁ କୁହାଯାଇଅଛି। ଆମେମାନେ ଯୀଶୁ ଖ୍ରୀଷ୍ଟଙ୍କ ଡାକରାରେ ଆସୁଅଛୁ। ଆଉ ଆମେମାନେ ଆମର ସମସ୍ତ ଚିନ୍ତାଗୁଡ଼ିକ ସହିତରେ ଆସୁଅଛୁ, ଏବଂ ସେସବୁକୁ ତାହାଙ୍କ ଉପରେ ଦେଇ ଦଉଅଛୁ କାରଣ ସେ ଆମମାନଙ୍କ ନିମନ୍ତେ ଚିନ୍ତା କରନ୍ତି। ତାହା କେଡ଼େ ଏକ ସାନ୍ତ୍ୱନାର ବିଷୟ ଅଟେ, ଯେ ଏହା ଜାଣିବା ଯେ ସେ ଆମ ପାଇଁ ଚିନ୍ତା କରନ୍ତି। ସ୍ୱର୍ଗର ସେହି ମହାନ ପରମେଶ୍ୱର, ସେହି ସୃଷ୍ଟିକର୍ତ୍ତା, ଆମମାନଙ୍କ ପାଇଁ, ତାହାଙ୍କର ସୃଷ୍ଟି ପାଇଁ ଚିନ୍ତା କରନ୍ତି। ପ୍ରଭୁ, ଆମେ ତାହା ପାଇଁ କେତେ ଆନନ୍ଦିତ ଅଟୁ। ତାହା କେଡ଼େ ଏକ ସାନ୍ତ୍ୱନାର ବିଷୟ ଅଟେ ଯେ ଏହି ସମୟଗୁଡ଼ିକରେ ଯେଉଁଥିରେକି ଆମେମାନେ ରହୁଅଛୁ, ଯେତେବେଳେକି ଏପରି ଦିଶିଥାଏ ଯେ କେବଳ

ତୁମର ବାକ୍ୟ ଛଡ଼ା ଆଉ ଅନ୍ୟ କୌଣସି ବିଷୟଠାରୁ ସାନ୍ତ୍ୱନା ପାଇବା—ବା ସମ୍ଭବ ନୁହେଁ। ତାହାହିଁ ଆମମାନଙ୍କର ସାନ୍ତ୍ୱନାମୂଳକ ଅଟେ, ଯାହାକି ତୁମର ପ୍ରତିଜ୍ଞା ଅଟେ। ଆଉ ତୁମର ପ୍ରତିଜ୍ଞାରେ, ତୁମେ କହିଛ ଯେ ତୁମମାନଙ୍କର ନିବେଦନଗୁଡ଼ିକ ଜଣାଅ, ଓ "ଯଦି ତୁମେ ମୋ ନାମରେ ଯେକୌଣସି ବିଷୟ ମାଗିବ, ମୁଁ ତାହା ପ୍ରଦାନ କରିବି।" ଆଉ ଏହି ସମସ୍ତ ମହାନ ପ୍ରତିଜ୍ଞାଗୁଡ଼ିକ: "ମାଗ ଓ ତୁମେ ତାହା ପାଇବ। ଯଦି ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଆଉ ସନ୍ଦେହ ନ କର, ତେବେ ତାହା ଘୁଞ୍ଚିଯିବ।" ଏହି ସମସ୍ତ ପ୍ରତିଜ୍ଞାମାନ, ପୁଣି ଆମେମାନେ ସେଥିରୁ ଠିକ୍ ତାହା ଟାଣି ନେଇପାରିବା ଯାହାକି ଆମେମାନେ ପ୍ରୟୋଜନ କରୁଛୁ।

26 ପ୍ରଭୁ, ହସ୍ତଗୁଡ଼ିକ ଉପରକୁ ଉଠିଅଛି, ସେମାନଙ୍କର କିଛି ପ୍ରୟୋଜନ ଅଛି। ତୁମେ ସେମାନଙ୍କର ପ୍ରୟୋଜନ ଜାଣିଛ; ତାହା ଯୋଗାଇ ଦିଅ, ପିତା। ମୁଁ ମୋହର ପ୍ରାର୍ଥନାକୁ ସେମାନଙ୍କ ସହିତରେ ମିଶାଇ ତୁମ ସମ୍ମୁଖରେ ରଖୁଅଛି, ମୋହର ହାତକୁ ସେମାନଙ୍କ ସହିତରେ ମିଶାଉଅଛି। ଏଠାରେ ଏହି ମେଜ ଉପରେ ଏଠାରେ, ରୁମାଲଗୁଡ଼ିକ ଏଠାରେ ରଖା ହୋଇଅଛି। ଓଃ, କିପରି ଯେ ସେହି ଲୋକମାନେ ବିଶ୍ୱାସ ସହିତ, ସାହାସିକ ବିଶ୍ୱାସ ସହିତ, ପ୍ରଭୁ…ଏହିପରି କିଛି ଲାଗେ ଯେଉଁଥିରେକି ତୁମେ ମୋତେ ଆଶୀର୍ବାଦ କରିଛ, ଯେ ଅସୁସ୍ଥ ଲୋକମାନଙ୍କ ପାଇଁ ଯେପରି ପ୍ରାର୍ଥନା କରିପାରେ। ଯେଉଁଠାରେ ବି, କୌଣସିଠାରେ ବି, ଯେଉଁଠାକୁ ବି ମୁଁ ଯାଏ, ଏହା ତ ଅସୁସ୍ଥ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବା ବିଷୟରେ କିଛି ଗୋଟାଏ ଅଟେ। ପରମେଶ୍ୱର, ବର୍ତ୍ତମାନ ସାହାଯ୍ୟ କର। ମୁଁ ନିଷ୍ପାପର ଭାବରେ ପ୍ରାର୍ଥନା କରେ ଯେ ତୁମେ ଏହି ରୁମାଲଗୁଡ଼ିକର ନିବେଦନଗୁଡ଼ିକୁ ପ୍ରଦାନ କରିବ ଯାହାକି ଏଠାରେ ରଖା ହୋଇଅଛି, ସେହି ଲୋକମାନେ ଯେଉଁମାନେକି ଏହା ମାଗିଛନ୍ତି। ତୁମର ଦୟା ସେମାନଙ୍କ ଉପରେ ହେଉ।

27 ପ୍ରଭୁ, ଆମେମାନେ ବୁଝୁ ଯେ ଭଉଣୀ ହିକ୍ସଙ୍କ ପାଖରେ ଏଠାରେ ଜଣେ ସ୍ତ୍ରୀଲୋକଟିଏ ଅଛନ୍ତି, ଯିଏକି ଅତି ଦୂରରୁ କେଉଁସ୍ଥାନରୁ ପ୍ରାର୍ଥନା କରାଯିବା ନିମନ୍ତେ ଉଡ଼ାଜାହାଜରେ ହୋଇ ଆସିଛନ୍ତି, ଯାହାଙ୍କୁ କର୍କଟ ରୋଗ ଅଛି; ଆଉ ସେ ଜାଣିବାକୁ ଇଚ୍ଛା କରିଛନ୍ତି ଯେ ଯଦି ସେ ସେହି ସ୍ତ୍ରୀଲୋକଙ୍କୁ ଏଠାକୁ ନେଇ ଆସିପାରିବେ କି। ପରମେଶ୍ୱର, ମୁଁ ପ୍ରାର୍ଥନା କରେ, ଯେ ତୁମେ ସେହି ବ୍ୟକ୍ତିଙ୍କର ଜୀବନକୁ ବଞ୍ଚାଇ ଦେବ; ଏହା ପ୍ରଦାନ କରିବ। ମୋହର ଛୋଟ ପୁତୁରା, ମିକି, ଯିଏକି ଅତି ଉଚ୍ଚ ଜ୍ୱରରେ ପୀଡ଼ିତ ଅଛି, ଅସୁସ୍ଥ ଅଛି ଓ ବାନ୍ତି କରୁଛି, ଠିକ୍ ବର୍ତ୍ତମାନ ହିଁ ଏହି ଦ୍ୱାର ଦେଇ ବାହାରି ଅଛି। ପ୍ରଭୁ, ମୁଁ—ମୁଁ ବିଶ୍ୱାସ କରେ ଯେ ଆମମାନଙ୍କର ସେଠାରେ ବିଶ୍ୱାସର ପ୍ରାର୍ଥନା ହୋଇଥିଲା ଯେ ତୁମେ ତାହାକୁ ରୋକି ଦେଇଅଛ, ଏବଂ ମୁଁ—ମୁଁ—ମୁଁ ଏଇଥି ପାଇଁ ତୁମର କୃତଜ୍ଞ ଅଟେ, ଏହା ଅନୁଭବ କରି ଯେ ସେହି ଜ୍ୱର ସେହି ବାଳକକୁ ଛାଡ଼ି ଚାଲିଯାଇଛି ଏହା ପୂର୍ବେକି ମୁଁ ସେହି କକ୍ଷରୁ ବାହାରିଥିଲି।

28 ତେବେ, ପ୍ରଭୁ…ପୁଣି ଏହି ସମସ୍ତ ବିଷୟଗୁଡ଼ିକ ପାଇଁ ତୁମକୁ ଧନ୍ୟବାଦ କରେ। ବର୍ତ୍ତମାନ ତୁମର ବାକ୍ୟ କହିବା ପାଇଁ ଏହା ମୋହର ପାଳି ପଡ଼ିଛି। ପ୍ରଭୁ, ତୁମର ବାକ୍ୟ ଆମମାନଙ୍କୁ ପ୍ରଦାନ କର। "ତୁମର ବାକ୍ୟ ସତ୍ୟ ଅଟେ।" ଆମମାନଙ୍କର ପ୍ରାଣଗୁଡ଼ିକୁ

ଆଶୀଷିତ କର ଏବଂ ସେହି—ସେହି ଅନୁଗ୍ରହକୁ ପ୍ରଦାନ କର ଯାହା ଆମମାନଙ୍କର ପ୍ରୟୋଜନ ଅଛି, ଯେପରିକି ଆମେମାନେ ଆଜିରାତ୍ରି ପରମେଶ୍ୱରଙ୍କର ପ୍ରତିଜ୍ଞାମାନରୁ ତାହା ଟାଣିପାରୁ, ଯାହାକି ତୁମର ବାକ୍ୟରେ ଅଛି, ଯେପରିକି ତାହା ଆମକୁ ଅବଶିଷ୍ଟ ସପ୍ତାହ ସାରା ପରିପୋଷିତ କରିବ; ଏହା ପ୍ରଦାନ କର । ଆମର ପାଳକଙ୍କୁ, ଏହି ବୀର ପ୍ରାଣକୁ ଆଶୀଷିତ କର, ତାଙ୍କର ପତ୍ନୀଙ୍କୁ, ତାଙ୍କର ସନ୍ତାନମାନଙ୍କୁ, ସେହି ଦୀକନମାନଙ୍କୁ, ତତ୍ତ୍ୱାବଧାରକ ଟ୍ରଷ୍ଟିମାନଙ୍କୁ, ଏବଂ ପ୍ରତ୍ୟେକ ସେହି ବ୍ୟକ୍ତିଙ୍କୁ ଆଶୀର୍ବାଦ କର ଯିଏକି ଏହି ଭବନ ଭିତରକୁ ଆସେ କିମ୍ବା ଏଥିରୁ ବାହାରକୁ ଯାଏ; ପିତା, ଏହା ପ୍ରଦାନ କର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆମେ ଏହି ଆଶୀର୍ବାଦଗୁଡ଼ିକୁ ମାଗୁଅଛୁ । ଆମେନ୍ ।

29 ତେବେ, ମୁଁ ପ୍ରଭୁଙ୍କ ଲେଖନୀର ଦୁଇଟି ସ୍ଥାନରୁ ପାଠ କରିବାକୁ ଚାହେଁ । ପ୍ରଥମେ ମୁଁ ଗୀତ ସଂହିତା ପୁସ୍ତକରୁ ପାଠ କରିବାକୁ ଚାହେଁ, ତା'ର ୫୦ତମ ଗୀତ । ଆଉ ତାହା ପରେ ସାଧୁ ମାଥିଉଙ୍କ ପୁସ୍ତକରୁ, ତାହାର 16ଶ ପର୍ବ, 1 ରୁ 3 ଯାଏ ପାଠ କରିବାକୁ ଚାହେଁ । ଆଉ ମୁଁ ଏହି ଗୀତର ଅଂଶଟିଏ ପାଠ କରିବାକୁ ଚାହେଁ, ଏହାର ସମ୍ପୂର୍ଣ୍ଣ ଗୀତଟି ନୁହେଁ ମାତ୍ର ତଳକୁ ପ୍ରାୟଃ 11ଶ ପଦ ଯାଏ, ଯାହାକି ତାହାର ଅଧେରୁ ଅଳ୍ପ ଟିକେ ଅଧିକ ଅଟେ ।

30 ଆଉ ମୁଁ ଏହାକୁ ଏହିପରି ଭାବେ ଡାକିବାକୁ ଚାହେଁ, ଯଦି ମୁଁ ଏହାକୁ ମୂଳପାଠ ବୋଲି କହିପାରେ, ଏହା ପୂର୍ବେକି ମୁଁ ଏହା ଉପରେ ପ୍ରଚାର କରେ: *ଏକୀକରଣର ସମୟ ଏବଂ ଚିହ୍ନ* । "ଏକୀକରଣ ସମୟର ଚିହ୍ନ," ତାହା ଏକପ୍ରକାର ଜଟିଳ ପରି ଶୁଭାଯାଏ । *ଏକୀକରଣର* (ବୁଝିଲେ?) *ସମୟ*, ଏକୀକରଣର ସମୟ, ଏହାହିଁ ତ ତାହା ଯାହାକି ବର୍ତ୍ତମାନ ଅଟେ । ଏବଂ ସେହି ଏକୀକରଣ ସମୟର ସେହି *ଚିହ୍ନ* ।

31 ଗୀତ ସଂହିତାରେ—ରେ, ଦାଉଦଙ୍କର ଏକ ପ୍ରାର୍ଥନା, ସେହି ୫୦ତମ ଗୀତ ।

*ହେ ସଦାପ୍ରଭୋ, କର୍ଣ୍ଣ ଡେରି ମୋତେ ଉତ୍ତର ଦିଅ: କାରଣ ମୁଁ ଦରିଦ୍ର ଓ ଦୀନହୀନ ।*

*ମୋହର ପ୍ରାଣ ରକ୍ଷା କର; ଯେହେତୁ ମୁଁ ପରମେଶ୍ୱର-ପରାୟଣ: ହେ ମୋହର ପରମେଶ୍ୱର, ତୁମ୍ଭଠାରେ ଭରସାକାରୀ ଦାସର ପରିତ୍ରାଣ କର ।*

*ହେ ପ୍ରଭୋ, ମୋ ପ୍ରତି ଦୟାଳୁ ହୁଅ: କାରଣ ମୁଁ ଦିନଯାକ ତୁମ୍ଭ ନିକଟରେ ଡାକ ପକାଏ ।*

*ଆପଣା ଦାସର ପ୍ରାଣ ଆନନ୍ଦିତ କର: କାରଣ, ହେ ପ୍ରଭୋ, ମୁଁ ତୁମ୍ଭଆଡ଼େ ଆପଣା ପ୍ରାଣ ଉଠାଏ ।*

*ଯେହେତୁ, ହେ ପ୍ରଭୋ, ତୁମ୍ଭେ ମଙ୍ଗଳମୟ, ଓ କ୍ଷମା କରିବାକୁ ପ୍ରସ୍ତୁତ; ପୁଣି ତୁମ୍ଭ ନିକଟରେ ପ୍ରାର୍ଥନାକାରୀ ସମସ୍ତଙ୍କ ପ୍ରତି ଦୟାରେ ମହାନ ।*

*ହେ ସଦାପ୍ରଭୋ, ମୋ ପ୍ରାର୍ଥନାରେ କର୍ଣ୍ଣପାତ କର;...ମୋ ନିବେଦନର ରବରେ ମନୋଯୋଗ କର ।*

*ମୋହର ସଙ୍କଟ ଦିନରେ ମୁଁ ତୁମ୍ଭକୁ ଡାକିବି: କାରଣ ତୁମ୍ଭେ ମୋତେ ଉତ୍ତର ଦେବ ।*

ଓଃ, କଅଣ ତାହା ସୁନ୍ଦର ନୁହେଁକି? "ତୁମ୍ଭେ ମୋତେ ଉତ୍ତର ଦେବ ।"

*ହେ ପ୍ରଭୋ, ଦେବଗଣ ମଧ୍ୟରେ ତୁମ୍ଭ ତୁଲ୍ୟ କେହି ନାହିଁ; କିଅବା ତୁମ୍ଭ କର୍ମ ତୁଲ୍ୟ ଆଉ କୌଣସି କର୍ମ ନାହିଁ ।*

*ହେ ପ୍ରଭୋ, ତୁମ୍ଭର ସୃଷ୍ଟ ସକଳ ଦେଶୀୟ ଲୋକ ଆସି ତୁମ୍ଭ ଛାମୁରେ ପ୍ରଣାମ କରିବେ; ଓ ତୁମ୍ଭେ ଆପଣା ନାମକୁ ଗୌରବ କରିବ ।*

*କାରଣ ତୁମ୍ଭେ ମହାନ୍ ଓ ଆଶ୍ଚର୍ଯ୍ୟକର୍ମ କରୁଥାଅ: ତୁମ୍ଭେ ଏକମାତ୍ର ପରମେଶ୍ୱର ଅଟ ।*

ବର୍ତ୍ତମାନ ଧ୍ୟାନ ଦେଇ ଶୁଣନ୍ତୁ:

*ହେ ସଦାପ୍ରଭୋ, ତୁମ୍ଭର ପଥ ମୋତେ ଶିଖାଅ; ମୁଁ—ମୁଁ ତୁମ୍ଭ ସତ୍ୟତାରେ ଗମନ କରିବି: ତୁମ୍ଭ ନାମକୁ ଭୟ କରିବା ପାଇଁ ମୋତେ ଏକମନା କର ।* (ଏକମନା! ବୁଝିଲେ?)...*ତୁମ୍ଭ ନାମକୁ ଭୟ କରିବା ପାଇଁ ମୋତେ ଏକମନା କର ।*

32 ମୁଁ ବର୍ତ୍ତମାନ *ଏକୀକରଣ ଓ ସମୟ* ଚିହ୍ନ ବିଷୟରେ କଥାବାର୍ତ୍ତା କରୁଅଛି । ତେବେ, ସାଧୁ ମାଥିଉ ପୁସ୍ତକର 16ଶ ପର୍ବରେ:

*ଫାରୂଶୀ ଓ ସାଦ୍ଦୂକୀମାନେ ତାହାଙ୍କ ନିକଟକୁ ଆସି,* ତାହାଙ୍କୁ ପରୀକ୍ଷା... ଅଭିପ୍ରାୟରେ, *ସେମାନଙ୍କୁ ଆକାଶରୁ ଗୋଟିଏ ଚିହ୍ନ ଦେଖାଇବା ପାଇଁ ତାହାଙ୍କୁ ଅନୁରୋଧ କଲେ ।*

କିନ୍ତୁ *ସେ ସେମାନଙ୍କୁ ଉତ୍ତର ଦେଲେ, ସନ୍ଧ୍ୟା ସମୟରେ,* ତୁମ୍ଭେମାନେ *କହିଥାଅ,* ଏ... *ଏହା ଭଲ ପାଗ ହେବ: କାରଣ ଆକାଶ ଲାଲ ହୋଇଅଛି ।*

*ଆଉ ପ୍ରାତଃକାଳରେ କହିଥାଅ, ଏହା ତ* ମେଘୁଆ...*ଆଜି ଝଡ଼ ହେବ: କାରଣ ଆକାଶ ଲାଲ ଓ ମେଘୁଆ ହୋଇଅଛି । ହେ କପଟୀମାନେ,* ତୁମ୍ଭେମାନେ *ଆକାଶର ଲକ୍ଷଣର ଭେଦାଭେଦ ବୁଝି ପାରୁଅଛ; କିନ୍ତୁ* ତୁମ୍ଭେମାନେ କାଳର *ଲକ୍ଷଣସବୁ ବୁଝି ପାରୁ ନାହଁ?*

ଏହି ବାକ୍ୟର ପାଠ କରାଯିବାରେ ପ୍ରଭୁ ତାହାଙ୍କର ଅନୁଗ୍ରହକାରୀ ଆଶୀର୍ବାଦକୁ ଯୋଗ କରନ୍ତୁ ।

33 ତେବେ, ଆମେମାନେ ଏହି ଏକୀକରଣ ବିଷୟରେ, ଏକୀକରଣର ସମୟ ବିଷୟରେ; ଏକୀକରଣ ସମୟର ଚିହ୍ନ ବିଷୟରେ କଥାବାର୍ତ୍ତା କରୁଅଛୁ । ଦେଖନ୍ତୁ, ଯୀଶୁ ଏଠାରେ, ଏହି ଶେଷ ଶାସ୍ତ୍ରାଂଶର ପାଠ କରାଯିବାରେ, ସେ ଯାଜକବର୍ଗଙ୍କୁ ସେହି କାଳକୁ କିମ୍ବା ସେହି

କାଳର ଲକ୍ଷଣକୁ ନ ବୁଝି ପାରୁଥିବା ପାଇଁ ଭର୍ତ୍ସନା କରୁଥିଲେ । ତେବେ, ଦେଖନ୍ତୁ, ତାହା ତ ଲୋକମାନଙ୍କ ନିମନ୍ତେ ସଦାସର୍ବଦା ଏକ ମହାନ ବିଷୟ ରହି ଆସିଛି, ଯେ *ଆପଣ ରହୁଥିବା ସେହି କାଳର ଲକ୍ଷଣକୁ* ବୁଝି ପାରିବା ନିମନ୍ତେ ଯୋଗ୍ୟ ହେବା; ଯେହେତୁ ପରମେଶ୍ୱର ଏହାକୁ ଅତି ସରଳ ଭାବେ ଲେଖିଥାଆନ୍ତି ଯେପରିକି କେହିହେଲେ ତାହାଠାରୁ ବଞ୍ଚିତ ହୋଇପାରିବେ ନାହିଁ ।

34 ତେବେ, ସାଧାରଣତଃ, ମୁଁ ଯାଇଥାଏ ଓ ଅନ୍ୟ ସେବକମାନଙ୍କଠାରୁ ନେଇଥାଏ, ବାଇବଲ ସମୟରେ ଥିବା ପ୍ରଭୁଙ୍କର ଅନ୍ୟାନ୍ୟ ଦାସମାନଙ୍କର (ଯେପରିକି ନୋହଙ୍କ ସମୟର ଚିହ୍ନ, ଦାନିୟେଲଙ୍କ ସମୟର ଚିହ୍ନ ଏବଂ—ଏବଂ ପ୍ରଭୃତି ସବୁ, ବିଭିନ୍ନ ଚିହ୍ନମାନ), ମାତ୍ର ମୁଁ ଆଜିରାତ୍ରି ସମୟକୁ—କୁ ରକ୍ଷା କରିବା ହେତୁ ସେସବୁକୁ ଛାଡ଼ି ଦେବାକୁ ଚାହେଁ, ଯେପରିକି ହୋଇପାରୁ...ମାତ୍ର ଏହା ସଦାସର୍ବଦା ପରମେଶ୍ୱରଙ୍କ ମାର୍ଗ ହିଁ ରହିଅଛି, ଯେ ସେମାନଙ୍କୁ ସମୟର ଏକ—ଏକ ପ୍ରାକୃତିକ ଚିହ୍ନକୁ ଦିଆଯାଏ, ଯେପରିକି ସମସ୍ତେ ଏହା ଜାଣିବେ ଯେ ତାହା—ତାହା ଠିକ୍ କେଉଁ ସମୟ ଥିଲା । ଆଉ ଏହି ଫାରୂଶୀମାନେ ସେମାନଙ୍କର ସମୟକୁ ଜାଣିବା ଉଚିତ୍ ଥିଲା । ସେମାନଙ୍କୁ ଏହା ଜାଣିବା ଉଚିତ୍ ଥିଲା ଯେ ତାହା କେଉଁ ସମୟ ଥିଲା । ସେ ଅନ୍ୟ ଏକ ସ୍ଥାନରେ କହିଲେ, "ଯଦି ତୁମେମାନେ ମୋତେ ଜାଣିଥାଆନ୍ତ, ତେବେ ତୁମେ ମୋହର ଦିନକୁ ବି ଜାଣିଥାଆନ୍ତ ।" ବୁଝିଲେ? ଏହା—ଏହା ଅତି, ଏକ—ଏକ ମହାନ ବିଷୟ ଅଟେ ଯାହାକି ଆମେମାନେ ବୁଝୁ । ଦେଖନ୍ତୁ, "ବୁଝିବାର ଜ୍ଞାନ ବିନା!"

35 ତାହାହିଁ ଅଟେ ଯାହାକି ସେମାନେ ସଦାବେଳେ ଭବିଷ୍ୟଦ୍‌ବକ୍ତାଙ୍କ ବିଷୟରେ ଉକ୍ତି ଦେଉଥିଲେ, ସେମାନେ କହୁଥିଲେ, "ପୁଣି ତାଙ୍କ ପାଖରେ ପ୍ରଭୁଙ୍କର ଦର୍ଶନମାନ ଦ୍ୱାରା, ଏକ ବୁଝିବାର ଜ୍ଞାନ ଥିଲା । ଆଉ ପ୍ରଭୁଙ୍କର ବାକ୍ୟ ପୁରାତନ ସମୟର ସେହି—ସେହି ଭବିଷ୍ୟଦ୍‌ବକ୍ତାମାନଙ୍କ ପାଖକୁ ହିଁ ଆସିଥିଲା ।" ଦେଖନ୍ତୁ, ସେମାନଙ୍କ ପାଖରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା, ପ୍ରଭୁଙ୍କର ବାକ୍ୟ ଦେଇ, ଏକ ବୁଝିବାର ଜ୍ଞାନ ଥିଲା । ଆହୁରି ତେବେ, ସେହି ଭବିଷ୍ୟଦ୍‌ବକ୍ତାମାନେ ଏକ ଚିହ୍ନ ଦେଉଥିଲେ । ଯେପରିକି, ଜଣେ ମନୁଷ୍ୟ ଗୋଟିଏ କରରେ ଏତେ ସମୟ ପାଇଁ ଶୋଇ ରହିଥିଲା, ତାହା ପରେ ବୁଲି ପଡ଼ିଥିଲା ଏବଂ ଅନ୍ୟ କରରେ ଶୋଇଥିଲା । ଜଣେ ମନୁଷ୍ୟକୁ ତାହାର ବସ୍ତ୍ର ଚିରିବାକୁ ପଡ଼ିଥିଲା । ଏବଂ ଓଃ, ଅନେକ ବିଷୟମାନ ଅଛି ଯାହାକି ସେମାନେ ସେହି ଚିହ୍ନକୁ ଦେଖାଇବା ପାଇଁ କରିଥିଲେ ଯେଉଁଥିରେକି ସେମାନେ ରହୁଥିଲେ । ଆଉ ବର୍ତ୍ତମାନ ଆମେମାନେ ଜାଣୁ ଯେ ସେହି ପରମେଶ୍ୱର ଯିଏକି ସ୍ୱର୍ଗ ଏବଂ ପୃଥିବୀକୁ ନିର୍ମାଣ କରିଥିଲେ, ଏବଂ—ଏବଂ ତାହାଙ୍କର କାର୍ଯ୍ୟକୁ ଏହିପରି ଭାବରେ ରଖିଥିଲେ ଯେ ସେ ତାହାଙ୍କର ସମୟକୁ ଏକ ଚିହ୍ନ ଦ୍ୱାରା ବର୍ଣ୍ଣନା କରିଥାଆନ୍ତି, ସେହି ସମାନ ପରମେଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି । ଏଣୁ ଆମମାନଙ୍କୁ କିଛି ଗୋଟାଏ, ହେବା ଉଚିତ୍...ଯେତେବେଳେକି ଆମେମାନେ ସେହି—ସେହି ସମୟକୁ ଦେଖୁ ଯେଉଁଥିରେକି ଆମେମାନେ ରହୁଅଛୁ, ସେଠାରେ କିଛି ଗୋଟାଏ ବିଷୟ ରହିବା ଉଚିତ୍ ଯେ କେହିଜଣେ, କୌଣସିଠାରେ ସମସ୍ତ ବିଷୟକୁ ନଜର ରଖୁଥାଆନ୍ତି । ବୁଝିଲେ? କାରଣ

ପରମେଶ୍ୱର ଆମମାନଙ୍କୁ ଏକ ନିଶ୍ଚିତ ଚିହ୍ନ ନ ଦେଇ ଏହି ସମସ୍ତ ବିଷୟଗୁଡ଼ିକୁ ଘଟାଇବେ ନାହିଁ, ଯେ ଯେଉଁଠାରେ, ଯେପରି—ଯେପରିକି ଆମେମାନେ ତାହା ବୁଝିପାରୁ।

36 ତେବେ ଏଠାରେ ଆଜି ସେହି ବିଷୟ ଅଟେ, ଯେ ସେହି ଯାଜକବର୍ଗ, ଆମେମାନେ ତାହାକୁ ଠିକ୍ ଭାବେ ପଢ଼ି ନ ଥାଉ। ଏହା ତ ଠିକ୍ ସେହିପରି ଅଟେ ଯେପରିକି ତାହା ସେହିଦିନ ଥିଲା, ସେମାନେ ଏହା ଭାବି ନ ଥିଲେ ଯେ ତାହା ସେହି ସମୟ ଅଟେ। ସେମାନେ—ସେମାନେ ଭାବିଥିଲେ ଯେ ସେମାନେ ତ ସେତେବେଳେ ଅତିଶୟ ଶାନ୍ତିରେ ବସବାସ କରୁଅଛନ୍ତି, ଆଉ ତେଣୁକରି ସେମାନେ କୌଣସି ମଶୀହ ନିମନ୍ତେ ଅପେକ୍ଷା କରୁ ନ ଥିଲେ। ପୁଣି ଯୀଶୁ କହିଥିଲେ ଯେ ତାହାଙ୍କର ଆଗମନ ଏପରି ହେବ "ଯେପରି ଏକ ଚୋର ରାତ୍ରିରେ ଆସେ," ଯେତେବେଳେକି ସେହି—ଯେତେବେଳେକି ସେହି ଲୋକମାନେ ତାହାଙ୍କର ଆଗମନ ବିଷୟରେ ଅଜଣା ରହିଥିବେ। ମାତ୍ର ସେଠାରେ କେତୋଟି କୁମାରୀ କନ୍ୟାମାନେ ଥିଲେ ଯେଉଁମାନେକି ତାହାଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଅଧେ, ସେମାନଙ୍କର ପ୍ରଦୀପରେ ତେଲ ରଖିଥିଲେ ଓ ପ୍ରସ୍ତୁତ ଥିଲେ; ସେମାନେ ସେହି ଚିହ୍ନ ନିମନ୍ତେ ଅପେକ୍ଷା କରୁଥିଲେ। ଆଉ ଦେଖନ୍ତୁ, ତାହାହିଁ ସେମାନେ ଅଟନ୍ତି ଯାହାଙ୍କ ସହିତ ମୁଁ ଆଜିରାତ୍ରି କଥା ହେଉଅଛି, ସେମାନେ ଯେଉଁମାନେକି ବର୍ତ୍ତମାନ ସେହି ଚିହ୍ନକୁ, ତାହାଙ୍କର ଆଗମନର ଚିହ୍ନକୁ ଅପେକ୍ଷା କରି ରହିଛନ୍ତି।

37 ପ୍ରଭୁଙ୍କ ଦ୍ୱାରା, ଦିଆ ଯାଇଥିବା ଏହି ଚିହ୍ନଗୁଡ଼ିକ, କେବଳ ବିଶ୍ୱାସୀମାନଙ୍କୁ ହିଁ ଦିଆଯାଇଛି। ଅବିଶ୍ୱାସୀମାନେ ତ ତାହା କଦାପି ଦେଖନ୍ତି ନାହିଁ। ସେମାନେ ତ ଠିକ୍ ସେଗୁଡ଼ିକର ଉପରୁ ଚାଲିଯାଆନ୍ତି, ଆଉ ସେମାନେ ତାହା ଦେଖନ୍ତି ନାହିଁ। ଆଉ ବର୍ତ୍ତମାନ, ଠିକ୍ ଯେତିକି ସୁନିଶ୍ଚିତ ଏହା ଅଟେ ଯେ ପରମେଶ୍ୱରଙ୍କ ଜଣେ ଦୂତ ଆଜିରାତ୍ରି ଏହି ମଞ୍ଚ ଉପରେ ଛିଡ଼ା ହୋଇପାରନ୍ତି, ଠିକ୍ ଯେତିକି ବାସ୍ତବିକ ଏହା ଯେ—ଯେ ମୁଁ ଆପଣମାନଙ୍କୁ ଅନାଉଅଛି, ଏବଂ ମୁଁ ତାହାକୁ ଅନାଉ ଥାଇପାରେ; କିମ୍ବା ଆପଣ ତାହାକୁ ଅନାଉ ଥାଇପାରନ୍ତି ଓ ମୁଁ ତାହାକୁ ଦେଖୁ ନ ଥାଇପାରେ, କିଅବା ମୁଁ ତାହାକୁ ଅନାଉ ଥାଇପାରେ ଆଉ ଆପଣ ତାହାକୁ ଦେଖୁ ନ ଥାଇପାରନ୍ତି। ତେବେ, ଆପଣ ଜାଣନ୍ତି ଯେ ତାହା ଶାସ୍ତ୍ରସଙ୍ଗତ ଅଟେ; ତାହା ଅବିକଳ ଭାବେ ସତ୍ୟ ହିଁ ଅଟେ। ସେମାନେ ଦେଖିଲେ...ଆପଣମାନେ ଜାଣନ୍ତି ଯେ ପାଉଲ ଭୂମିରେ ତଳେ ପଡ଼ିଗଲେ, ମାତ୍ର ସେମାନେ...ସେମାନଙ୍କ ମଧ୍ୟରୁ କେହିହେଲେ ସେହି ପ୍ରକାଶକୁ ଦେଖିପାରି ନ ଥିଲେ।

38 ସେହି ପ୍ରକାଶ ଠିକ୍ ସେଠାରେ ରହିଥିଲା ଯେତେବେଳେ ଯୋହନ ଜନସମୂହ ଆଗରେ ଛିଡ଼ା ହୋଇଥିଲେ, ଏବଂ ନଦୀକୂଳରେ ସେଠାରେ, ଯାଜକବର୍ଗରୁ ଓ—ଓ ସାଧୁମାନଙ୍କ ମଧ୍ୟରୁ, ମହାନ ଲୋକମାନଙ୍କ ମଧ୍ୟରୁ ହଜାର ହଜାର ଲୋକମାନେ ଛିଡ଼ା ହୋଇଥିଲେ। ଆଉ ଯୋହନ ତାହା, ନିଜେ କହିଲେ, ଯେ ସେ ପରମେଶ୍ୱରଙ୍କ ଆତ୍ମାଙ୍କୁ ଏକ କପୋତ ପରି ତଳକୁ ଓହ୍ଲାଇ ଆସୁଥିବାର ଦେଖିଲେ ଓ ତାହାଙ୍କ ଉପରେ ଅବତରଣ କରୁଥିବାର ଦେଖିଲେ, ଆଉ ଏକ ବାଣୀ ହେଲା, "ଏ ଆମ୍ଭର ପ୍ରିୟ ପୁତ୍ର ଯାହାଙ୍କଠାରେ ବାସ କରିବା ଆମର ପରମ

ସନ୍ତୋଷ ।” ଆଉ ଯୋହନଙ୍କ ବ୍ୟତୀତ କେହିହେଲେ ତାହା ଦେଖିଲେ ନାହିଁ । ବୁଝିଲେ? ଏହା ତ କେବଳ ତାହାଙ୍କ ପାଇଁ ଥିଲା ।

39 କଅଣ ଆପଣମାନେ ଲକ୍ଷ୍ୟ କଲେ କି ଯେ ସେହି ପଣ୍ଡିତମାନଙ୍କ ପାଇଁ, ସେହି ଚିହ୍ନଟି କେତେ ସ୍ପଷ୍ଟ ଥିଲା? ସେମାନେ ଅନାଇଲେ, ସେଠାରେ ତାହା...ସେମାନେ ଏବ୍ରୀୟ ଥିଲେ । ସେମାନେ ପ୍ରକୃତରେ ଭାରତୀୟ ଖଗୋଳଶାସ୍ତ୍ରୀ ନ ଥିଲେ, ସେମାନେ ଏବ୍ରୀୟ ଥିଲେ; କାରଣ ସେମାନେ ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପୂର୍ଣ୍ଣ କରିବା ନିମନ୍ତେ, ସେହି ଦେଶରେ ରହି ଖଗୋଳଶାସ୍ତ୍ର ଅଧ୍ୟୟନ କରୁଥିଲେ । ଆଉ ଯେତେବେଳେ ସେମାନେ...ଯିରୂଶାଲମ ଆଡ଼େ ଅନାଇଲେ, ଆଉ ଏହା ଜାଣି ଯେ ସେମାନେ ସେହି ତିନୋଟି ତାରାଗୁଡ଼ିକୁ ସେମାନଙ୍କର—ସେମାନଙ୍କର ପ୍ରତ୍ୟେକଙ୍କର ଜନ୍ମ-ରେଖାରୁ ଦେଖିଥିଲେ, ଯାହାକି ହାମ୍, ଶେମ୍ ଓ ଜାଫେତ୍ ଥିଲା, ଯେଉଁ କୂଳରୁ କି ସେମାନେ, ପ୍ରତ୍ୟେକ ଜଣ ଆସିଥିଲେ, ଆଉ ସେମାନେ ସେହି ତାରାଗୁଡ଼ିକୁ ସେମାନଙ୍କର ଜନ୍ମ-ରେଖାରୁ ଦେଖିଥିଲେ । ତାହା ସେମାନଙ୍କ ପ୍ରତି ଏକ ଚିହ୍ନ ଥିଲା, ଯେ ଯେତେବେଳେ ସେହି ତାରାଗୁଡ଼ିକ ଏକ ଧାଡ଼ିରେ ଆସିବେ, ସେତେବେଳେ ମଶୀହ ପୃଥିବୀ ଉପରେ ରହିବେ ।

40 ଓଃ, ମୋହର ପ୍ରଭୁ! ଏଥିରେ କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ସେମାନେ ଆସିଥିଲେ, “ସେ କେଉଁଠାରେ ଅଛନ୍ତି? ଯିହୂଦୀମାନଙ୍କର ରାଜା ଯିଏ ଜନ୍ମଗ୍ରହଣ କରିଛନ୍ତି ସେ କେଉଁଠାରେ ଅଛନ୍ତି? ଆମେମାନେ ତାହାଙ୍କର ତାରାକୁ ପୂର୍ବରେ ଦେଖିଅଛୁ, ଓ ତାହାଙ୍କୁ ଉପାସନା କରିବା ନିମନ୍ତେ ଆସିଅଛୁ । ସେ କେଉଁଠାରେ ଅଛନ୍ତି?” ସେମାନେ ଜାଣିଥିଲେ ଯେ ସେହି ଛୋଟ ବାଳକ ମଶୀହ କେଉଁଠାରେ ଗୋଟିଏ ଶୋଇ ରହିଥିବେ, କାରଣ ପରମେଶ୍ୱର ସେମାନଙ୍କୁ ସେହି ସମୟର ଏକ ଚିହ୍ନ ଦେଇଥିଲେ, ଯେ ପରମେଶ୍ୱର ଏବଂ ମନୁଷ୍ୟ ଏକାଠି ଏକୀକରଣ କରୁଥିଲେ । ତାହା କି ଏକ ଏକୀକରଣ ଥିଲା, ଯେତେବେଳେ ପରମେଶ୍ୱର ନିଜକୁ ଏକ ମାନବୀୟ ଦେହରେ ଏକୀକୃତ କରିଥିଲେ! ସମସ୍ତ ଏକୀକରଣମାନ ଯାହାକି କେବେ ସାଧନ ହୋଇଥିଲା, ତହିଁ ମଧ୍ୟରୁ ସବୁଠୁଁ ପ୍ରମୁଖ, ସବୁଠୁଁ ମହାନ ତାହା ଥିଲା ଯେତେବେଳେ ପରମେଶ୍ୱର ମନୁଷ୍ୟ ସହିତ ଏକୀକୃତ ହୋଇଥିଲେ; ଓ ନିଜର—ନିଜର ପରମେଶ୍ୱର ହୋଇଥିବାର ସେହି ମହାନ ଗୁଣକୁ ତ୍ୟାଗ କରି ଦେଇଥିଲେ ଏବଂ ନିଜର ତମ୍ବୁକୁ ବିସ୍ତାରିତ କରି ମାନବତାକୁ ଗ୍ରହଣ କରି ନେଇଥିଲେ, ଓ ସେମାନଙ୍କୁ ମୁକ୍ତ କରିବା ନିମନ୍ତେ, ସେମାନଙ୍କ ମଧ୍ୟରୁ ଜଣେ ହୋଇ ଯାଇଥିଲେ । ଏକୀକରଣ । ତାହା କଅଣ ଥିଲା? ତାହା ପରମେଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ସଦାକାଳ ନିମନ୍ତେ ଶାନ୍ତିକୁ ନେଇ ଆସିଥିଲା । ଆମେ କେତେ ଧନ୍ୟବାଦୀ ଅଟୁ ।

41 ଆଉ ଚିହ୍ନଗୁଡ଼ିକୁ ପଠାଯାଇ ନ ଥିଲା...ତେବେ କେବଳ ଚିନ୍ତା କରନ୍ତୁ, ପ୍ରତ୍ୟେକ ବ୍ୟକ୍ତି, ଏବଂ ସେହି ସମସ୍ତ ଖଗୋଳଶାସ୍ତ୍ରୀମାନେ; ଲୋକମାନେ, ସେହି ଦିନମାନଙ୍କରେ, ସେମାନଙ୍କର ସମୟସୂଚକ ଯନ୍ତ୍ର ସେହି ତାରାଗୁଡ଼ିକ ଥିଲା । ସେହି ପ୍ରହରୀ ଦୁର୍ଗର—ର ଉଚ୍ଚରେ ଜଣେ ପ୍ରହରୀ ଯାଉଥିଲେ, ଏବଂ ସେ ଉପରକୁ ଯାଇ ସବୁ ବିଷୟ ନିରୀକ୍ଷଣ କରି

ଦେଖୁଥିଲେ । ଆଉ ସେ ଦେଖୁଥିଲେ ଯେ ଯେତେବେଳେ କେତେକ ନିର୍ଦ୍ଦିଷ୍ଟ ତାରାମାନେ ଏକ ନିର୍ଦ୍ଦିଷ୍ଟ ତାରାପୁଞ୍ଜରେ ରହିଛନ୍ତି, ଯେତେବେଳେ ସେଗୁଡ଼ିକ ଯାତ୍ରା କରୁଥାଆନ୍ତି, ସେ ଜାଣି ପାରୁଥିଲେ ଯେ ତାହା କେଉଁ ସମୟ ଥିଲା । ଆପଣମାନଙ୍କୁ ପବିତ୍ରଶାସ୍ତ୍ରରେ ମନେଥିବ ଯେ, "ପ୍ରହରୀ, ଏହା କେଉଁ ସମୟ ଅଟେ?" ଆଉ ସେହି ପ୍ରହରୀ ଫେରି ଆସିଥାଏ ଓ ତାହାଙ୍କୁ କହିଥାଏ ଯେ ତାହା କେଉଁ ସମୟ ଥିଲା । ଦେଖନ୍ତୁ, ସେମାନେ ତାରାଗୁଡ଼ିକୁ ଦେଖି ସମୟ ଗଣନା କରୁଥିଲେ ।

42 ତେବେ, କଅଣ ଏହା ବିଚିତ୍ର ନୁହେଁ କି ଯେ ଏହି ତାରାଗୁଡ଼ିକ ସେହି ତିନିଜଣ ବ୍ୟକ୍ତିଙ୍କ ପାଇଁ ଠିକ୍ ସୀଧାସଳଖ ଗୋଟିଏ ରେଖାରେ ରହିଥିଲେ ଆଉ ଅନ୍ୟ କେହି ବି ତାହା ଦେଖି ନ ଥିଲେ? ବୁଝିଲେ? ଠିକ୍ ସୀଧାସଳଖ ଗୋଟିଏ ରେଖାରେ । ତେବେ, ଆପଣ ପବିତ୍ରଶାସ୍ତ୍ର ସହିତରେ ଏତେ ଅଧିକ ଏକ ରେଖାରେ ରହିପାରନ୍ତି । ବୁଝିଲେ? ଯେତେବେଳେ ସେହି ତାରାମାନେ ଏକୀକାରଣରେ ଆସିଗଲେ, ଆପଣାକୁ ଏକାଠି ଏହି ତାରାପୁଞ୍ଜରେ ଏକୀକୃତ କରିନେଲେ, ଠିକ୍ ସେହି ସମାନ ସମୟରେ ଏହି ତିନିଜଣ ବ୍ୟକ୍ତି ମଧ୍ୟ ଏକୀକୃତ ହୋଇଲେ । ଆଉ ଆପଣ ପରମେଶ୍ୱରଙ୍କ ବାକ୍ୟରେ, ତାହାଙ୍କର ସହିତରେ ଏତେ ଅଧିକ ଭାବେ ଏକୀକୃତ ହୋଇପାରନ୍ତି, ଯେପର୍ଯ୍ୟନ୍ତକି ଏହିସବୁ ବିଷୟଗୁଡ଼ିକ ବାସ୍ତବିକ ନ ହୋଇଯାଏ, ଆଉ ତାହା ପରେ ଆପଣ ସେଗୁଡ଼ିକୁ ଦେଖିପାରନ୍ତି ଓ ଜାଣିପାରନ୍ତି ଯେ ସେଗୁଡ଼ିକ ସତ୍ୟ ଅଟେ। ବୁଝିଲେ? ସମୟର ସେହି ଚିହ୍ନ! ହୋଇପାରେ ଯେ ଆପଣ ଠିକ୍ ତାହାର ଉପର ଦେଇ ଦେଖନ୍ତି, କୁହନ୍ତି, "ଆଃ, ବାଜେ ବିଷୟ!"

43 ମାତ୍ର *ଆପଣଙ୍କ* ପାଇଁ ତାହା ବାଜେ ନୁହେଁ । ଆପଣଙ୍କ ପାଇଁ ତ, ତାହା ଆପଣ ବାକ୍ୟ ସହିତ ଏକୀକରଣରେ ହେଉଅଛନ୍ତି, ଆଉ ତାହା ଏଠାରେ ଅଟେ । ତାହା ପରେ ଏହା—ଏହା ତ ସମ୍ପୂର୍ଣ୍ଣଭାବେ ହାଲୁକା ଅଟେ, ଭାଇ ପ୍ୟାଟ୍, ଯେତେବେଳେ—ଯେତେବେଳେ—ଯେତେବେଳେ—ଯେତେବେଳେ ଆପଣ ଏହି ଚିହ୍ନକୁ ବିଶ୍ୱାସୀ ସହିତ ଏକୀକରଣ ହେଉଥିବାର ଦେଖନ୍ତି । ଆଉ ତାହା ସେମାନେ ହିଁ ଅଟନ୍ତି ଯାହାଙ୍କୁକି ମୁଁ ଏହି ସମ୍ଭାଷଣ ଦେଉଅଛି, ସେହି ବିଶ୍ୱାସୀକୁ, କାରଣ ଅବିଶ୍ୱାସୀ ତ ତାହା କଦାପି ଦେଖନ୍ତି ନାହିଁ । ଆଉ ଯଦି ସେ ଆଜି ଏଠାରେ ପୃଥିବୀରେ ରହିଥାଆନ୍ତେ, ତାହାହେଲେ ଆମମାନଙ୍କର ଯାଜକବର୍ଗ ମଧ୍ୟରୁ ଅନେକଙ୍କ ପ୍ରତି ତାହା କି ଏକ ଭର୍ତ୍ସନାର ବିଷୟ ହୋଇଥାଆନ୍ତା, ଯେଉଁମାନେକି ଏହି ଚିହ୍ନକୁ ପଢ଼ିପାରନ୍ତି ନାହିଁ; ସେହି ଚିହ୍ନମାନ ଯାହାକି ଆମେମାନେ ପ୍ରତିଦିନ ଏଠାରେ ଆରାଧନାଳୟରେ ପାଠ କରୁଅଛୁ, ଓ ସେହି ବିଷୟଗୁଡ଼ିକୁ ଦେଖୁଅଛୁ । ପୁଣି ଅନ୍ୟମାନେ ଏହାକୁ ପାଠ କରୁଛନ୍ତି ଓ କାନ୍ଥରେ ହସ୍ତଲିଖନକୁ ଦେଖୁଛନ୍ତି, ଆଉ ତଥାପି ଅନେକେ ଏହାକୁ ଠିକ୍ ହେୟଜ୍ଞାନ କରିଥାଆନ୍ତି, ଓ ଏପରିକି ଏହାକୁ ଆଦୌ ଦେଖନ୍ତି ସୁଦ୍ଧା ନାହିଁ। ଏହା ସେମାନଙ୍କ ପାଇଁ ଆଦୌ କିଛି ନୁହେଁ; ସେମାନେ ଏହାକୁ ଧ୍ୟାନ ଦିଅନ୍ତି ନାହିଁ।

44 ତେବେ ଧ୍ୟାନ ଦିଅନ୍ତୁ, ଯେ ଏଥିରେ, ଯେ ସେ—ସେ ରାଷ୍ଟ୍ରୀୟ ଚିହ୍ନଗୁଡ଼ିକୁ ଉଦ୍ଧୃତ କରିଥିଲେ । ତେବେ, ଯେତେବେଳେ ସେମାନେ ତାହାଙ୍କୁ ଏହା ବିଷୟରେ ପଚାରିଲେ,

ସେମାନେ ଚିହ୍ନମାନ ଚାହିଁଥିଲେ; ଆଉ ସେ ସେମାନଙ୍କୁ ସେହି ଚିହ୍ନଗୁଡ଼ିକୁ ପ୍ରଦାନ କଲେ ଯାହାକି ଘଟିଥିଲା । ଆଉ ସେମାନେ ଜାଣିବାକୁ ଚାହିଁଲେ ଯେ ଜଗତର ଅନ୍ତ କେବେ ହେବ, ଯୁଗାନ୍ତରେ ଲକ୍ଷଣ କଅଣ ହେବ । ଆଉ ସେ ସେମାନଙ୍କୁ ପବିତ୍ରଶାସ୍ତ୍ରରୁ ଅନେକ ସ୍ଥାନରୁ ରାଷ୍ଟ୍ରୀୟ ଚିହ୍ନମାନ ବିଷୟରେ, ଆକାଶରେ ସ୍ୱର୍ଗୀୟ ଲକ୍ଷଣମାନ ବିଷୟରେ, ଏବଂ ପାର୍ଥିବ ଲକ୍ଷଣ ବିଷୟରେ ଉଦ୍ଧୃତ କରିଥିଲେ; ସେ ସେମାନଙ୍କୁ ଚିହ୍ନମାନ, ଚିହ୍ନ, ଲକ୍ଷଣମାନ, ନିରନ୍ତର ଭାବେ କେବଳ ଏକ ଚିହ୍ନ ଦେଇଥିଲେ । ଆଉ ଯେତେବେଳେ...ସେ ସେମାନଙ୍କୁ ସେଠାରେ ଗୋଟିଏ ସ୍ଥାନରେ ଏକ ରାଷ୍ଟ୍ରୀୟ ଲକ୍ଷଣ ବିଷୟରେ କହିଥିଲେ । ସେ କହିଥିଲେ, "ଯେତେବେଳେ ତୁମେମାନେ ରାଷ୍ଟ୍ରଗୁଡ଼ିକୁ," ଦେଖନ୍ତୁ, "ଯିରୂଶାଲମର ଚାରିଆଡ଼େ ଏକତ୍ର ହେଉଥିବାର ଦେଖିବ," ଦେଖନ୍ତୁ, ସେତେବେଳେ ଆମେମାନେ ଜାଣିବା ଯେ ସେମାନଙ୍କର ସଙ୍କଟର ସମୟ ସନ୍ନିକଟ, "ଯେତେବେଳେ ତୁମେ ଯିରୂଶାଲମକୁ ସୈନ୍ୟମାନଙ୍କ ଦ୍ୱାରା ଘେରା ହୋଇଥିବାର ଦେଖ ।"

45 ତେବେ, ଏହାପୂର୍ବେ କି ସେମାନେ ଏହା କରି ପାରିଥାଆନ୍ତେ, ପରମେଶ୍ୱର...ଜଗତ ଏକୀକରଣ ହେବାକୁ ଥିଲା । ଟାଇଟସ୍, ଏହି ମହାନ ରୋମୀୟ ସୈନ୍ୟାଧ୍ୟକ୍ଷ, ତାହାଙ୍କୁ ତାଙ୍କର ସୈନ୍ୟଦଳକୁ ଏକାଠି ଏକୀକରଣ କରି ତାହାର ଚାରିପାଖରେ ଆସିବାକୁ ଥିଲା, ଯେତେବେଳେକି ଯିହୂଦୀମାନେ ସେମାନଙ୍କର ପରମେଶ୍ୱର-ଦତ୍ତ ସେହି ସମୟର ଚିହ୍ନକୁ ଅସ୍ୱୀକାର କରି ଦେଇଥିଲେ । ତାହାହିଁ ସେହି ସମୟ ଥିଲା ଯେ ଟାଇଟସ୍ ନିଜର ସୈନ୍ୟଦଳକୁ ଏକାଠି ଏକୀକରଣ କରିଥିଲା, ଏବଂ ସେହି ନଗରକୁ ଅଧିକାର କରିବାକୁ ଆସିଥିଲା । ପ୍ରଥମେ ସେଠାରେ ପରମେଶ୍ୱରଙ୍କ ଲୋକମାନଙ୍କର (ତଥା-କଥିତ) ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ଏକ ଏକୀକରଣ ହେବାକୁ ଥିଲା, ଏହାପୂର୍ବେ କି ସେହି ରାଷ୍ଟ୍ର ଆପଣାକୁ ପରମେଶ୍ୱରଙ୍କ ଲୋକମାନଙ୍କ ବିରୁଦ୍ଧରେ ଏକତ୍ରିକୃତ କରିପାରନ୍ତା । ଦେଖନ୍ତୁ, ସେହି—ସେହି—ସେହି ଏକତାକୁ, ସେହି ଏକୀକରଣକୁ; ଏକାଠି ଏକୀକୃତ ହେବା ବିଷୟକୁ ।

46 ମୁଁ ବିଶ୍ୱାସ କରେ ଯେ ଆମେମାନେ ଏକ ମହାନ ଏକୀକରଣର ସମୟରେ ରହୁଅଛୁ । ମୁଁ ଏହି ଲାଲ ରଙ୍ଗର ବତୀଗୁଡ଼ିକୁ ନେଉଅଛି, ଓ ସେଥିରେ ସଙ୍କେତ ଚିହ୍ନମାନଙ୍କୁ ଓ ସବୁକିଛିକୁ ଚମକାଉ ଅଛି (ସ୍ତ୍ରୀମାନଙ୍କ ବିଷୟରେ, ସେମାନେ କିପରି ଆଚରଣ କରୁଛନ୍ତି; ଏବଂ ପୁରୁଷମାନେ, ସେମାନେ କିପରି ବ୍ୟବହାର କରୁଛନ୍ତି; ପୁଣି ମଣ୍ଡଳୀଗୁଡ଼ିକ, ସେମାନେ କିପରି ଭାବରେ କାର୍ଯ୍ୟ କରୁଛନ୍ତି), ଏବଂ ମୋହର ସମସ୍ତ ହୃଦୟ ସହିତରେ, ଏହି ଛୋଟ ପଲକୁ ଦେଖାଉଅଛି, ଯେ ମୁଁ ବିଶ୍ୱାସ କରେ ଯେ ଏହି ମହାନ ଭବିଷ୍ୟତ୍‌ବାଣୀର ଘଟିକାରେ ପ୍ରଭୁ ଯୀଶୁଙ୍କର ଠିକ୍ ଆଗମନ ପୂର୍ବରୁ, ଆମେମାନେ ପରମେଶ୍ୱରଙ୍କ ବାକ୍ୟର ସହମତିରେ ଏକମନା ହୋଇ ଆସୁଅଛୁ; ଏବଂ ଏକୀକରଣ କରି ପ୍ରସ୍ତୁତ ହେଉଅଛୁ ।

47 ତେବେ, ଆପଣମାନେ ଦେଖନ୍ତୁ, ଏହାପୂର୍ବେ କି ଟାଇଟସ୍ ରାଷ୍ଟ୍ରଗୁଡ଼ିକୁ...ନିଜର ସୈନ୍ୟଦଳକୁ ଏକାଠି ଏକୀକୃତ କରନ୍ତା, ଇସ୍ରାଏଲ ନିଜକୁ ଏକାଠି ଏକୀକରଣ କଲା ଏବଂ ନିଜକୁ ଦଳ ଦଳ କରି ବାନ୍ଧିଲା, ଯେପରିକି ସେମାନେ ଯୀଶୁଙ୍କୁ ମଶୀହ ବୋଲି ବିଶ୍ୱାସ ନ

କରନ୍ତି। ସେମାନେ ତାହାଙ୍କୁ ଅସ୍ୱୀକାର କଲେ, ଓ ତାହାଙ୍କୁ ଅଗ୍ରାହ୍ୟ କରିଦେଲେ, ଏବଂ ତାହାଙ୍କୁ କ୍ରୁଶାର୍ପିତ କଲେ। ଆଉ ତାହାପରେ, ଯେତେବେଳେ ସେମାନେ ସେହି ପରିତ୍ରାଣକୁ ଅସ୍ୱୀକାର କରିଦେଲେ ଯାହାକି ସେମାନଙ୍କ ପାଖକୁ ପଠା ଯାଇଥିଲା, ସେମାନେ ତାହା କରିବା ପାଇଁ ଆପଣା ଆପଣାକୁ ଏକାଠି ଏକୀକରଣ କଲେ। ତେବେ, ସେହି ବିଷୟକୁ ମନରେ ରଖିଥାଆନ୍ତୁ: ସେହି ସମୟର ବାର୍ତ୍ତାକୁ ଅସ୍ୱୀକାର କରିବା ପାଇଁ, ଆପଣା ଆପଣାକୁ ଏକାଠି ଏକୀକରଣ କରିବା! ସେମାନଙ୍କୁ ତାହା କରିବାକୁ ପଡ଼ିଥିଲା। ଆଉ ତାହାପରେ ଯେତେବେଳେ ସେମାନେ ତାହା କଲେ, ସେତେବେଳେ ରାଷ୍ଟ୍ରୀୟ ଲକ୍ଷଣ ଉପସ୍ଥିତ ହେଲା।

48 ରାଷ୍ଟ୍ରଗୁଡ଼ିକ ନିଜ ନିଜକୁ ଏକାଠି ଏକୀକରଣ କରିବାକୁ ଆରମ୍ଭ କରିଦେଲେ, ଆଉ ଟାଇଟସ୍ ରୋମୀୟ ଓ ଗ୍ରୀକମାନଙ୍କର ଏହି ମହାନ୍ ସୈନ୍ୟଦଳକୁ ନେଇ ଆସିଲା ଏବଂ ଯିରୂଶାଲମର ପ୍ରାଚୀରଗୁଡ଼ିକୁ ଘେରିଦେଲା, ସେଠାରେ ଭିତରେ ରହିଥିବା ସେହି ଲୋକମାନଙ୍କୁ ତେବେ ବନ୍ଦ କରିଦେଲା, ଆଉ ସେମାନେ ଭୋକରେ ମରିଥିଲେ। ସେମାନେ ଗଛଗୁଡ଼ିକର ଛାଲି ଖାଇଥିଲେ। ଯୋସେଫସ୍, ସେହି ମହାନ୍ ଇତିହାସକାର, ଆମମାନଙ୍କୁ ତାହା କହନ୍ତି। ଆଉ ସେମାନେ ଭୂମିର ଘାସ ଖାଇଥିଲେ। ଏପରିକି ସେମାନେ ଜଣେ ଅନ୍ୟର ଶିଶୁମାନଙ୍କୁ ଶିଝାଇ ତାହାକୁ ଖାଇଥିଲେ; ଦେଖନ୍ତୁ, ଯେହେତୁ ସେମାନେ ପାଗଳ ଲୋକମାନେ ଥିଲେ। ଆଉ ତାହା ପରେ ଯେତେବେଳେ, ଅବଶେଷରେ, ଟାଇଟସ୍, ସେ ସେଠାରେ ଯିରୂଶାଲମର ଚାରିପଟେ, ସେହି ପର୍ବତମାଳାରେ ଲୁଚି ରହିଥିଲା, ଆଉ—ଆଉ ସେଠାରେ ଭିତରେ ଥିବା ସେହି ଲୋକମାନେ ଏହା ଭାବିଲେ ଯେ ସେମାନେ ପରମେଶ୍ୱରଙ୍କର ଇଚ୍ଛା ସାଧନ କରୁଛନ୍ତି, ଯେତେବେଳେ ସେମାନେ ସେହି ସୈନ୍ୟଦଳକୁ ମାଡ଼ି ଆସୁଥିବାର ଦେଖିଥିଲେ। ସେମାନେ ସେହି ମହାନ ଗୁରୁ ପ୍ରଭୁ ଯୀଶୁଙ୍କୁ, ଯେତେବେଳେ ସେ ସେମାନଙ୍କୁ ସେହି ବିଷୟସବୁ କହିଥିଲେ, ତାହାକୁ ଶୁଣିବାରେ ଅଗ୍ରାହ୍ୟ କରି ଦେଇଥିଲେ।

49 ସେଠାରେ ସେମାନଙ୍କ ମଧ୍ୟରେ ଜଣେ ହେଲେ ଖ୍ରୀଷ୍ଟିୟାନ ଧରା ଯାଇ ନ ଥିଲେ, କାରଣ ସେମାନେ ସେହି ଲକ୍ଷଣକୁ ଦେଖିଥିଲେ ଓ ପଳାୟନ କରିଥିଲେ। ବୁଝିଲେ? ସେମାନେ କହିଲେ, "ଯେ ଛାତ ଉପରେ ଥାଏ ସେ ତଳକୁ ଓହ୍ଲାଇ ନ ଆସୁ, କିମ୍ବା ଯେ କ୍ଷେତ୍ରରେ ଥାଏ ସେ ଆପଣା ଚାଦର ଘେନିଯିବା ପାଇଁ, ଲେଉଟି ନ ଆସୁ; ମାତ୍ର ଯିହୂଦା ପ୍ରଦେଶକୁ ପଳାଇଯାଆନ୍ତୁ, ଏବଂ ତୁମ୍ଭମାନଙ୍କର ପଳାୟନ ଯେପରି ଶୀତକାଳରେ କିଅବା ବିଶ୍ରାମବାରରେ ନ ଘଟେ, ଏଥିପାଇଁ ପ୍ରାର୍ଥନା କରନ୍ତୁ।" କାରଣ, ଶୀତ ସମୟରେ, ସେହି—ସେହି ପର୍ବତମାଳାଗୁଡ଼ିକ ହିମରେ ପରିପୂର୍ଣ୍ଣ ଥିବ; ଓ ବିଶ୍ରାମବାରରେ, ସେହି ଦ୍ୱାର—ଦ୍ୱାରଗୁଡ଼ିକ ରୁଦ୍ଧ ଥିବ, ସେହି ଫାଟକ, ପୁଣି ସେମାନେ ସେହି ପରିସ୍ଥିତିରେ ଧରା ପଡ଼ିଯିବେ। ବୁଝିଲେ? ଆମେମାନେ ସେହି ବିଷୟ ଉପରେ ଅତି ଶୀଘ୍ର ଆସିବାକୁ ଚାହୁଁ ଯେ ତାହା ସମ୍ବନ୍ଧରେ…କିପରି ଭାବରେ ପରମେଶ୍ୱର ସେହି ବିଷୟଗୁଡ଼ିକ କରନ୍ତି, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ।

50 ତେବେ ଧ୍ୟାନ ଦିଅନ୍ତୁ, ସେ...ସେମାନେ ପ୍ରାର୍ଥନା କରିଥିଲେ ଯେ ତାହା ସେହିପରି... ତାହା ଯେପରି ସେପ୍ରକାରେ ନ ହେଉ, ଯୀଶୁ ସେମାନଙ୍କୁ ତାହା ନିମନ୍ତେ ପ୍ରାର୍ଥନା କରିବାକୁ କହିଥିଲେ, ଆଉ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସେଠାରେ କଦାପି ଧରା ଯାଇ ନ ଥିଲେ। ସେମାନେ ପଳାଇ ଯାଇଥିଲେ କାରଣ ସେମାନେ ଲକ୍ଷଣକୁ ଦେଖିଥିଲେ, ଓ ସେମାନେ ପଳାୟନ କରିଥିଲେ; ସେଠାରେ ତାହାହିଁ ସବୁକିଛି ଅଟେ ଯାହାକି ଘଟିତ ହୋଇଥିଲା।

51 ଓଃ, ଆଜି ମଣ୍ଡଳୀଗୁଡ଼ିକୁ କିପରି ଭାବରେ ସେହି ସମୟର ଚିହ୍ନକୁ ଦେଖିବା ଉଚିତ୍ ଅଟେ ଯେଉଁଥିରେକି ଆମେମାନେ ବସବାସ କରୁଅଛୁ! ଯେତିକି ପ୍ରାଣପଣେ ପାରୁଛନ୍ତି ସେତିକି ବ୍ୟାକୁଳତାର ସହ ଆପଣ ଜୀବନ ନିମନ୍ତେ, କାଲଭରୀ ଆଡ଼କୁ ପଳାଇଯାଆନ୍ତୁ; କୌଣସି ମଣ୍ଡଳୀ ଆଡ଼କୁ ନୁହେଁ, ବରଂ ଯୀଶୁ ଖ୍ରୀଷ୍ଟଙ୍କ ଆଡ଼କୁ। ଆପଣାକୁ ତାହାଙ୍କ ସହିତରେ ଏକୀକରଣ କରନ୍ତୁ, ପୁଣି କୌଣସି ସଙ୍ଗଠନ ସହିତ ନୁହେଁ କିମ୍ବା କୌଣସି ମଣ୍ଡଳୀର ରୀତିନୀତି ସହିତ ନୁହେଁ। ଖ୍ରୀଷ୍ଟଙ୍କ ସହିତରେ ଏକୀକରଣ କରନ୍ତୁ, ଆଉ ଏଥିରେ ସୁନିଶ୍ଚିତ ହୁଅନ୍ତୁ ଯେ ତାହା ସେ ହିଁ ଅଟନ୍ତି। ଆପଣ ଯେକୌଣସି ବି ବିଷୟକୁ ନେଇପାରନ୍ତି ନାହିଁ, ଆପଣଙ୍କୁ ତ ଏଥିରେ ସୁନିଶ୍ଚିତ ହେବାକୁ ଅଛି ଯେ ତାହା ସେ ହିଁ ଅଟନ୍ତି। ତାହା ଏକୀକରଣର କି ଏକ ସମୟ ଅଟେ!

52 ତେବେ, ଆମେମାନେ ଏହା ପାଉ ଯେ ସେମାନେ ମଶୀହଙ୍କୁ ଅଗ୍ରାହ୍ୟ କରିଥିଲେ ଓ ତାହା ପରେ ନିଜ ନିଜକୁ ସେମାନେ ଏକାଠି ଏକୀକରଣ କଲେ ଏବଂ ନିଜେ ନିଜ ଭିତରେ ଏକ ସମୂହ ଗଢ଼ିନେଲେ, ଆଉ ଏକ—ଗୋଟିଏ...ଏକ ପ୍ରସ୍ତାବ ସେମାନଙ୍କ ମଧ୍ୟରେ ପାରିତ କରିନେଲେ ଯେ ଯଦି କୌଣସି ବ୍ୟକ୍ତି ଯୀଶୁଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି ଗ୍ରହଣ କରିବ, ତେବେ ସେମାନଙ୍କୁ ମଣ୍ଡଳୀରୁ ବହିଷ୍କାର କରି ଦିଆଯିବ। କଅଣ ଆପଣମାନଙ୍କୁ ସେହି ଅନ୍ଧ ବାଳକର କଥା ମନେ ଅଛି କି ଯିଏକି ଅନ୍ଧ ଚକ୍ଷୁ ସହିତ ବସି ରହିଥିଲା? ଆଉ ଶିଷ୍ୟମାନେ ପଚାରିଥିଲେ, "କିଏ ପାପ କଲା? ସେ, କିମ୍ବା ତାହାର ପିତା, ତାହାର ମାତା?"

53 ଆଉ ଯୀଶୁ କହିଥିଲେ, "ଏହି ମାମଲାରେ, କେହି ବି ନୁହେଁ; ମାତ୍ର ପରମେଶ୍ୱରଙ୍କ କାର୍ଯ୍ୟଗୁଡ଼ିକ ଯେପରି ସାଧନ କରା ଯାଇପାରେ, ପ୍ରକଟ କରା ଯାଇପାରେ।"

54 ଆଉ ଆପଣମାନଙ୍କୁ ମନେଥିବ, ସେମାନେ କହିଥିଲେ ଯେ ସେହି ପିତା ଓ ମାତା ତାହା କହିପାରିଲେ ନାହିଁ। ସେମାନେ କହିଲେ, "ସେମାନେ ଜାଣନ୍ତି ଯେ ଏହା ଆମର ପୁତ୍ର ଅଟେ, ମାତ୍ର ଆମେ ଜାଣି ନାହୁଁ ଯେ ସେ କିପରି ସୁସ୍ଥ ହେଲା।" କାରଣ ଯିହୂଦୀମାନେ କହିଥିଲେ ଯେ କୌଣସି ବି ବ୍ୟକ୍ତି ଯିଏକି ତାହାଙ୍କୁ ଭାବବାଦୀ ବୋଲି ଅଙ୍ଗୀକାର କରିବ, ସେମାନଙ୍କୁ ବହିଷ୍କାର କରି ଦିଆଯିବ।

55 ମାତ୍ର, ଆପଣମାନେ ଦେଖନ୍ତୁ, ପରମେଶ୍ୱରଙ୍କ କାର୍ଯ୍ୟ ଏହା ଥିଲା ଯେ ଏହି ବାଳକଟି ସେହି ଦଳରେ ସମ୍ପୃକ୍ତ ନ ଥିଲା। ଆଉ ସେ କହିଥିଲା, "ବର୍ତ୍ତମାନ, ଏହା ମୋ ପାଇଁ ଏକ

ବିଚିତ୍ର ବିଷୟ ଅଟେ ଯେ ଆପଣମାନେ ଜାଣନ୍ତି ନାହିଁ ଯେ ଏହି ବ୍ୟକ୍ତି କେଉଁଠାରୁ ଆସିଥିଲେ, ଆଉ ତଥାପି ସେ ମୋତେ ମୋହର ଦୃଷ୍ଟିଶକ୍ତି ଦେଲେ।" ବୁଝିଲେ? ତେବେ, ସେ ତାହା କହି ପାରିଥିଲା। ଦେଖନ୍ତୁ, ତାହା ତ ପରମେଶ୍ୱରଙ୍କ କାର୍ଯ୍ୟ ଥିଲା। ସେ ସୁସ୍ଥ କରା ଯାଇଥିଲା, ଓ ଭଲ କରା ଯାଇଥିଲା, ପୁଣି ସେ—ସେ ଏହା ବିଷୟରେ କହି ପାରିଥିଲା କାରଣ ସେ କୌଣସି ଆଉ କୌଣସି ଉପାୟରେ ବନ୍ଧା ଯାଇ ନ ଥିଲା। ସେ ହିଁ ସେହି ଜଣକା ଥିଲା ଯାହା ଉପରେ ସେହି କାର୍ଯ୍ୟଗୁଡ଼ିକ ସାଧନ କରା ହୋଇଥିଲା, ଆଉ ସେ ନିଶ୍ଚିତରେ ତାହାର ଦେଖିଥିଲା…ତାହାର ଜୀବନରେ ପ୍ରଥମଥର ପାଇଁ ଦେଖିଥିଲା।

56 ତେବେ, ଯିହୂଦୀମାନେ ଆପଣା ଆପଣାକୁ ଯୀଶୁଙ୍କ ବିରୁଦ୍ଧରେ ଏବଂ—ଏବଂ ତାହାଙ୍କର ମଶୀହ ସମ୍ବନ୍ଧିତ ସେବାକାର୍ଯ୍ୟ ବିରୁଦ୍ଧରେ, ଓ ତାହାଙ୍କର ମଶୀହ ସମ୍ବନ୍ଧିତ ବାର୍ତ୍ତା ବିରୁଦ୍ଧରେ ଏକୀକରଣ କରିଥିଲେ। ଆମେମାନେ ବର୍ତ୍ତମାନ ସେହି ସମାନ ବିଷୟକୁ ଘଟୁଥିବାର ଦେଖୁ, ଠିକ୍ ସେହି ସମାନ ବିଷୟକୁ। ସାମ୍ୟବାଦ ମଣ୍ଡଳୀକୁ ବିନାଶ କରିବା ନିମନ୍ତେ ଏକୀକରଣ କରୁଅଛି, ଆଉ କେବଳ ଗୋଟିଏ ଉପାୟରେ ଯେ ତାହା…ତାହା ହେବ ଯେତେବେଳେ ମଣ୍ଡଳୀ ମଧ୍ୟ ଆପଣାକୁ ଏକୀକରଣ କରି ନେଇଥିବ, ମଣ୍ଡଳୀ ପରିଷଦରେ, ବିଶ୍ୱ ଗୀର୍ଜା ସଂଘରେ, ଯେପରିକି ସେହି ବାକ୍ୟକୁ, ସେହି ବାର୍ତ୍ତାକୁ ଅଗ୍ରାହ୍ୟ କରାଯାଏ ଏବଂ ତାହାକୁ ବିନାଶ କରାଯାଏ! ସେମାନେ ବାକ୍ୟକୁ ଅଗ୍ରାହ୍ୟ କରି ଦେଇଛନ୍ତି, ମଣ୍ଡଳୀଗଣ ତାହା କରିଛନ୍ତି! ସେମାନେ ତାହା ଗ୍ରହଣ କରିପାରନ୍ତି ନାହିଁ କାରଣ ଏହା ସେମାନଙ୍କର ନାମଧାରୀ ସଙ୍ଗଠନର ମତର ବିରୁଦ୍ଧରେ ଅଟେ; ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ଗୁଡ଼ିଏ ଅଗ୍ନିସ୍ତମ୍ଭ ଲୋକମାନଙ୍କ ଗହଣରେ—ରେ ଝୁଲି ରହିଥାଏ, କିମ୍ବା କେତେ ଲୋକମାନେ ହେବେ… କେତେ ଗୁଡ଼ିଏ ବିଷୟ ଭବିଷ୍ୟତ୍‌ବାଣୀ ହେବ ଓ ଘଟିତ ହେବ, ଆଉ ସେହି ସମସ୍ତ ମହାନ ଚିହ୍ନମାନସବୁ ଘଟିତ ହେବ ଯାହାକି ସେ ଅନ୍ତିମ ଦିନ ସମ୍ବନ୍ଧରେ ପ୍ରତିଜ୍ଞା କରିଥିଲେ; ସେମାନେ ତାହା କରିପାରନ୍ତି ନାହିଁ।

57 ଅତଏବ, ସେମାନେ ବର୍ତ୍ତମାନ ନିଜ ନିଜକୁ ଏକୀକରଣ କରୁଛନ୍ତି, ଏବଂ ଏଠାରେ ଆପଣମାନଙ୍କର ପାଳକ ଓ ଅନ୍ୟମାନେ ଅଛନ୍ତି ଯେଉଁମାନେକି ଆପଣମାନଙ୍କୁ ସେହି ବିଷୟରେ କହିପାରିବେ, ତାହା ପାଠ କରା ଯାଇପାରେ, ଯେ ସେମାନେ ଅଛନ୍ତି…ସେମାନଙ୍କ ପାଖରେ ସେହି—ସେହି—ସେହି ଜଗତର ବିଶ୍ୱ ସଂଘର ଆନ୍ଦୋଳନ ରହିଛି। ଆଉ ସେହି… ତାହା ଉପରେ ଜଣେ ଲୁଥରାନ ସେବକ କାର୍ଯ୍ୟକାରୀ ଭାବେ ରହିଛନ୍ତି। ଯେପରିକି, ଯଦି କୌଣସି ଏକ ବିପଦ ଆସେ, ଏଠାରେ ଏହି ପାଖରେ ପଡ଼ୋଶରେ ତାହା ଘଟିଥାଏ; ଯଦି ଆମେମାନେ ସେହି ବିଶ୍ୱ ସଂଘର ଆନ୍ଦୋଳନରେ ଏକୀକରଣ ନ ହୋଇଥିବୁ, ତେବେ ଆମମାନଙ୍କର ମଣ୍ଡଳୀ ଆଉ ଅଧିକ ମଣ୍ଡଳୀ ହୋଇ ରହିପାରିବ ନାହିଁ, ଆଉ ସେମାନେ ତାହାକୁ ଏକ ଗୋଦାମ ଘର ନିମନ୍ତେ ବ୍ୟବହାର କରିପାରିବେ। କିଅବା ଆମ ଭାଇମାନଙ୍କ ମଧ୍ୟରୁ ଯଦି ଜଣେ କେହି କାହାରିକୁ ମରୁଥିବାର ଅବା ଆଘାତ ପାଇଥିବାର ଦେଖନ୍ତି, ଏବଂ ତାହାଙ୍କୁ କୌଣସି ଆତ୍ମିକ ଆଶୀର୍ବାଦ ଦ୍ୱାରା ସେବା କରିବାକୁ ଚେଷ୍ଟା କରନ୍ତି, ତାହା ପାଇଁ

ଆମକୁ ଗୁଳି ମାରି ଦିଆ ଯାଇପାରେ; ଏହା ଅବିକଳ ଠିକ୍ ଅଟେ । କୌଣସି ପ୍ରକାରର ସେବା କରୁଥିବା ପାଇଁ ଆମମାନଙ୍କୁ ଦଶ ବର୍ଷର କାରାଗାର ଦଣ୍ଡ ହୋଇପାରେ, କାରଣ ଆମେ ଏହି ବିଶ୍ୱ ସଂଘର ଆନ୍ଦୋଳନର ଏକ ସଦସ୍ୟ ନୋହୁଁ । କଅଣ ଆପଣମାନେ ସେହି ପଶୁର ଚିହ୍ନକୁ ଦେଖୁ ନାହାଁନ୍ତି କି? ବୁଝିଲେ? ବୁଝିଲେ?

58 ତେବେ, ଆମେ ଏହି ଏକୀକରଣର ସମୟକୁ ଆସୁଥିବାର ଦେଖୁ । ବୁଝିଲେ? ତେବେ, ଦେଖନ୍ତୁ! ଆଉ ତେବେ ମଣ୍ଡଳୀ ଆପଣାକୁ ସେହି ବାର୍ତ୍ତା ବିରୁଦ୍ଧରେ ଏକୀକରଣ କରିଅଛି; ପୁଣି ତାହା ପରେ ଯେତେବେଳେ ଏହା ତାହା କରି ନେଇଥାଏ, ରାଷ୍ଟ୍ରଗୁଡ଼ିକ ପୁନର୍ବାର ମଣ୍ଡଳୀକୁ ବିନାଶ କରିବା ପାଇଁ ନିଜ ନିଜକୁ ସାମ୍ୟବାଦରେ ଏକୀକରଣ କରୁଅଛନ୍ତି; ଠିକ୍ ସେହିପରି ଭାବରେ ଯେପରିକି ତାହା ପ୍ରଥମ ସ୍ଥାନରେ କରିଥିଲା । ବୁଝିଲେ? ଏହା ତ ନିଜକୁ ଠିକ୍ ପୁଣିଥରେ ପୁନାରବୃତ୍ତି କରିଥାଏ ।

59 ଇସ୍ରାଏଲକୁ ପ୍ରଥମେ ବାର୍ତ୍ତା ଅଗ୍ରାହ୍ୟ କରିବାକୁ ଥିଲା । ଆଉ ଯେତେବେଳେ ସେମାନେ ବାର୍ତ୍ତାକୁ ଅଗ୍ରାହ୍ୟ କଲେ, ତାହା ପରେ ସେହି ସୈନ୍ୟ ସାମାର୍ଥ, ସେହି ରାଷ୍ଟ୍ରୀୟ ଜୀବନ ଆପଣାକୁ ଏକାଠି ଏକୀକରଣ କଲା (ଅନ୍ୟ ରାଷ୍ଟ୍ରମାନଙ୍କର), ଏବଂ ଆସି ମଣ୍ଡଳୀକୁ ଛାରଖାର କରିଦେଲା । ଆଉ ଆଜି, ସେମାନେ ପ୍ରଭୁ ଯୀଶୁଙ୍କର ବାର୍ତ୍ତାକୁ ଅଗ୍ରାହ୍ୟ କରିଦେଇଛନ୍ତି, ଏବଂ ସେମାନେ ତାହାକୁ ଅସ୍ୱୀକାର କରିଦେଇଛନ୍ତି । ଆଉ ବର୍ତ୍ତମାନ, ସେହି ସମୟ ଉପସ୍ଥିତ ଅଟେ ଯେଉଁଠାରେକି ସାମ୍ୟବାଦ ମଣ୍ଡଳୀ ବିରୁଦ୍ଧରେ ଜଗତକୁ ଏକୀକରଣ କରୁଅଛି । ଦେଖନ୍ତୁ, ଏହାକୁ ତ ସେହି ପ୍ରକାରେ ହେବାକୁ ହିଁ ଅଛି । ତେବେ, ତାହା କହିବା କଷ୍ଟକର ଅଟେ ।

60 ଏହା ସେହି ଯିହୂଦୀମାନଙ୍କ ପାଇଁ ତାହା ବିଶ୍ୱାସ କରିବାଟା କଷ୍ଟକର ଥିଲା । ସେମାନେ କହିଥିଲେ, "ତେବେ ଭାଇମାନେ, ଆସନ୍ତୁ, ଆମେମାନେ ଦେଖୁ ଯେ—ଯେ ଆମମାନଙ୍କର—ଆମମାନଙ୍କର ପରମେଶ୍ୱର ଆମ ସହିତରେ ଅଛନ୍ତି, ଆଉ ତେଣୁକରି ଆମେ—ଆମେ ମନ୍ଦିରକୁ ଯିବା । ଆଉ ବର୍ତ୍ତମାନ ଆମେମାନେ ପ୍ରାର୍ଥନା କରିବା, ଏବଂ ଏହା ହେଉ ଯେ ପବିତ୍ର ପିତା *ଅମୁକ-ଓ-ଅମୁକ* ଓ ପବିତ୍ର ପିତା *ଅମୁକ-ଓ-ଅମୁକ* ପ୍ରାର୍ଥନାରେ କଢ଼ାଇ ନିଅନ୍ତୁ । ଦ୍ୱାର ବନ୍ଦ କରିଦିଅ!" ପୁଣି ଟାଇଟସ୍ ନିଜର ପକ୍ଷ ନେଲା, ଏବଂ ଠିକ୍ ସେହିଠାରେ ପ୍ରାୟଃ ଗୋଟିଏ ବର୍ଷ କିମ୍ବା ଅଧିକ ସମୟ ପାଇଁ ଜଗି ରହିଲା । ଦେଖନ୍ତୁ, ଠିକ୍ ଜଗି ରହିଲା, ଏବଂ ସେମାନଙ୍କୁ ଅନାହାରରେ ମାରି ଦେଲା । ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସୁଦ୍ଧା ସେହି ନଗରରୁ ବାହାରି ପାରିଲେ ନାହିଁ; ଆଉ ସେମାନେ ଅନାହାରରେ, ମରିଗଲେ । ଆଉ ଯେତେବେଳେ ସେ ଭିତରକୁ ପ୍ରବେଶ କଲା ଓ ସେହି ପ୍ରାଚୀରଗୁଡ଼ିକୁ ଭାଙ୍ଗି ଦେଲା, ରକ୍ତ ଗଦ ଗଦ ହୋଇ ବାହାରି ଆସିଲା ଓ ସେଠାରେ ତଳେ ନଦୀ ଭଳିଆ ପ୍ରବାହିତ ହେଲା ଯେଉଁଠାରେକି ସେ ଭିତରେ ଥିବା ସମସ୍ତଙ୍କୁ ଘାତ କରିଥିଲା ।

61 ତେବେ, ସଦାପ୍ରଭୁଙ୍କର ଦୂତ ତାହା ଭବିଷ୍ୟଦ୍‌ବାଣୀ କରିଥିଲେ, ପଶ୍ଚାତ୍ ସମୟରେ ପୁରାତନ ନିୟମରେ, ଆଉ ଏହା କହିଥିଲେ ଯେ ତାହା ଘଟିବ । ଆଉ ସେହି ସେବକମାନେ,

ଯେଉଁମାନେକି ଯାଜକବର୍ଗ ଥିଲେ, ଯେଉଁମାନଙ୍କରକି ଉଚିତ୍ ଥିଲା ଯେ ସେଠାରେ ଦାୟିତ୍ୱରେ ନ୍ୟସ୍ତ ରହିଥାଆନ୍ତେ ଓ ଲୋକମାନଙ୍କୁ ଏହା କହିଥାଆନ୍ତେ ଯେ, ମାତ୍ର ତାହା କରିବା ପରିବର୍ତ୍ତେ, ଯେତେବେଳେ ଯୀଶୁ ସେମାନଙ୍କ ମଧ୍ୟରେ ଛିଡ଼ା ହୋଇଥିଲେ, ସେମାନେ ତ ଏପରିକି ତାହାଙ୍କୁ ଚିହ୍ନିଲେ ସୁଦ୍ଧା ନାହିଁ; ଓ ଏକ—ଏକ ପ୍ରକାର…କୌଣସି ପ୍ରକାରର ଏକ—ଏକ ଶୁଭ-ଭାଗ୍ୟର ସଙ୍କେତ ପରି କରିବାକୁ ଚେଷ୍ଟା କରିଥିଲେ, "ଆମ ପାଇଁ ଏକ ଜାଦୁବିଦ୍ୟା ସାଧନ କର, ତେବେ ଆସୁ ଦେଖିବା ଯେ ତାହା କିପରି—କିପରି ସାଧନ କରାଯାଏ! ଆମକୁ ଏକ ଚିହ୍ନ ଦେଖାଅ ।" ବୁଝିଲେ?

ଆଉ ସେ କହିଲେ, "ମୁଁ…" କାହିଁକି, ସେ ତ ଏତେ ଅଧିକ ବିଷୟ ସାଧନ କରିଥିଲେ, ପୁଣି ତଥାପି ସେମାନେ ତାହା ଦେଖିପାରି ନ ଥିଲେ । ବୁଝିଲେ? ଆଉ ଯେତେବେଳେ ସେମାନେ ତାହାଙ୍କୁ ଅଗ୍ରାହ୍ୟ କରିଦେଇଥିଲେ ସେମାନଙ୍କର…ସେହି ଦିନର ବାର୍ତ୍ତା ଭାବେ, ସେମାନେ ସେହି ଦିନର ବାର୍ତ୍ତାକୁ ଅଗ୍ରାହ୍ୟ କରି ଦେଇଥିଲେ ।

62 ସେମାନେ ସେହି ଦିନର ଚିହ୍ନକୁ ଦେଖିବାରେ ବିଫଳ ହୋଇଥିଲେ । ଆଉ ସେମାନଙ୍କ ସମ୍ମୁଖରେ ସେହି—ସେହି ବାଇବଲର ଭବିଷ୍ୟତ୍‌ବାଣୀର ଚିହ୍ନକୁ ସାଧନ କରାଗଲା, ପୁଣି ସେମାନେ କହିଲେ, "ତେବେ ଆସୁ, ଆମେମାନେ ଭିତରକୁ ଯାଉ!" ସେମାନେ ପବିତ୍ର ଲୋକମାନେ ଥିଲେ । ସେମାନେ ଏପରି ଲୋକମାନେ ଥିଲେ ଯେଉଁମାନଙ୍କର ଜୀବନ ଉପରେକି ଆପଣ ଆଙ୍ଗୁଳି ଉଠାଇପାରନ୍ତି ନାହିଁ । ସେମାନେ *ତାହା* ହୋଇପାରନ୍ତି ନାହିଁ, ଆଉ ତାହା ପରେ—ଆଉ ତାହା ପରେ ଜଣେ—ଜଣେ—ଜଣେ ଯାଜକ ହୋଇପାରନ୍ତି ନାହିଁ । ଜଣେ ଯାଜକକୁ ତ ମାରି ଦିଆଯିବ, ତାହାଙ୍କୁ କୌଣସି ବି ଛୋଟ ବିଷୟ ପାଇଁ ପ୍ରସ୍ତରାଘାତ ଦ୍ୱାରା ମାରି ଦିଆଯିବ । ଏଣୁ ତାହାଙ୍କୁ ତ ଏକ ବିଶୁଦ୍ଧ, ପବିତ୍ର ଜୀବନ ନିର୍ବାହ କରିବାକୁ ହିଁ ଥିଲା । ସେ ତାହା କରିପାରନ୍ତି ନାହିଁ, କାରଣ କୌଣସି ବି ଛୋଟ ବିଷୟ ପାଇଁ ତାହାଙ୍କୁ ପ୍ରସ୍ତରାଘାତ ଦ୍ୱାରା ମାରି ଦିଆ ଯାଉଥିଲା । ଆଉ ତେବେ ଲୋକମାନଙ୍କର ଦୃଷ୍ଟିରେ ସେମାନେ ମହାନ ଲୋକମାନେ ଥିଲେ, ଏବଂ ପବିତ୍ର ଲୋକମାନେ ଥିଲେ, ଓ ତଥାପି ସେମାନେ ଭିତରକୁ ଗଲେ ଆଉ କହିଲେ, "ବର୍ତ୍ତମାନ ଆମେମାନେ କରିବା…ଆମମାନଙ୍କ ପାଖରେ ପରମେଶ୍ୱର ଅଛନ୍ତି, ସେହି ପରମେଶ୍ୱର ଯିଏକି ସମସ୍ତ ଯୁଗ ଦେଇ ଆମମାନଙ୍କ ସହିତରେ ରହି ଆସିଛନ୍ତି । ଆମେମାନେ ତାହାଙ୍କର ପବିତ୍ର ମନ୍ଦିରକୁ ଯିବା ।" ତାହା ପରମେଶ୍ୱରଙ୍କର ମନ୍ଦିର ଥିଲା! ମାତ୍ର, ଆପଣମାନେ ଦେଖନ୍ତୁ, ତାହାଙ୍କୁ ତ ତାହାଙ୍କର ପବିତ୍ର ମନ୍ଦିରରେ ଅଗ୍ରାହ୍ୟ କରି ଦିଆଯାଇଥିଲା । ବୁଝିଲେ? "ଆମେମାନେ ପ୍ରଭୁଙ୍କର ଗୃହକୁ ଯିବା । ତେବେ ଆପଣ ସମସ୍ତ ଏବ୍ରୀୟ ଲୋକମାନେ ଏହା ଜାଣନ୍ତି ଯେ ଆମେମାନେ ମନୋନୀତ ବଂଶ ଅଟୁ, ଆମେମାନେ ଏଠାରେ, ଅଟୁ । ଆଉ ପରମେଶ୍ୱର ଆମର ପରମେଶ୍ୱର ଅଟନ୍ତି; ଅବ୍ରହାମ, ଇସହାକ, ଓ ଯାକୁବଙ୍କର ପରମେଶ୍ୱର ଅଟନ୍ତି । ସେ ଆମମାନଙ୍କ ସହିତରେ ଅଛନ୍ତି । ସେ ଆମମାନଙ୍କୁ ସେଠାରେ ଥିବା ସେହି ଅସୁନ୍ନତ ପଲେଷ୍ଟିୟମାନଙ୍କଠାରୁ (ଯେପରିକି ତାହା ଥିଲା), ସେହି

ରୋମୀୟ ଏବଂ ଗ୍ରୀକ୍ ଲୋକମାନଙ୍କଠାରୁ ଉଦ୍ଧାର କରିବେ। ସେ ଆମମାନଙ୍କୁ ସେଥିରୁ ଉଦ୍ଧାର କରିବେ। ତେବେ ଆସୁ ସଦାପ୍ରଭୁଙ୍କ ଗୃହକୁ ଯାଉ!"

63 ତାହା ଶୁଣିବାକୁ ଉତ୍ତମ; ମାତ୍ର ସେମାନେ କଅଣ କରିଥିଲେ? ସେହି ଗୃହର ନିର୍ମାଣକାରୀ ସେଠାରେ ରହିଥିଲେ, ଏକ ଅତି ନମ୍ର ଗାଲିଲୀୟ ବଢ଼େଇ ଭାବରେ, ଆଉ ସେମାନେ ତାହାଙ୍କୁ ଅଗ୍ରାହ୍ୟ କରି ଦେଇଥିଲେ; ଯେତେବେଳେକି ପରମେଶ୍ୱର ତାହାଙ୍କୁ ସେହି ସମୟର ତାହାଙ୍କର ବାର୍ତ୍ତାବହ, ଓ ଶାଖା ହୋଇଥିବାର ପ୍ରମାଣିତ କରି ସାରିଥିଲେ। ଆଉ ସେମାନେ ତାହାଙ୍କୁ ଅଗ୍ରାହ୍ୟ କରି ଦେଇଥିଲେ। ଏଣୁ ସମସ୍ତ ପ୍ରାର୍ଥନା, ସମସ୍ତ ନିଷ୍ଠାପରତା, ସେମାନଙ୍କର ସମସ୍ତ ବଳିଦାନଗୁଡ଼ିକ ପରମେଶ୍ୱରଙ୍କ ଛାମୁରେ କିଛି ହିଁ ଅର୍ଥ ନ ଥିଲା। ସେମାନେ ତ ତାହା କରି ସାରିଥିଲେ! ଆଉ ପରମେଶ୍ୱର ତାହାକୁ ବିନାଶ କରିବା ନିମନ୍ତେ ସେହି ମହାନ ସୈନ୍ୟଦଳକୁ ଏକୀକରଣ ହେବା ପାଇଁ ଦେଇଥିଲେ।

64 ଆଉ ଆଜି ଆମେମାନେ ଦେଖୁ, ଯେତେବେଳେକି ମଣ୍ଡଳୀଗୁଡ଼ିକ ନାମଧାରୀ ସଂସ୍ଥାମାନ ଦେଇ ଓ ପ୍ରଭୃତିସବୁ ଦେଇ, ପରମେଶ୍ୱରଙ୍କ ବାକ୍ୟକୁ ଅଗ୍ରାହ୍ୟ କରୁଛନ୍ତି। ସେମାନେ ଚାହାଁନ୍ତି ନାହିଁ ଯେ ଆପଣ ସେମାନଙ୍କୁ ଏହିସବୁ ବିଷୟ କୁହନ୍ତୁ, ଓ ବିଜ୍ଞାନ ଏହାକୁ ଚିତ୍ରଗୁଡ଼ିକ ଦ୍ୱାରା ଏବଂ ସବୁକିଛି ଦ୍ୱାରା ପ୍ରମାଣ କରିପାରେ, ଆଉ ତଥାପି ସେମାନେ ଏହା ସହିତ କିଛି ହେଲେ କରିବାକୁ ଚାହାଁନ୍ତି ନାହିଁ। ଏଣୁକରି ସାମ୍ୟବାଦ ଏହାକୁ ବିନଷ୍ଟ କରିବା ପାଇଁ ଗଠିତ ହେଉଅଛି, ଠିକ୍ ଯେପରିକି ଟାଇଟସ୍ କରିଥିଲା, ଓ ବାଇବଲ କହେ ଯେ ସେମାନେ ତାହା କରିବେ। ଅବିକଳ ଭାବେ!

65 ବର୍ତ୍ତମାନ, କଅଣ ଆପଣମାନେ ଦେଖନ୍ତି ଯେ ଆମେମାନେ କେଉଁଠାରେ ରହୁଅଛୁ? ସେହି ଏକୀକରଣର ସମୟକୁ, ଯେତେବେଳେକି ଆମେମାନେ ଏହିସବୁ ବିଷୟକୁ ଏକୀକରଣ ହେଉଥିବାର ଦେଖୁଅଛୁ। ଓଃ, ଆମେମାନେ କାହିଁକି ସେହି ବିଷୟସବୁକୁ ଦେଖିବାକୁ ବିଫଳ ହେଉ? ଆପଣ ଏଠାରେ—ଆପଣ ଏଠାରେ ପବିତ୍ରଶାସ୍ତ୍ରରେ ତାହା ଅନାଇପାରନ୍ତି ଓ ଦେଖିପାରନ୍ତି ଯେ କେଉଁଠାରେ ସେ ତାହାର ପ୍ରତିଜ୍ଞା କରିଥିଲେ, ଯେ ସେ କଅଣ କରିବେ? ବର୍ତ୍ତମାନ, ଆମେ ଏହାକୁ ସଫଳ ହେଉଥିବାର ଦେଖୁ। ଆମେମାନେ ମଣ୍ଡଳୀରେ ଦେଖୁ ଯେ ସେ କଅଣ କରିବାକୁ ପ୍ରତିଜ୍ଞା କରିଥିଲେ; ଆମେ ତାହାକୁ ସଫଳ ହେଉଥିବାର ଦେଖୁ। ଆମେମାନେ ରାଷ୍ଟ୍ରଗୁଡ଼ିକୁ ଏକାଠି ଏକୀକରଣ ହେଉଥିବାର ଦେଖୁ। ଆମେମାନେ ସେହି ବାଦଗୁଡ଼ିକୁ ଏକାଠି ଏକୀକରଣ ହେଉଥିବାର ଦେଖୁ। ଆମେମାନେ ମଣ୍ଡଳୀଗୁଡ଼ିକୁ ଏକାଠି ଏକୀକରଣ ହେଉଥିବାର ଦେଖୁ। ଏହା ଏକୀକରଣର ସମୟ ଅଟେ। ଏହା ଏକୀକରଣର କାଳ ଅଟେ। ତାହା ତ ଏହି ଯୁଗର ଆତ୍ମା ଅଟେ, "ଆମମାନଙ୍କୁ ଏକୀକରଣ କରିବାକୁ ଅଛି।" ସବୁକିଛି ବିଷୟ ଯାହା ସମ୍ବନ୍ଧରେ ଆପଣ କଥାବାର୍ତ୍ତା କରନ୍ତି ସଙ୍ଗଠିତ ହେବାକୁ ଅଛି; ଏପରିକି ସରକାର ସୁଦ୍ଧା ତାହାକୁ ଗ୍ରହଣ କରିବେ ନାହିଁ।

66 ଆପଣ ଜାଣନ୍ତି, ଜଣେ ନାଗରିକ ଭାବରେ...ମୁଁ ଜଣେ ନାଗରିକ ଭାବରେ, ସଂଯୁକ୍ତ ରାଷ୍ଟ୍ରର ଜଣେ ନାଗରିକ ଭାବରେ କରିପାରେ ନାହିଁ, ତଥାପି ମୁଁ—ମୁଁ...ଆପଣ ମୋତେ

ପାଞ୍ଚ ଡଲାରର ଏକ ଚେକ୍ ଦିଅନ୍ତି ଆଉ ମୁଁ ସେଥିରେ ମୋ'ର ନାମକୁ ଲେଖିବାର ସୁଦ୍ଧା ସାହାସ କରେ ନାହିଁ। ହୁଁଉଁ। ଦେଖନ୍ତୁ, ମୁଁ ତାହା କରିପାରେ ନାହିଁ। ଦେଖନ୍ତୁ, ଏହା ତ ଏକ ଏକୀକରଣର ସମୟ ଅଟେ। ଏହାସବୁକୁ ତ କୌଣସି ପ୍ରକାରର କିଛି ଏକ ଏକୀକରଣ ଦେଇ ଗତି କରିବାକୁ ଅଛି, ଆଉ ସେହି ଏକୀକରଣ ହିଁ ସେହି ବିଷୟ ଅଟେ ଯାହାକି ସେହି ପଶୁର ଚିହ୍ନକୁ ନେଇ ଆସିଥାଏ। ଦେଖନ୍ତୁ? ଏହା ଏକ ଏକୀକରଣର ସମୟ ଅଟେ, ଆଉ ଏହା ଠିକ୍ ସେହି ବିଷୟରେ କାର୍ଯ୍ୟକାରୀ ହୋଇ ଆସୁଅଛି। ଆପଣ ଏହାକୁ ନିଜର ସ୍ପଷ୍ଟ ଆଖିରେ ଠିକ୍ ଦେଖିପାରନ୍ତି, ଯଦି ଆପଣ ଏହାକୁ ଅନାଇବେ। ଏହା ଏକ ଏକୀକରଣର ସମୟ ଅଟେ, ଯେଉଁଠାରେକି ସମସ୍ତକିଛି ବିଷୟ ଏକୀକରଣ ହେଉଅଛି।

67 ସେହି ଯିହୂଦୀ—ଯିହୂଦୀମାନେ ଯୀଶୁଙ୍କୁ ସେମାନଙ୍କର—ସେମାନଙ୍କର ମଶୀହ ସ୍ୱରୂପେ ଗ୍ରହଣ କରିବା ବିରୁଦ୍ଧରେ, ଆପଣାମାନଙ୍କୁ ଏକୀକରଣ କରିଥିଲେ। ଅତଏବ, ଆମେମାନେ ତାହା ଦେଖୁ ଯାହା ଘଟିଥିଲା। ବର୍ତ୍ତମାନ ଆମେମାନେ ସେହି ସମାନ ବିଷୟକୁ ଦେଖୁଅଛୁ, ସାମ୍ୟବାଦ ମଣ୍ଡଳୀକୁ ବିନାଶ କରିବା ପାଇଁ ଏକୀକରଣ କରୁଅଛି, ଏହାଉତ୍ତାରେକି ମଣ୍ଡଳୀ ବିଶ୍ୱ ଗୀର୍ଜା ପରିଷଦରେ ଏକୀକରଣ କରି ସାରିଥାଏ ଓ ପରମେଶ୍ୱରଙ୍କ ବାକ୍ୟକୁ, ସେହି ବାର୍ତ୍ତାକୁ ବିନାଶ କରିବାକୁ ଚେଷ୍ଟା କରିଥାଏ। ସେମାନେ ଏଥିରୁ ବଞ୍ଚିତ ହେବା ପାଇଁ ଚେଷ୍ଟା କରିଥାଆନ୍ତି। କେବଳ ଗୋଟିଏ ମାତ୍ର ବିଷୟ ଯାହା ସେମାନେ କରିପାରନ୍ତି ତାହା ହେଲା ଏକ ପରିଷଦ ଗଢ଼ିବା ପାଇଁ ନିଜକୁ ଏକୀକରଣ କରନ୍ତି, କାରଣ ଯେହେତୁ ସେମାନେ ପୃଥକୀକୃତ ହୋଇ ରହିଅଛନ୍ତି; ଏଠାରେ ଗୋଟିଏ ଛୋଟ ସମୂହ ଭାବରେ, ମେଥୋଡିଷ୍ଟମାନଙ୍କର, ଏବଂ ବାପ୍ଟିଷ୍ଟମାନଙ୍କର, ଓ ଲୁଥରାନମାନଙ୍କର, ପୁଣି ପ୍ରେସବିଟେରିଆନମାନଙ୍କର, ଚର୍ଚ୍ଚ ଅଫ୍ କ୍ରାଇଷ୍ଟର, ଓ ସେହିପରି ପ୍ରଭୃତି ଇତ୍ୟାଦିର। ସେମାନେ କିଛି କରିପାରନ୍ତି ନାହିଁ, କାରଣ *ଏହି* ଜଣକ *ସେହି* ଜଣକା ବିରୁଦ୍ଧରେ ହୋଇଯିବ, *ଏହି* ଜଣକ ସେହି *ଅନ୍ୟ* ଜଣକା ବିରୁଦ୍ଧରେ ହୋଇଯିବ, ସେମାନଙ୍କର ଶିକ୍ଷା ସିଦ୍ଧାନ୍ତ ଠିକ୍ ସେତିକି ଭିନ୍ନ ଅଟେ ଯେତିକି ଭିନ୍ନ ପୂର୍ବ ପଶ୍ଚିମରୁ ଅଟେ। ଦେଖନ୍ତୁ, ସେମାନେ ତାହା କରିପାରନ୍ତି ନାହିଁ। ମାତ୍ର ଥରେ ଏକାଠି ଆସିଲେ, ଗୋଟିଏ ମୁଖ୍ୟ ମସ୍ତକ ଅଧିନରେ, ସେମାନେ ତାହା ପାଇଥାଆନ୍ତି। ତେବେ ସେମାନେ ତାହା ପାଇଯାଆନ୍ତି।

68 ଠିକ୍ ସେହି ପ୍ରକାରେ କ୍ୟାଥୋଲିକମାନେ ଏପରି ଭାବରେ ଏକୀକରଣରେ ରହିଥାଆନ୍ତି, ସେହି ରୋମାନ କ୍ୟାଥୋଲିକ, ଅବଶ୍ୟ ସେମାନେ ଏକ ଏକୀକରଣରେ ଅଛନ୍ତି, ସେମାନେ... ସଂଖ୍ୟାଗରିଷ୍ଠ ରୋମାନ କ୍ୟାଥୋଲିକ ହିଁ ଅଟନ୍ତି; ଗ୍ରୀକ୍ ଏବଂ ଅନ୍ୟ କ୍ୟାଥୋଲିକମାନେ ସେତେ—ସେତେ ଅଧିକ ସଂଖ୍ୟାରେ ନାହାଁନ୍ତି ଯେତିକି ରୋମାନ କ୍ୟାଥୋଲିକ ଅଛନ୍ତି। ତେବେ ସେମାନେ ଏକାଠି ଏକୀକରଣ ହୁଅନ୍ତି, ଆଉ ସେହି କାରଣ ହିଁ ଅଟେ ଯେ ସେମାନେ ଏକାଠି ଛିଡ଼ା ରହିଥାଆନ୍ତି। ଏଥିରେ ଯାଏ ଆସେ ନାହିଁ ଯେ କଅଣ ଘଟେ, ସେହି ପୋପ୍ ହିଁ ସବୁକିଛି ବିଷୟର ମୁଖ୍ୟ ଅଟନ୍ତି। ବୁଝିଲେ? ଆଉ ଏଥିରେ କିଛି ଯାଏ ଆସେ ନାହିଁ ଯେ ଅନ୍ୟ କେହି କଅଣ କହେ, "ସେ ତ ଅମୋଘ ଅଟନ୍ତି; ସେ—ସେ—ସେ ତ ପରମେଶ୍ୱରଙ୍କର ତାଙ୍କ

ବଦଳରେ ଜଣେ ଅଟନ୍ତି, ତାହାହିଁ ସବୁକିଛି ଅଟେ; ସେ ପରମେଶ୍ୱରଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ଅଟନ୍ତି; ତାହାଙ୍କର ଆଧିପତ୍ୟ ପାତାଳ, ସ୍ୱର୍ଗ ଏବଂ ପାପ ମୋଚକ ସ୍ଥାନ ଉପରେ ରହିଛି ।" ବୁଝିଲେ? ଏଣୁ ଏପରି କିଛି ବି ବିଷୟ ନାହିଁ ଯେ *ସେହି* ମାମଲାରେ ତାହା କରା ଯାଇପାରେ; ଯାହାକିଛି ସେ କୁହନ୍ତି, ତାହାହିଁ ହେବାକୁ ଅଛି ।

69 ତେବେ, ପ୍ରୋଟେଷ୍ଟାଣ୍ଟମାନେ ଠିକ୍ ସେହି ସମାନ ପ୍ରକାରେ, ନିଜ ନିଜ ଭିତରେ ସେହିପରି ଜଣେ ମୂଖ୍ୟକୁ ପ୍ରସ୍ତୁତ କରୁଛନ୍ତି । ଆଉ କଅଣ ବାଇବଲ ଏହା କହେ ନାହିଁ କି ଯେ ସେହି ପଶୁ ନିମନ୍ତେ ଏକ ପ୍ରତିମା ନିର୍ମାଣ କରାଗଲା? ଏକ ପ୍ରତିମାଟି କଅଣ ଅଟେ? ଏହା ତ ତାହାର ନିଜର ପରି କିଛି ଅଟେ, ତାହାର ନିଜର ପରି ନିର୍ମାଣ କରାଯାଇଥିବା ଅଟେ । ତାହା ସେଠାରେ ଅଟେ, ସେହି ସମାନ ବିଷୟ । ତାହା କଅଣ ଅଟେ? ଆପଣାକୁ ଏକାଠି ଏକୀକରଣ କରିବା ଦ୍ୱାରା, ଆଉ ଏହା ସେହି ଯୁଗର ଆତ୍ମା ଅଟେ, *ଏକୀକରଣ* ହେବା ।

70 ବର୍ତ୍ତମାନ ଏକାଠି ଏକୀକରଣ ହୋଇ, ସେହି ବାର୍ତ୍ତାକୁ ବିନାଶ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ ତାହାକୁ କିପରି ଭାବରେ ବିନାଶ କରନ୍ତି? ସେମାନେ କିପରି ଭାବରେ ପରମେଶ୍ୱରଙ୍କ ବାକ୍ୟକୁ ବିନାଶ କରିପାରନ୍ତି? ସେମାନେ ତାହାକୁ ପ୍ରଭାବହୀନ, ପ୍ରଭାବରହିତ କରି ଦେଇପାରନ୍ତି, ପରମ୍ପରାଗୁଡ଼ିକୁ ଗ୍ରହଣ କରିବା ଦ୍ୱାରା ଯେପରିକି ସେମାନେ ପଶ୍ଚାତ ସମୟରେ ସେହି ଆରମ୍ଭରେ କରିଥିଲେ, ଏବଂ ପରମେଶ୍ୱରଙ୍କ ବାକ୍ୟକୁ ପ୍ରଭାବହୀନ କରି ଦେଇଥିଲେ । ଦେଖନ୍ତୁ, ସେମାନେ କହିଲେ, "ଓଃ, ତାହା ତ…ବାସ୍ତବରେ, ଅନ୍ତତଃ,…" ଆପଣମାନେ ଦେଖନ୍ତୁ ଯେ କେଉଁଠାରୁ ଏହି ନାସ୍ତିକ ସ୍ତ୍ରୀଲୋକଟି ଯିଏକି ଚେଷ୍ଟା କରୁଛନ୍ତି ଯେ…ସେ…ବର୍ତ୍ତମାନ ମୁଁ ଭୁଲିଯାଉଛି ଯେ ତାଙ୍କର ନାମ କଅଣ ଅଟେ; ଯଦି ମୁଁ ତାହା କେବଳ ମନେ ପକାଇପାରେ । ସେ…ମୁଁ ଅନେକ ଗୁଡ଼ିଏଙ୍କ ବିଷୟରେ ଭାବିବାକୁ ଚେଷ୍ଟା କରୁଅଛି ।

71 ଅନ୍ୟ ଏକ ଦିନେ ମୁଁ ଏହି ଶ୍ରୀମତୀ ରାଷ୍ଟ୍ର ବିଷୟରେ ଚିନ୍ତା କରୁଥିଲି; ମୁଁ ଇଚ୍ଛା କରୁଥିଲି ଯେ ଆମ ପାଖରେ ସେହିପରି ଆଉ ଏକ ଜଣ ଉଠୁଥିବାର ରହିଥାଆନ୍ତେ କି । ସେ ହିଁ ସେହି ଜଣକା ଥିଲେ ଯିଏକି ମଦଶାଳାମାନଙ୍କୁ ଯାଇଥିଲେ ଏବଂ ମଦ ବୋତଲଗୁଡ଼ିକୁ ଭାଙ୍ଗି ଦେଇଥିଲେ, ଆଉ ବିଭିନ୍ନ ସେହି ଚିହ୍ନ ସଙ୍କେତଗୁଡ଼ିକୁ ଓ ସେହିପରି ସମସ୍ତ ବିଷୟଗୁଡ଼ିକୁ ଫଙ୍ଗାଡ଼ି ଦେଇଥିଲେ । ଆଜି ଠିକ୍ ସେହିପରି ଭାବରେ କୌଣସି ସ୍ତ୍ରୀଲୋକ କାହିଁକି ଛିଡ଼ା ହେଉନାହାଁନ୍ତି, ଆଉ ଏଠାକୁ ଯାଇ ତାଙ୍କର ନିଜର ଜାତିର ଏହି ସ୍ତ୍ରୀଲୋକମାନଙ୍କର ନଗ୍ନ ଫଟୋଚିତ୍ରସବୁକୁ, ଏବଂ ସେହିପରି ବିଷୟସବୁକୁ ଚିରି ଦେଉନାହାଁନ୍ତି? ଯେପରିକି, ସେମାନଙ୍କର ଏହା ଆଉ ଅଧିକ ରହେ ନାହିଁ ।

72 ତେବେ, ମାତ୍ର ଏହି ସ୍ତ୍ରୀଲୋକଟି, ଜଣେ ନାସ୍ତିକ ଅଟନ୍ତି, ଯିଏକି କହିଥିଲେ ଯେ—ଯେ "ବାଇବଲକୁ ସାର୍ବଜନିକ ଭାବେ ବିଦ୍ୟାଳୟରେ ପାଠ କରାଯିବାଟା, ନ୍ୟାୟସଙ୍ଗତ ନୁହେଁ," ଓ ସେହିପରି ଅନ୍ୟାନ୍ୟ ବିଷୟମାନ ।

73 ତେବେ ସେମାନେ ମଧ୍ୟ, କଅଣ ଆପଣମାନେ ପୁନର୍ବାର ଧ୍ୟାନ ଦେଇଛନ୍ତି କି, ସେମାନେ ବର୍ତ୍ତମାନ ଏହା କହିବାକୁ ଚେଷ୍ଟା କରୁଛନ୍ତି, ପୁଣି ପବିତ୍ରଶାସ୍ତ୍ରର ମହାନ ଅଧ୍ୟୟନକାରୀମାନେ, କହିଲେ ଯେ, "ବାଇବଲରେ ଭବିଷ୍ୟତ୍‌ବାଣୀ କରାଯାଇଥିବା ଅଧିକାଂଶ ଭବିଷ୍ୟତ୍‌ବାଣୀମାନ ସମ୍ପୂର୍ଣ୍ଣ ଭାବେ ଭୁଲ୍ ଥିଲା, ଓ ତାହା କେବେ ହେଁ ସଫଳ ହୋଇ ନ ଥିଲା।" ଆଉ ଆପଣମାନେ ତାହା ବିଷୟରେ ଶୁଣିଛନ୍ତି ଓ ତାହା ପାଠ କରିଛନ୍ତି। ଆଉ ସେମାନେ ସମସ୍ତକିଛି ବିଷୟ କହିବାକୁ ଚେଷ୍ଟା କରୁଛନ୍ତି; ଆପଣମମାନେ ଦେଖନ୍ତୁ, ସେମାନେ ସେହି ବାକ୍ୟର ପ୍ରଭାବକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଛନ୍ତି। ଯଦି ସେମାନେ କେବଳ ବିନଷ୍ଟ କରିପାରନ୍ତି ଓ ତାହା ବଦଳେ ଏକ ମତ କିମ୍ଵା ଏପରିକିଛିକୁ ଗ୍ରହଣ କରିପାରନ୍ତି ଯାହାକି ମନୁଷ୍ୟମାନଙ୍କ ପାଖରେ ଅଛି, ଯାହାକି ସେମାନଙ୍କର ଆଖିରେ ବାକ୍ୟଠାରୁ ଅଧିକ ଉତ୍ତମ ବୋଲି ଦିଶିଥାଏ, ତାହା ପରେ ସେମାନେ ତାହାକୁ ନିଜର—ତାହାକୁ ନିଜର ପରମ୍ପରା ଦ୍ଵାରା ବିନଷ୍ଟ କରିଦେଇଥାଆନ୍ତି। ଆଉ ସେହିପରି ଭାବରେ ହିଁ ସେମାନେ ପରମେଶ୍ଵରଙ୍କ ବାକ୍ୟକୁ ବିନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି, ତାହା ହେଲା ନାମଧାରୀ ସଙ୍ଗଠନର ରାଜନୀତିଗୁଡ଼ିକ ଦ୍ଵାରା।

74 ତେବେ, ପ୍ରତ୍ୟେକ ମଣ୍ଡଳୀର ତାହାର ନିଜର ରାଜନୀତିମାନ ଅଛି। ଚର୍ଚ୍ଚ ଅଫ୍ କ୍ରାଇଷ୍ଟର ତାହାର ଅଛି, ଖ୍ରୀଷ୍ଟିଆନ ମଣ୍ଡଳୀର ତାହାର ଅଛି, ଆଉ ବାପ୍‌ଟିଷ୍ଟମାନଙ୍କର, ଏବଂ ମେଥୋଡିଷ୍ଟମାନଙ୍କର, ଓ ପ୍ରିସବିଟେରିଆନମାନଙ୍କର; ସେମାନଙ୍କର ସମସ୍ତଙ୍କର ନିଜ ନିଜର ରାଜନୀତିମାନ ଅଛି। ତେବେ, ସେମାନେ ତାହାଠାରୁ ଦୂରେଇ ଯାଉଛନ୍ତି କାରଣ ସେମାନେ ପୃଥକୀକୃତ ଅଟନ୍ତି। ଦେଖନ୍ତୁ, ତାହା ଏହାର ପୂର୍ବରୁ ହୋଇ ପାରି ନ ଥାଆନ୍ତା, ସେମାନଙ୍କୁ ତ ତାହା ବର୍ତ୍ତମାନ ହିଁ କରିବାକୁ ଅଛି। ଦେଖନ୍ତୁ, ଏହା ତ ଏକୀକରଣର ସମୟ ଅଟେ, ଆଉ ବର୍ତ୍ତମାନ ସେମାନେ ତାହାସବୁକୁ ଏକାଠି ନେଇକରି ଆସୁଛନ୍ତି ଓ ସେସବୁକୁ ଏକାଠି ଜମା କରୁଛନ୍ତି ପୁଣି ଦେଖୁଛନ୍ତି ଯେ ସେମାନେ କି ପରିଣାମ ପାଆନ୍ତି। ମୋ'ର ପ୍ରଭୁ, ଏହା ତ ଏପରି କିଛି ଅଟେ ଯେ ଅଶ୍ଵ ମାଂସରୁ ଗୋଟିଏ ପାଉଁରୁଟିକୁ ପ୍ରସ୍ତୁତ କରିବା, ଓ ଟିଣଡବାରୁ ଅଳିଆ ପ୍ରସ୍ତୁତ କରିବା, ଏବଂ ଯାହାକିଛି ଆହୁରି ସେମାନଙ୍କ ପାଖରେ ଏକାଠି ରହିଥିଲା; ଆଉ ସେସବୁକୁ ଏକାଠି ଭର୍ତ୍ତି କରିବା, ଓ କିଛି ପଚାଶଢ଼ା ଆଳୁ ଏବଂ ଅନ୍ୟ କିଛି ବିଷୟଗୁଡ଼ିକୁ ସେଥିରେ ମିଶାଇବା, ଆଉ ଦେଖିବା ଯେ ଆପଣଙ୍କୁ କି ପରିଣାମ ମିଳେ। ମୁଁ ସୁନିଶ୍ଚିତ ଅଟେ ଯେ ମୋତେ ସେଥିରୁ କିଛିହେଲେ ଦରକାର ନାହିଁ। ନା, ମହାଶୟ! ସେହି ପ୍ରକାରେ ହିଁ ତ ସେମାନେ ତାହା କରୁଛନ୍ତି। ଦେଖନ୍ତୁ, ସେମାନେ ଏପରି ଲୋକମାନଙ୍କୁ ଗ୍ରହଣ କରୁଛନ୍ତି ଯେଉଁମାନେକି ଏହା ବିଶ୍ଵାସ କରନ୍ତି ଯେ ଯୀଶୁ ଜଣେ କଳ୍ପିତ କାହାଣୀ ଥିଲେ, ଏପରି ଏକ ମଣ୍ଡଳୀ ଯିଏକି ଏହା ବିଶ୍ଵାସ କରେ ଯେ ଯୀଶୁ ଜଣେ କଳ୍ପିତ କାହାଣୀ ଥିଲେ; ସେହି ଅନ୍ୟମାନେ, କେତେକେ ଏହା ବିଶ୍ଵାସ କରନ୍ତି ଯେ ସେ ଜଣେ ଭାବବାଦୀ ଥିଲେ।

75 ଜଣେ କହନ୍ତି, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ବିତି ଯାଇଛି।"

76 ଅନ୍ୟ ଜଣେ କହନ୍ତି, "ହୋଇପାରେ ଯେ ସେହିପରି ଏକ ବିଷୟ ଥିବ।"

77 ଆଉ ଏହି ସମସ୍ତ ଏକାଠି ମିଶି; ଏବଂ ବାଇବଲ କହେ, "ଏକପରାମର୍ଶ ନୋହିଲେ କି ଦୁଇଜଣ ଏକତ୍ର ଗମନ କରିବେ?" ବୁଝିଲେ? ତେବେ, ସେହିପ୍ରକାରର ଏକ ଏକୀକରଣ ସେମାନଙ୍କର ଅଛି। ପୁଣି ତାହା ଉପରେ କୌଣସି ପବିତ୍ର ପିତାଙ୍କୁ ନେଇ ରଖନ୍ତି, ଆଉ ସେଠାରେ ଆପଣ ସେହି ପଶୁର ଏକ ପ୍ରତିମାକୁ ପାଆନ୍ତି, ଠିକ୍ ଅବିକଳ ଭାବରେ ଯେପରିକି ବାଇବଲ କହେ। ବର୍ତ୍ତମାନ ସେମାନେ ଜଣେ ଲୁଥରାନ ସେବକଙ୍କୁ, ଏହାର ପ୍ରମୁଖ ରୂପେ ରଖିଛନ୍ତି। ତେବେ, ଆମେମାନେ ଦେଖୁଛୁ ଯେ ଏହା ଏକୀକରଣର ସମୟ ଅଟେ। ବର୍ତ୍ତମାନ ସେହି ସମାନ ବିଷୟ ଅଟେ, ସାମ୍ୟବାଦ ଓ ସମସ୍ତ କିଛି ଏକାଠି ଏକୀକରଣ ହେଉଅଛନ୍ତି; ଜଗତରେ, ଓ ମଣ୍ଡଳୀରେ ଏବଂ ପ୍ରଭୃତିରେ, ଏକାଠି ଏକୀକରଣ ହେଉଅଛନ୍ତି।

78 ପ୍ରକୃତିକୁ ଦେଖନ୍ତୁ। ଓଃ, ମୋହର ପ୍ରଭୁ! ପ୍ରକୃତି, ଯଦି ଆପଣ କେବଳ ପ୍ରକୃତିକୁ ଲକ୍ଷ୍ୟ କରିବେ, ଏହା ସେହି ସମାନ ବିଷୟକୁ କରିଥାଏ। ପ୍ରକୃତି ହେଉଛି ପରମେଶ୍ୱରଙ୍କ ଲକ୍ଷଣଗୁଡ଼ିକର ସମୟସୂଚକ କ୍ୟାଲେଣ୍ଡର। କଅଣ ଆପଣମାନେ ତାହା ଜାଣିଥିଲେ? ଯୀଶୁ ସେମାନଙ୍କୁ ପ୍ରକୃତିକୁ ଲକ୍ଷ୍ୟ କରିବା ପାଇଁ କହିଥିଲେ। ସମୁଦ୍ର ଗର୍ଜନ କରୁଥିବ, ଦେଖନ୍ତୁ, ଆଉ ସେଠାରେ ବିଭିନ୍ନ ବିଷୟମାନ ହେଉଥିବ, ପୁଣି ବିଭିନ୍ନ ସ୍ଥାନମାନଙ୍କରେ ଭୂମିକମ୍ପମାନ ହେଉଥିବ, ରାଷ୍ଟ୍ରୀୟ ସମସ୍ୟା ଥିବ, ଆକାଶରେ ଚିହ୍ନମାନ ଥିବ, ପୃଥିବୀରେ ଲକ୍ଷଣମାନ ଥିବ, ସବୁଆଡ଼େ ଏହି ଆସିବାକୁ ଥିବା ସମୟର ଚିହ୍ନମାନ ଥିବ।

79 ମେଘଗୁଡ଼ିକୁ ଲକ୍ଷ୍ୟ କରନ୍ତୁ। ଏହାପୂର୍ବେକି ମେଘମାନେ ଏକ ଝଡ଼ବର୍ଷାକୁ ନେଇ ଆସିପାରନ୍ତେ, କଅଣ ଆପଣମାନେ ଜାଣନ୍ତି ଯେ ତାହା କିପରି ଭାବରେ ହୋଇଥାଏ? ଅନେକ ଛୋଟ ଛୋଟ ମେଘମାନେ ଏକାଠି ଆସନ୍ତି, ଗୋଟିଏ ବଡ଼ ମେଘକୁ ଗଠନ କରନ୍ତି। ତେବେ, ଏହି ଗୋଟାକ ପାଖରେ ଏକ ଅଳ୍ପବେଗର ପବନର ତାହାକୁ ବୁହାଉଥାଏ, ଏହି ଅନ୍ୟ ଗୋଟାକ ପାଖରେ ଏକ ଅଳ୍ପବେଗର ପବନର ତାହାକୁ ବୁହାଉଥାଏ, ଆଉ ସେମାନେ ସମସ୍ତେ ଏକାଠି ବୁହନ୍ତି, ଏବଂ ତାହା ପରେ ସେମାନଙ୍କ ପାଖରେ ଏକ ଘୂର୍ଣ୍ଣିବାତ୍ୟା ରହିଥାଏ। ବୁଝିଲେ? ସେମାନେ ଏକୀକରଣ କରିଥାଆନ୍ତି ଏହାପୂର୍ବେକି ସେମାନଙ୍କର ଏକ ଚକ୍ରବାତ ହୋଇପାରେ; ସେମାନଙ୍କୁ କରିବାକୁ ଥାଏ।

80 ବତକ ଏବଂ ହଂସରାଳିମାନଙ୍କୁ ଲକ୍ଷ୍ୟ କରନ୍ତୁ ଯେ କିପରି ସେମାନେ ସେମାନଙ୍କର ଦେଶକୁ ଛାଡ଼ି ଚାଲିଯିବା ପୂର୍ବରୁ ଏକାଠି ଏକୀକରଣ ହୋଇଥା'ନ୍ତି। ବୁଝିଲେ? ସେମାନେ ଏକାଠି ଏକୀକରଣ ହୁଅନ୍ତି। ଆପଣ ସେମାନଙ୍କୁ ଏହି ପୋଖରୀରୁ ସେହି ପୋଖରୀକୁ ଉଡ଼ି ଯାଉଥିବାର ଦେଖିପାରନ୍ତି, ଏଠାରୁ ନେଇ ସେଠାକୁ ଯାଉଥିବାର, ସେସମସ୍ତଙ୍କୁ ଏକାଠି ମିଶି ଯାଉଥିବାର ଦେଖିପାରନ୍ତି। ସେମାନେ ଏକୀକରଣ କରୁଅଛନ୍ତି, ସେମାନଙ୍କର ଉଡ଼ିଯିବା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି। ଦେଖନ୍ତୁ, ଏହା ତ କେବଳ...ତାହା ପ୍ରକୃତି ଅଟେ, ଆଉ ପରମେଶ୍ୱର ପ୍ରକୃତିକୁ ସୃଷ୍ଟି କଲେ, ଓ ପ୍ରକୃତି ପରମେଶ୍ୱରଙ୍କ ଯୋଜନା ଅନୁଯାୟୀ କାର୍ଯ୍ୟ କରେ। ଏହା ତ ଏକ ନିୟମ ଅଟେ, ପରମେଶ୍ୱରଙ୍କ ଏକ ଅଲିଖିତ ନିୟମ ଅଟେ, ସେହି ପ୍ରକୃତି ତାହାଙ୍କର ନିୟମ ଅନୁଯାୟୀ କାର୍ଯ୍ୟ କରେ।

81 ଠିକ୍ ଯେପରିକି, ଏକ ଅନ୍ତ୍ୟେଷ୍ଟି କ୍ରିୟାର ସେବାରେ କହୁଥିବା ପରି, ସେଠାରେ ଏକ ଜୀବନ ରଷ ସେହି ଗଛର ମୂଳରେ ରହିଥାଏ, ଯାହାକି ତଳେ ପାତାଳକୁ ଚାଲିଯାଏ, ଆଉ ବସନ୍ତ ଋତୁରେ ପୁନରୁତ୍‌ଥାନ ନ ହେବା ପର୍ଯ୍ୟନ୍ତ ସେଠାରେ ପଡ଼ି ରହିଥାଏ। ତାହା ତ ପରମେଶ୍ୱରଙ୍କର ଏକ ନିୟମ ଅଟେ। ଏପରି କୌଣସି ବୁଦ୍ଧିମତ୍ତା ନାହିଁ ଯାହାକି ସେହି ଜୀବନ ରଷକୁ ସେଠାରେ ତଳକୁ ପ୍ରେରଣ କରି ଦେଇପାରେ; ଆପଣ ତାହାକୁ ନିଷ୍କାସିତ କରିପାରନ୍ତି ନାହିଁ, ଆପଣ ତାହାକୁ ଟାଣି ନେଇପାରନ୍ତି ନାହିଁ। ପରମେଶ୍ୱର ତାହାକୁ ଯେପରି ଭାବରେ କରନ୍ତି ତାହାଠୁ ଉତ୍ତମ ଭାବେ କରିପାରିବାର ଆଉ କୌଣସି ଉପାୟ ନାହିଁ। ପରମେଶ୍ୱରଙ୍କ ପାଖରେ ସିଦ୍ଧ ଉପାୟ ଅଛି। ଏଣୁ ଯେତେବେଳେ ସେହି ପତ୍ର ଝଡ଼ିଯାଏ, ସେତେବେଳେ ସେ ସେହି ଜୀବନ ରଷକୁ ତଳେ ପାତାଳକୁ ପ୍ରେରଣ କରିଦିଏ ଓ ତାହାକୁ ଲୁଚାଇ ଦିଏ। ଯେପରିକି ଆୟୂବ କହିଲେ, "ତୁମ୍ଭର କୋପ ଅତୀତ ହେବା ପର୍ଯ୍ୟନ୍ତ ପାତାଳରେ ମୋତେ ଲୁଚାଇ ରଖନ୍ତ।" ବୁଝିଲେ? ଏହା ସେଠାରେ ତଳକୁ ତୁଷାରପାତ ହେବା ପୂର୍ବରୁ ଚାଲିଯାଏ, କାରଣ ଏହା ପ୍ରକୃତିର ଏକ ନିୟମ ଅଟେ। ତେବେ ବର୍ତ୍ତମାନ ପତ୍ରମାନଙ୍କୁ ଝଡ଼ିବାର ଆରମ୍ଭ କରୁଥିବାର ଦେଖନ୍ତୁ। କାହିଁକି? ଏହା ତ ପ୍ରକୃତିର ଏକ ନିୟମ ଅଟେ।

82 ବତକମାନେ ଏକାଠି ଏକତ୍ର ହେବେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଆଉ ଗୋଟିଏ ନେତାର ଚାରିଆଡ଼େ ଜମା ହେବେ। ସେଠାରେ ସେମାନେ ଯେକୌଣସି ଉପାୟରେ ହେଲେ ଏହା ଜାଣିବେ, ମୁଁ ଜାଣେ ନାହିଁ ଯେ ସେମାନେ ତାହା କିପରି କରନ୍ତି, ମାତ୍ର ସେମାନେ ଜାଣିଯାଆନ୍ତି ଯେ ସେହି ନିଶ୍ଚିତ ଛୋଟ ଅଣ୍ଡିରା ବତକଟି ଜଣେ ନେତା ଅଟେ। ଆଉ ସେହି ଛୋଟ ବତକ, ସେମାନେ ସମସ୍ତେ ଏକାଠି ଆସନ୍ତି ଏବଂ ଠିକ୍ ତାହାର ଚାରିପାଖେ ଜମା ହୁଅନ୍ତି, ଓ ଠିକ୍ ଉପରକୁ ଆକାଶକୁ ଉଠି ଯାଆନ୍ତି। ଆଉ ସେ…ତେବେ କଦାପି ସେହି ପୋଖରୀରୁ ବାହାରି ଯାଇ ନ ଥାଏ, ମାତ୍ର ସେ ଠିକ୍ ସୀଧାସଳଖ ଲୁଇସିୟାନାକୁ କିମ୍ବା ଟେକ୍ସାସକୁ ଉଡ଼ିଯିବ ଯେତିକି ସୀଧାସଳଖ, ସେ ଶସ୍ୟକ୍ଷେତ୍ରକୁ ଯାଇପାରେ। ଦେଖନ୍ତୁ, ଏହାପୂର୍ବେକି ସେମାନେ ଉଡ଼ିଯାଆନ୍ତି, ସେମାନଙ୍କର ଘରକୁ ପରିତ୍ୟାଗ କରନ୍ତି ଯେଉଁଘରେକି ସେମାନେ ସେହି ବର୍ଷ ଜନ୍ମ ନେଇଥିଲେ, ସେମାନେ ଏକାଠି ଏକୀକରଣରେ ଆସନ୍ତି। ଆମେନ୍! ସେଠାରେ ଆପଣ ଅଛନ୍ତି; ସେମାନଙ୍କର ନେତାର ଚାରିପାଖେ ଜମା ହୋଇଥାଆନ୍ତି।

83 ତାହାର ସମସ୍ୟାଟି ଏହା ଯେ, ମନୁଷ୍ୟ ସହିତରେ, ସେ ତାହାର ନେତାକୁ ଜାଣେ ନାହିଁ। ହଁ, ମହାଶୟ। ସେମାନେ ଏକ ନାମଧାରୀ ସଂସ୍ଥାର ଚାରିଆଡ଼େ ଜମା ହେବେ, ସେମାନେ ଜଣେ ବିଶପ୍ କିମ୍ବା ଜଣେ ମନୁଷ୍ୟର ଚାରିଆଡ଼େ ଜମା ହେବେ, ମାତ୍ର ସେମାନେ ସେହି ନେତାର ଚାରିଆଡ଼େ ଜମା ହେବେ ନାହିଁ, ଯାହାକି ବାକ୍ୟରେ ପବିତ୍ରଆତ୍ମା ଅଟନ୍ତି। ବୁଝିଲେ? ସେମାନେ କହନ୍ତି, "ଓଃ, ତେବେ, ମୁଁ ଟିକେ ଡରୁଅଛି ଯେ ମୁଁ ଅଳ୍ପ ପାଗଳାମୀ ପରି ବ୍ୟବହାର କରିବି; ମୁଁ ଡରୁଅଛି ଯେ ମୁଁ ଭୁଲ୍ ମାର୍ଗରେ ଚାଲିଯିବି।" ଓଃହଃହଃ, ଆପଣ ସେଠାରେ ଅଛନ୍ତି! କଅଣ ହେବ ଯଦି ସେହି ଛୋଟ ବତକଟି କହିବ, "ମୁଁ ତାହା ପସନ୍ଦ କରେ ନାହିଁ ଯେଉଁପ୍ରକାରେ

ସେ ନିଜର ପରଗୁଡ଼ିକୁ ସଜାଡ଼େ। ମୁଁ ବିଶ୍ୱାସ କରେ ନାହିଁ ଯେ ମୁଁ ତାହାକୁ ଅନୁସରଣ କରିବି।” ଆପଣ ତ ବରଫରେ ଜମିକରି ମରିଯିବେ। ଆପଣ ତ ସେଠାରେ ଧରା ପଡ଼ିଯିବେ, ଯଦି ଆପଣ ସେହି ଉଡ଼ାଣ ସଙ୍ଗରେ—ସଙ୍ଗରେ ନ ଉଡ଼ିବେ ଯେତେବେଳେ ତାହା ଉଡ଼ିଥାଏ। ଏହା ତ ଆପଣାକୁ ଏକାଠି ଏକୀକରଣ କରିଥାଏ, ଆଉ ପ୍ରକୃତି ତାହା କରେ।

84 ହଂସରାଳିମାନେ ନିଜକୁ ଏକାଠି ଏକୀକରଣ କରନ୍ତି, ନିଜେ ନିଜେ ସେମାନଙ୍କର ନେତାର ଚାରିପାଖେ ଜମା ହୁଅନ୍ତି; ସେମାନେ ସେହି ସମାନ ବିଷୟକୁ କରନ୍ତି।

85 କଅଣ ଆପଣମାନେ କେବେ ମହୁମାଛିଗୁଡ଼ିକୁ ଏକାଠି ଜମା ହୋଇ ଉଡୁଥିବାର ଦେଖିଛନ୍ତି କି? ମହୁମାଛିଗୁଡ଼ିକ ନିଜକୁ ଏକାଠି ଏକୀକରଣ କରିନେବେ, ଏହାପୂର୍ବେକି ସେମାନେ ଠିକ୍ ସେମାନଙ୍କର ରାଣୀର ଚାରିପାଖେ, ଜମା ହୋଇ ଉଡ଼ିଥାଆନ୍ତି। ତାହା ଠିକ୍ ଅଟେ। ଆଉ ଯେଉଁଠାକୁ ସେହି ରାଣୀ ଯାଇଥାଏ, ସେମାନେ ମଧ୍ୟ ସେହିଠାକୁ ଯାଇଥାଆନ୍ତି। ହଁ! ସେମାନେ କଅଣ କରନ୍ତି? ସେମାନେ ଜମା ହୋଇ ଉଡ଼ିବା ପୂର୍ବରୁ ଏକୀକରଣ କରନ୍ତି। ଅବିକଳ ଭାବେ; ପ୍ରତ୍ୟେକ ପ୍ରକୃତି!

86 ମାଛମାନେ ବସନ୍ତ ଯାତ୍ରା ପୂର୍ବରୁ ନିଜକୁ ଏକାଠି ଏକୀକରଣ କରନ୍ତି। ବାହାରେ ସମୁଦ୍ରରେ, ଆପଣ ସେମାନଙ୍କୁ ପାଇପାରିବେ; ସେମାନେ ବଡ଼...ଯାହାକୁ ଆମେମାନେ କହିଥାଉ “ହମ୍ପିଜ୍,” ସେହି ସାଲମନ୍ ମାଛ। ଯେତେବେଳେ ସେମାନେ ସେଠାକୁ ଆସନ୍ତି, ଏହା ପୂର୍ବେକି ସେହି ଯାତ୍ରା ଉପସ୍ଥିତ ହୁଏ, ଆପଣ ସେମାନଙ୍କୁ ସେହି ସମୁଦ୍ରରେ, ହଜାର ହଜାର ସଂଖ୍ୟାରେ ଦେଖିବେ, ଆଖପାଖରେ ଘୂରୁଥିବେ ଓ ଚାରିପଟେ ବୁଲୁଥିବେ; ଲବଣାକ୍ତ ଜଳ, ମାତ୍ର ସେମାନେ ବାସ୍ତବରେ ତାଜା ଜଳର ମାଛ ଅଟନ୍ତି। ଆଉ ଏଠାରେ ସେମାନେ ଠିକ୍ ସେହି ତାଜା ଜଳଧାରାରେ ଉପରକୁ ଆସନ୍ତି, ଯେପରିକି ଅଣ୍ଡା ଦେବାର ଋତୁକୁ ଯାଇପାରନ୍ତି। ସେମାନେ ସେଠାରେ ଉପରକୁ ଯାଆନ୍ତି ଓ ଅଣ୍ଡା ଦିଅନ୍ତି, ପ୍ରାୟଃ ଚାରି ବର୍ଷରେ ଥରେ, ଆଉ ଅଣ୍ଡା ଦେଲା କ୍ଷଣି ହିଁ ମରି ଯାଆନ୍ତି। ଆଉ ସେମାନେ ଜାଣନ୍ତି ଯେ ସେମାନେ ସେଠାକୁ ମରିବାକୁ ଯାଉଛନ୍ତି, ପୁଣି ଆପଣ ସେମାନଙ୍କୁ କୌଣସି ବିଷୟରେ ହେଲେ ଅଟକାଇ ପାରନ୍ତି ନାହିଁ। ସେମାନେ ମତ୍ସ୍ୟ ପାହାଚଗୁଡ଼ିକୁ ଓ ସମସ୍ତକିଛିକୁ ଡେଇଁ ଦେଇଯିବେ, ସେଠାରେ ଉପରକୁ ପହଞ୍ଚିଯିବେ, ଏହା ଜାଣି ଯେ ସେମାନେ ସେମାନଙ୍କର ମୃତ୍ୟୁକୁ ଯାଉଅଛନ୍ତି। ମାତ୍ର ପ୍ରକୃତିର ନିୟମ ସେମାନଙ୍କୁ ସେହିପରି କରାଇଥାଏ, ଏହା ଜାଣି ଯେ ସେମାନେ ସେଠାରେ ଉପରକୁ ଯିବେ ଓ ଗାତରେ ଅଣ୍ଡା ଦେବେ, ଆଉ ମରିଯିବେ। ପୁଣି ସାନ ଛୁଆମାନେ ବାହାରି ଆସନ୍ତି, ଆଉ ସେତେବେଳେ କିଛି ଗୋଟାଏ ସେମାନଙ୍କୁ ଏକାଠି ଏକୀକରଣ କରିଥାଏ, ଓ ସେମାନେ ସମୁଦ୍ରକୁ ଫେରିଯାଆନ୍ତି। ଏହା ଏକୀକରଣ ଅଟେ! ଏହା ଏକ ନିୟମ ଅଟେ। ଆପଣ ତ ପରମେଶ୍ୱରଙ୍କ ନିୟମକୁ ପରାସ୍ତ କରିପାରନ୍ତି ନାହିଁ।

87 ରାଷ୍ଟ୍ରଗୁଡ଼ିକ ବିଘଟିତ ହେଉଅଛି—ହେଉଅଛି, କାରଣ ବର୍ତ୍ତମାନ ହିଁ ସେହି ସମୟ ଅଟେ ଯେ ଆମେ ତାହା ଦେଖୁ ଯେ—ଯେ ସେମାନଙ୍କୁ ଏହା କରିବାର ଉଚିତ୍ ଅଟେ। ଆମେମାନେ

ରାଷ୍ଟ୍ରୀୟ ଅଶାନ୍ତିର ପ୍ରକ୍ରିୟାରେ ଅଛୁ । ଆମେମାନେ ଦେଖୁଛୁ ଯେ ରାଷ୍ଟ୍ରଗୁଡ଼ିକ ସମ୍ବନ୍ଧ ବିଚ୍ଛେଦ କରୁଅଛନ୍ତି । ବର୍ଷ ପରେ ବର୍ଷ, ଆମେମାନେ ପାଉଛୁ ଯେ ଏହି ରାଷ୍ଟ୍ରଟି ସାମ୍ୟବାଦରେ ବିଲୀନ ହୋଇଯାଉଅଛି; ଏହି ଜଣକା ସାମ୍ୟବାଦରେ ବିଲୀନ ହୋଇଯାଉଅଛି । ଆଉ ଠିକ୍ ଏଠାରେ ଆମର ନିଜର ରାଷ୍ଟ୍ରରେ, ଏହା ସାମ୍ୟବାଦର ମହୁଛତାରେ ଆଚ୍ଛାଦିତ ହୋଇରହିଛି, ଆଉ ତାହା ଅଧିକାର କରିପକାଇବ! ଦେଖନ୍ତୁ, ଏହା ତାହା କରିପକାଇବ, ଏହାକୁ ଅଟକାଇବାର କୌଣସି ଉପାୟ ନାହିଁ । କାହିଁକି? ସେହି ସମାନ କାରଣ ଯେଉଁଥିଯୋଗୁ କି ଆପଣ ଟାଇଟସକୁ ଅଟକାଇ ପାରି ନ ଥିଲେ । ଲୋକମାନେ ପରମେଶ୍ୱରଙ୍କୁ ଓ ତାହାଙ୍କର ବାକ୍ୟକୁ ଅଗ୍ରାହ୍ୟ କରିଦେଇଛନ୍ତି । ହଁ, ମହାଶୟ, ଏଣୁ ସେମାନେ ତାହା କରିବାକୁ ଯାଉଛନ୍ତି, ଆଉ ଆମେ ତାହାକୁ ଠିକ୍ ପ୍ରକ୍ରିୟାରେ ରହିଥିବାର ଦେଖୁଛୁ ।

88 ମୁଁ, ସାଧାରଣତଃ, ମୁଁ ଦୁଇ ଘଣ୍ଟା ସମୟ ନେଇଥାଏ; ଠିକ୍ ବର୍ତ୍ତମାନ, ମୁଁ ପ୍ରାୟଃ ତିରିଶ୍ ମିନିଟ୍ ନେଇ ସାରିଲିଣି । ବୁଝିଲେ? ମାତ୍ର ଏହି ସମସ୍ତ ବିଷୟକୁ ନେବା ପାଇଁ, ମୁଁ ଠିକ୍ ଶୀଘ୍ର କରୁଅଛି । ଆପଣମାନେ ଯେତେବେଳେ ଘରକୁ ଯିବେ ଆପଣ ଏହାକୁ ପାଠ କରିବେ ।

89 ଧ୍ୟାନ ଦିଅନ୍ତୁ, ସେମାନେ ଠିକ୍ ବର୍ତ୍ତମାନ ହିଁ ଏକୀକରଣ କରୁଅଛନ୍ତି । ଆପଣ କୁହନ୍ତି, "ଭାଇ ବ୍ରାନ୍‌ହାମ୍, କଅଣ ଏହା ସତ ଅଟେ କି?" ସେମାନେ ଆର୍ମାଗିଦୋନର ଯୁଦ୍ଧକୁ ଆସୁଛନ୍ତି; ଠିକ୍ ତାହାହିଁ ଅଟେ ଯାହାକି ସେମାନେ କରିବେ । ବୁଝିଲେ? ଆଉ ସେମାନେ ବର୍ତ୍ତମାନ ଠିକ୍ ସେହି ବିଷୟ ପାଇଁ ଏକୀକରଣ କରୁଅଛନ୍ତି । ସେଇଥି ପାଇଁ ତ ଆମମାନଙ୍କ ପାଖରେ ସଂଯୁକ୍ତ ରାଷ୍ଟ୍ରସଂଘ ଅଛି ଓ ସବୁକିଛି ବିଷୟ ଅଛି । ପଶ୍ଚିମୀ ଜଗତମାନ ପୂର୍ବ ଜଗତ ବିରୁଦ୍ଧରେ, ସାମ୍ୟବାଦ ଓ ପ୍ରଭୃତି ବିରୁଦ୍ଧରେ ଏକୀକରଣ କରୁଅଛନ୍ତି, ଏହା ସମସ୍ତେ ଏକାଠି ଏକୀକରଣ କରୁଅଛନ୍ତି । ମଣ୍ଡଳୀଗୁଡ଼ିକ ଏକାଠି ଏକୀକରଣ କରୁଅଛନ୍ତି । ସମସ୍ତ କିଛି ବିଷୟ ଏକୀକରଣ ହେଉଥିବାର ଭଳି ଲାଗୁଅଛି । ଏକୀକରଣ, ଆପଣାକୁ ଏକାଠି ଏକୀକରଣ କରୁଅଛନ୍ତି, ଆମେ ତାହା ଦେଖୁଅଛୁ ।

90 ଆହୁରି ମଧ୍ୟ, ଯେତେବେଳେ ଆମେମାନେ ସେହି ରାଷ୍ଟ୍ରର, ଏହି ଲକ୍ଷଣଗୁଡ଼ିକର, ରାଷ୍ଟ୍ରୀୟ ଚିହ୍ନଗୁଡ଼ିକର ଏକୀକରଣ ହେଉଥିବାର ଏହିସବୁ ବିଷୟକୁ, ଏଠାରେ ଏହି ଜଗତରେ ଦେଖିଥାଉ, ବିଭିନ୍ନ ସ୍ଥାନରେ ଭୂମିକମ୍ପମାନ, ବିବିଧ ବିଷୟଗୁଡ଼ିକୁ ଏକୀକରଣ ହେଉଥିବାର ଦେଖିଥାଉ; ଯାହାକି ଜଗତକୁ ଏକାଠି ନେଇ ଆସିଥାଏ, ଲୋକମାନଙ୍କୁ ଏକାଠି ନେଇ ଆସିଥାଏ, ସମସ୍ତ ମଣ୍ଡଳୀଗୁଡ଼ିକୁ ଏକାଠି ନେଇ ଆସିଥାଏ, ଏହି ସମସ୍ତ ବିଷୟଗୁଡ଼ିକୁ ଏକାଠି ନେଇ ଆସିଥାଏ । ଆଉ ଯେତେବେଳେ ଏହି ସବୁ ଏକୀକରଣମାନ ଚାଲିଥାଏ, ସେଠାରେ ଆଉ ଏକ ଏକୀକରଣ ଜାରି ରହିଥାଏ । ଆମେନ୍! ତାହାହିଁ ଅଟେ ଯାହାକି ମୁଁ ବର୍ତ୍ତମାନ ଆପଣମାନଙ୍କୁ ଇଙ୍ଗିତ କରାଇବାକୁ ଚାହେଁ ।

91 ପରମେଶ୍ୱର ଆପଣା କନ୍ୟାର ଏକୀକରଣ କରୁଛନ୍ତି । ସେ ପୂର୍ବ ଓ ପଶ୍ଚିମରୁ, ପୁଣି ଉତ୍ତର ଓ ଦକ୍ଷିଣରୁ, ଏକାଠି ଆସୁଅଛି । ଏକୀକରଣର ଏକ ସମୟ ଅଛି, ଆଉ ତାହା ଠିକ୍ ବର୍ତ୍ତମାନ ଅଟେ । ସେହି କନ୍ୟା କଅଣ ପାଇଁ ଏକୀକରଣ କରୁଅଛି? ଉର୍ଦ୍ଧାନ୍ତିକରଣ ନିମନ୍ତେ । ଆମେନ୍!

ପରମେଶ୍ୱର ତାହାକୁ ପ୍ରସ୍ତୁତ କରୁଅଛନ୍ତି । ହଁ, ମହାଶୟ, ଏକୀକରଣ କରୁଅଛନ୍ତି! ସେହି କନ୍ୟା କାହା ସହିତରେ ଏକୀକରଣ କରୁଅଛି? ବାକ୍ୟ ସହିତରେ! "କାରଣ ସମସ୍ତ ଆକାଶ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ କଦାପି ଲୋପ ପାଇବ ନାହିଁ ।" ସେହି କନ୍ୟା ଆପଣାକୁ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତରେ ଏକୀକରଣ କରୁଅଛି ଏଥିରେ କିଛି ଯାଏ ଆସେ ନାହିଁ ଯେ କୌଣସି ନାମଧାରୀ ସଂସ୍ଥା କିମ୍ବା ଅନ୍ୟ କେହି କଅଣ କୁହେ । ସେ ନିଜକୁ ଏକୀକରଣ କରୁଅଛି । ସେ ପ୍ରସ୍ତୁତ ହେଉଅଛି । କାହିଁକି? ସେ କନ୍ୟା ଅଟେ । ତାହା ଠିକ୍ ଅଟେ । ଆଉ ସେ ନିଜକୁ ତାହାର ବର ସହିତରେ ଏକୀକରଣ କରୁଅଛି, ଦେଖନ୍ତୁ, ଆଉ ସେହି ବର ହେଉଛନ୍ତି ବାକ୍ୟ । "ଆଦ୍ୟରେ ବାକ୍ୟ ଥିଲେ, ସେହି ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ, ଓ ସେହି ବାକ୍ୟ ପରମେଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।"

92 ପୁଣି ସେହି ମଣ୍ଡଳୀ ଏବଂ ସେହି କନ୍ୟା ଓ ସେହି ବାକ୍ୟ ଏପରି ଭାବରେ ଏକ ହେଉଛନ୍ତି, ଯେପର୍ଯ୍ୟନ୍ତକି ଠିକ୍ ସେହି ବାକ୍ୟ ସ୍ୱୟଂ ନିଜେ ସେହି ବରଙ୍କର କାର୍ଯ୍ୟଗୁଡ଼ିକୁ କରିଥାଏ । ଆମେନ୍! କ'ଣ ଆପଣ ତାହା ଦେଖୁଛନ୍ତି କି? ଏକ ଏକୀକରଣ! ଆଉ ଅଧିକ ଏହି ବିଷୟ ନୁହେଁ, "ମଣ୍ଡଳୀରେ ଯୋଗ ଦିଅ"; ଏହି ବିଷୟ ଆଉ ଅଧିକ ନୁହେଁ, ମାତ୍ର ସମସ୍ତକିଛି ବିଷୟରୁ ପଳାୟନ କର ଏବଂ ଯୀଶୁ ଖ୍ରୀଷ୍ଟଙ୍କଠାରେ ବାନ୍ଧି ହୋଇଯାଅ । ବୁଝିଲେ? ଏହା ସେହି ଏକୀକରଣର ସମୟ ଅଟେ । ପରମେଶ୍ୱର, ଆପଣା କନ୍ୟାକୁ ଏକାଠି ଏକୀକରଣ କରି, ତାହାକୁ ଫେରାଇ ଆଣୁଛନ୍ତି; ଅବିକଳ ଭାବରେ । ତାହାଙ୍କର ବାକ୍ୟର ପ୍ରତିଜ୍ଞାମାନଙ୍କୁ ଏକୀକରଣ କରୁଛନ୍ତି ।

93 ଦ୍ୱିତୀୟ ଥେସଲନୀକୀୟ, ୨ୟ ପର୍ବ; ଏହା କହେ, ଏହି ୫ମ ପର୍ବ କହେ, "ସେହି ସାଧୁଗଣ ଯେଉଁମାନେକି ପୃଥିବୀର ମାଟିରେ ମହାନିଦ୍ରାପ୍ରାପ୍ତ ଅଟନ୍ତି ଉଠିବେ । ଆଉ ତା' ପରେ ଆମେମାନେ ସେମାନଙ୍କ ସହିତରେ ଏକୀକରଣ ହେବା (ସେହି ଜୀବିତ ଲୋକମାନେ, ସେହି ମୃତ ଥିବା ଲୋକମାନଙ୍କ ସହିତରେ), ଏହାପୂର୍ବେକି ଆମେମାନେ ସେଠାରେ ଉପରକୁ ଉନ୍ନୀତ ହେଉ ଏକୀକରଣ ହେବା," କାରଣ ସେହି କନ୍ୟା ସେତେବେଳେ ସମ୍ପୂର୍ଣ୍ଣ ଥିବ ଯେତେବେଳେ ସେ ସେଠାକୁ ଯାଏ । ସେହି ଜୀବିତ ଲୋକମାନେ, ଯେଉଁମାନେକି ଆପଣାକୁ ସେହି ବାକ୍ୟ ସହିତରେ ଏକୀକରଣ କରୁଅଛନ୍ତି, ଏବଂ ସେହି ଲୋକମାନେ ଯେଉଁମାନେକି ମୃତ ଅଟନ୍ତି ତାହା ଆଗରୁ କରି ସାରିଛନ୍ତି; ଆଉ ଏହି ସମସ୍ତେ ଏକାଠି ହୋଇ ଆସନ୍ତି, ସେଠାରେ ଉପରକୁ ଯିବା ପୂର୍ବରୁ ଏକୀକରଣର ଏକ ମହାନ ଏକୀକୃତ ହେବାର ବିଷୟକୁ ଘଟାଇଥାଆନ୍ତି । ଆମେନ୍!

94 ସାମ୍ୟବାଦକୁ ଉଠିବାକୁ ଅଛି, ଏହି ଅନ୍ୟାନ୍ୟ ବିଷୟଗୁଡ଼ିକୁ ଉଠିବାକୁ ଅଛି, ଏବଂ ମଣ୍ଡଳୀକୁ ସେଠାରେ ନିଜକୁ ଏକୀକରଣ କରିବାକୁ ଅଛି, ଯେତେବେଳେ ସେହି…ଆଉ ସେହି ରାଷ୍ଟ୍ରଗୁଡ଼ିକ ସେଠାରେ ବିଶ୍ୱ ଗୀର୍ଜା ସଂଘ ନିମନ୍ତେ ଆସିବାକୁ ଅଛି; ଆଉ ସେହି କନ୍ୟାକୁ ପରମେଶ୍ୱରଙ୍କ ବାକ୍ୟର ଅଧୀନରେ ନିଜକୁ ଏକୀକରଣ କରିବାକୁ ଅଛି । ତାହା ସାଧନ

କରିବା ନିମନ୍ତେ, ପରମେଶ୍ୱର ସେହି ସ୍ୱର୍ଗୀୟ ଚିହ୍ନକୁ ଓ ବିଷୟଗୁଡ଼ିକୁ ତଳକୁ ପ୍ରେରଣ କରିଛନ୍ତି, ଯାହାକି ମଣ୍ଡଳୀକୁ ପ୍ରମାଣ କରିଥାଏ, ଯେପରିକି ସେ ସେହି ରାଷ୍ଟ୍ରକୁ କରିଅଛନ୍ତି । ଆମେନ୍ ।

95 ପରମେଶ୍ୱର; ଏକୀକରଣର ସମୟ! ହଁ, ମହାଶୟ । ଓଃ, ମୋହର ପ୍ରଭୁ! ତେବେ, ଆପଣମାନେ ମନେ ରଖନ୍ତୁ, ବର୍ତ୍ତମାନ, ବାକ୍ୟର ଏକ ଏକୀକରଣ ଅଛି (ପୁନର୍ବାର ଏକୀକରଣ ହେବା), ସେହି ବିଷୟକୁ ଫେରାଇ ଆଣିବା ନିମନ୍ତେ "ସେହି ବିଶ୍ୱାସକୁ ଯାହାକି ସାଧୁମାନଙ୍କୁ ଏକାଥରକେ ଦତ୍ତ ହୋଇଥିଲା ।" ଫେରାଇ ଆଣିବା! ଏହା ଯେ ଏହି ବିଷୟକୁ କେବଳ ଏହି ଦିନରେ ହିଁ ସାଧନ କରା ଯାଇପାରେ । ସେହି ଏକମାତ୍ର ସମୟ ଯେ ଏହାକୁ ସାଧନ କରାଯାଇପାରିବ ତାହା ବର୍ତ୍ତମାନ ଅଟେ । ଏହାକୁ ଆଗରୁ କେବେ କୌଣସିଠାରେ ଆକ୍ରମଣ କରାଯାଇ ନ ଥିଲା; ସେମାନେ ନାମଧାରୀ ସଙ୍ଗଠନର ମୌଜ ମଜଲିସରେ ଚାଲି ଯାଇଥିଲେ । ମାତ୍ର ବର୍ତ୍ତମାନ, ଏହା କୌଣସି ନାମଧାରୀ ସଙ୍ଗଠନର ମୌଜ ମଜଲିସରେ ସମ୍ପୃକ୍ତ ନୁହେଁ, କାରଣ ଏହା ସମସ୍ତ ଜାତି, ସମସ୍ତ ବର୍ଣ୍ଣ, ସମସ୍ତ ମତବାଦରୁ ପୁରୁଷ ଏବଂ ସ୍ତ୍ରୀମାନଙ୍କର ଏକୀକରଣ କରିବା ନିମନ୍ତେ ସମୟ ଅଟେ, ସମସ୍ତକିଛି ବିଷୟକୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ତଳେ ଏକୀକରଣ କରି ବାକ୍ୟ ନିକଟକୁ ଫେରାଇ ଆଣିବାର ସମୟ ଅଟେ ।

96 ମଣ୍ଡଳୀ ନିମନ୍ତେ ଏକୀକରଣର ସମୟ! ଓଃ, ମୋହର ପ୍ରଭୁ! ପ୍ରତ୍ୟେକ ବାକ୍ୟକୁ ଏକୀକରଣ କରିବା ଯାହାକି ଏହି ସଙ୍ଗଠନଗୁଡ଼ିକ ଦ୍ୱାରା ସର୍ବତ୍ରଆଡ଼େ ବିକ୍ଷିପ୍ତ ହୋଇଯାଇଥିଲା: ନାଇସିଆ, ରୋମ୍‌ଠାରୁ ଆରମ୍ଭ କରି, ଯେତେବେଳେକି ସେମାନେ ପ୍ରଥମ ମଣ୍ଡଳୀକୁ ସଙ୍ଗଠିତ କରିଦେଇଥିଲେ, ଆଉ ସେମାନେ ଲୁଥରକୁ ସଙ୍ଗଠିତ କରିଦେଇଥିଲେ, ସେମାନେ ୱେସ୍‌ଲୀକୁ ସଙ୍ଗଠିତ କରିଦେଇଥିଲେ, ସେମାନେ ଅବଶିଷ୍ଟ ସମସ୍ତ ମଣ୍ଡଳୀଗୁଡ଼ିକୁ ସଙ୍ଗଠିତ କରିଦେଇଥିଲେ । ଏବଂ ତାହା କରିବା ଦ୍ୱାରା, ସେମାନଙ୍କୁ ଗୋଟିଏ ମତବାଦକୁ ଗ୍ରହଣ କରିବାକୁ ପଡ଼ିଥିଲା, ଆଉ ତାହା ପରେ ଯେତେବେଳେ ପରମେଶ୍ୱର କିଛି ଗୋଟାଏ ଅନ୍ୟ ବିଷୟକୁ ପ୍ରେରଣ କଲେ, ସେମାନେ ତାହାକୁ ଗ୍ରହଣ କରିପାରିଲେ ନାହିଁ । ଅତଏବ, ତାହା ବର୍ତ୍ତମାନର ସମୟ ନ ଆସିବା ପର୍ଯ୍ୟନ୍ତ ସମ୍ଭବ ନ ଥିଲା । ଆଉ ପରମେଶ୍ୱର ପ୍ରତିଜ୍ଞା କରିଥିଲେ, ଏହି ଶେଷ ଦିନମାନଙ୍କରେ, ଯେ, "ପିତୃପୁରୁଷମାନଙ୍କର ବିଶ୍ୱାସକୁ ପୁନର୍ବାର କନ୍ୟାଠାରେ ପୁନଃସ୍ଥାପିତ କରାଯିବ," ଯେ ତାହା ଏହିପ୍ରକାରେ ହିଁ ହେବ, ଆଉ ତାହା ଏହି ସମୟ ଛଡ଼ା ଆଉ ଅନ୍ୟ କୌଣସି ସମୟରେ ହୋଇପାରିବ ନାହିଁ । ଦେଖନ୍ତୁ ଯେ ସ୍ୱର୍ଗରୁ କି ଏକ ଚିହ୍ନ ଅଛି, ଏକ ଅଗ୍ନିସ୍ତମ୍ଭ ରୂପେ ଆମମାନଙ୍କ ଉପରେ ଝୁଲି ରହିଛି, ପୁଣି ଯୀଶୁ ଖ୍ରୀଷ୍ଟଙ୍କର ଚିହ୍ନ ଓ ଚମତ୍କାରମାନ ସହିତରେ ରହିଛି । ଆଉ ଯେତେବେଳେ ସେ ଆମମାନଙ୍କୁ କଥା କହିଥାଆନ୍ତି, ତାହା ବିନ୍ଦୁ ବିସର୍ଗ ପର୍ଯ୍ୟନ୍ତ ସିଦ୍ଧ ହେବାରେ କେବେ ବିଫଳ ହୋଇ ନ ଥାଏ । ଆମେନ୍! ତାହାପରେ ଆମେମାନେ ଦେଖୁ ଯେ ଆମେମାନେ କେଉଁଠାରେ ଛିଡ଼ା ହୋଇଅଛୁ!

97 ଆମେମାନେ ରାଷ୍ଟ୍ରଗୁଡ଼ିକୁ ଏକୀକରଣ ହେଉଥିବାର ଦେଖୁ, ଆମେମାନେ ଜଗତକୁ ଏକୀକରଣ ହେଉଥିବାର ଦେଖୁ, ଆମେମାନେ ସାମ୍ୟବାଦକୁ ଏକୀକରଣ ହେଉଥିବାର

ଦେଖୁ, ଆମେମାନେ ମଣ୍ଡଳୀଗୁଡ଼ିକୁ ଏକୀକରଣ ହେଉଥିବାର ଦେଖୁ; ଆଉ ଆମେମାନେ ପରମେଶ୍ବରଙ୍କୁ ତାହାଙ୍କର କନ୍ୟା ସହିତରେ ଏକୀକରଣ ହେଉଥିବାର ଦେଖୁ, ଯେପର୍ଯ୍ୟନ୍ତକି ସେ ଏବଂ ମଣ୍ଡଳୀ ସେହି ସମାନ ବିଷୟ ହୋଇଯାଆନ୍ତି । ହାଲ୍ଲେଲୂୟା! ଠିକ୍ ସେଠାରେ ଥିବା ପିରାମିଡ଼ ପରି । ଠିକ୍ ଅଛି! ଆପଣାକୁ ଏକାଠି ଏକୀକରଣ କରୁଅଛନ୍ତି; ପରମେଶ୍ବର ଏକୀକରଣ କରୁଅଛନ୍ତି! କାହିଁକି? ଏହା ପୂର୍ବରୁ କଦାପି, ଆରମ୍ଭିକ ମଣ୍ଡଳୀ ଯୁଗର ସମୟଠାରୁ ନେଇ, କେବେହେଲେ ଲୋକମାନଙ୍କ ମଧ୍ୟରେ ଅଗ୍ନିସ୍ତମ୍ଭ ରହି ନ ଥିଲା । କେବେହେଲେ ଏହା ପୂର୍ବରୁ, ଆରମ୍ଭିକ ମଣ୍ଡଳୀ ଯୁଗର ସମୟଠାରୁ ନେଇ, ସେମାନେ ସେହି ବିଷୟଗୁଡ଼ିକ ଦେଖି ନ ଥିଲେ ଯେଉଁ ବିଷୟଗୁଡ଼ିକୁ ଆମେମାନେ ଆଜି ଦେଖୁଅଛୁ । ଆଉ ଏହା କେବଳ ସେତେବେଳେ ସମ୍ଭବପର ହୋଇପାରିଲା ଯେତେବେଳେ ପରମେଶ୍ବର ସପ୍ତ ମୁଦ୍ରାଗୁଡ଼ିକୁ ପ୍ରେରଣ କରି ତାହା ଦ୍ଵାରା ଆମମାନଙ୍କୁ ଏକ ଚିହ୍ନ ଦେଲେ, ଏବଂ ସାତୋଟି ସ୍ଵର୍ଗଦୂତମାନଙ୍କୁ ସ୍ଵର୍ଗରୁ ପ୍ରେରଣ କଲେ; ଆଉ ସେହି ନାମଧାରୀ ସଙ୍ଗଠନମାନଙ୍କରେ ବିକ୍ଷିପ୍ତ ରହିଥିବା ବାକ୍ୟକୁ ଫେରାଇ ଆଣିବା ନିମନ୍ତେ, ଓ ଏହାକୁ ପୁନର୍ବାର ପରମେଶ୍ବରଙ୍କ ବାକ୍ୟ ସହିତରେ ଯୋଡ଼ି, ତାହାଙ୍କର ପବିତ୍ରଆତ୍ମାଙ୍କୁ ତଳକୁ ନେଇ ଆସିବା ନିମନ୍ତେ ଓହ୍ଲାଇ ଆସିଥିଲେ ।

98 ଯୀଶୁ କହିଲେ, "ଯଦି ତୁମେମାନେ ମୋ ଠାରେ ଲାଗି ରୁହ ଏବଂ ମୋହର ବାକ୍ୟ ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ମାଗ, ତାହା ତୁମ ପ୍ରତି କରାଯିବ ।" କନ୍ୟାକୁ ପୁନର୍ବାର ସେହି ବାକ୍ୟ ସହିତରେ ଯାହାକି ପରମେଶ୍ବର ଅଟନ୍ତି, ଏକୀକରଣ କରାଯାଏ । ମଣ୍ଡଳୀ ଏବଂ ବାକ୍ୟ, ମଣ୍ଡଳୀ ଏବଂ ମତ ନୁହେଁ, ମଣ୍ଡଳୀ ଓ ବାକ୍ୟ; କନ୍ୟା ଏବଂ ବାକ୍ୟ ଏକାଠି ଏକୀକରଣ ହୁଅନ୍ତି । ଓଃ, ମୋହର ପ୍ରଭୁ! କି ଏକ...କଅଣ ପୁନଃସ୍ଥାପନ କରିବେ? ମୂଳ ପେଣ୍ଟିକଷ୍ଟାଲ୍ ପିତୃପୁରୁଷମାନଙ୍କର ସେହି ବିଶ୍ଵାସ, ଦେଖନ୍ତୁ, ଯାହାକି ଲୁଥରଙ୍କ ସମୂହ ଦ୍ଵାରା ବିକ୍ଷିପ୍ତ କରାଯାଇଥିଲା । ନିଜେ ଲୁଥରଙ୍କ ଦ୍ଵାରା ନୁହେଁ; ଲୁଥର ନୁହଁନ୍ତି, ୱେସ୍‌ଲୀ ନୁହଁନ୍ତି, ସେହି ମହାନ୍ ମୂଳ ସ୍ଥାପକମାନେ ନୁହଁନ୍ତି । ମାତ୍ର ସେମାନଙ୍କର ଚାଲିଯିବା ଉତ୍ତାରେ, ସେଠାରେ ଏପରି ଏକ ମଣ୍ଡଳୀ ଉତ୍‌ଥାପିତ ହେଲା, ଆଉ ସେମାନେ...ତେବେ ତାହା ସହିତ ସେମାନେ ଯାହା କଲେ, ସେମାନେ ସେଥିରୁ ଗୋଟିଏ ସଙ୍ଗଠନକୁ ଗଠନ କଲେ । ସେମାନେ ମତବାଦଗୁଡ଼ିକୁ ଓ ପ୍ରଭୃତିସବୁକୁ ଗ୍ରହଣ କଲେ, ଏବଂ ସେମାନେ ଅନ୍ୟତ୍ର ଚାଲି ଯାଇଥିଲେ । ଆଉ ଆଜି ସେମାନଙ୍କୁ ଦେଖନ୍ତୁ, ବର୍ତ୍ତମାନ ସେମାନେ ସେହି ବିଶ୍ଵ ଗୀର୍ଜା ସଂଘ ମଧ୍ୟକୁ ଆସିଯାଇଛନ୍ତି ।

99 ତେବେ, ଆପଣମାନେ ଦେଖନ୍ତୁ, ମାତ୍ର ଏହି ଶେଷ ଦିନମାନଙ୍କରେ, ଆପଣ ଦେଖନ୍ତୁ, ଆମେମାନେ ବର୍ତ୍ତମାନ ଏପରି ବିଷୟଗୁଡ଼ିକୁ ଘଟୁଥିବାର ଦେଖୁଅଛୁ ଯାହାସବୁକି କେବେ ଆଗରୁ ଘଟିନାହିଁ । ଦେଖନ୍ତୁ, ଏହା ତ ପରମେଶ୍ବରଙ୍କ ଚିହ୍ନ ଅଟେ, ଆଉ ଏହି ସମସ୍ତ ଏକୀକରଣ ହେଉଛି ସେହି ସମୟର ଚିହ୍ନ । ତେବେ, ଆମେମାନେ ତାହାକୁ ଧ୍ୟାନପୂର୍ବକ ଦେଖିବାକୁ ଚାହିଁବୁ ଏବଂ ଏଥିରେ ସୁନିଶ୍ଚିତ ହେବାକୁ ଚାହିଁବୁ ଯେ ଆମେ ଯେପରି ତାହାକୁ ବୁଝିଯାଉ । ପରିତ୍ୟାଗ କରିବା...ସେମାନେ ନାମଧାରୀ ସଙ୍ଗଠନଗୁଡ଼ିକ ପାଇଁ ସତ୍ୟ ବାକ୍ୟକୁ ପରିତ୍ୟାଗ

କରିଥାଆନ୍ତି; ବାକ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ ଲୋକମାନଙ୍କର ମନ୍ତବ୍ୟ ଓ ମତଗୁଡ଼ିକୁ ଗ୍ରହଣ କରିଥାଆନ୍ତି ।

100 ପ୍ରକାଶିତ ବାକ୍ୟ 10 କହେ, "ସପ୍ତମ ଦୂତଙ୍କର ବାର୍ତ୍ତା ।" ତେବେ ମନେ ରଖନ୍ତୁ, ତାହା ଠିକ୍ ସପ୍ତ ତୂରୀବାଦ୍ୟ ହେଲା ବେଳକୁ ହୋଇଥାଏ, ଆଉ ସେଠାରେ ସାତୋଟି ଦୂତମାନେ ଅଛନ୍ତି ଯେଉଁମାନେକି ସପ୍ତ ତୂରୀବାଦ୍ୟ କରିଥାଆନ୍ତି । ଆମେମାନେ ପରବର୍ତ୍ତୀ ସେହି ବିଷୟ ନିକଟକୁ ହିଁ ଆସୁଅଛୁ । ମାତ୍ର ମନେ ରଖନ୍ତୁ ଯେଉଁଠାରେ, ଅତି ବିଶିଷ୍ଟ ଭାବରେ ଏହା କହେ, "ସେହି ଦୂତଙ୍କର...," ସପ୍ତମ ଦୂତଙ୍କର ତୂରୀବାଦ୍ୟ ନୁହେଁ, ବରଂ ସେହି "ସପ୍ତମ ଦୂତଙ୍କର ବାର୍ତ୍ତା ।" ଦେଖନ୍ତୁ, ସେହି ତୂରୀ ଘେନିଥିବା ଦୂତ ନୁହେଁ, ବରଂ ସେହି ବାର୍ତ୍ତା ଦୂତ ଅଟନ୍ତି! ଦେଖନ୍ତୁ, ସେହି ଦୂତ କେବଳ ତୂରୀବାଦ୍ୟ କଲେ, ସେହି ସପ୍ତମ ଦୂତ, ସେହି ତୂରୀ ଘେନିଥିବା ଦୂତ । ମାତ୍ର ଏହା କହେ, "ସେହି ସପ୍ତମ ଦୂତଙ୍କର ବାକ୍ୟ ଘୋଷଣା କରିବା ଦିନରେ," ଦେଖନ୍ତୁ, ଯେତେବେଳେ ତାଙ୍କର ବାର୍ତ୍ତା ସମାପ୍ତ ହୋଇଯାଏ । ଦେଖନ୍ତୁ, ତାହା ତ ମଣ୍ଡଳୀ ଯୁଗର ବାର୍ତ୍ତା ଅଟେ । ଏହି ସମୟରେ, ତେବେ ସେ...ସେହି ବାର୍ତ୍ତା ଅଟେ, ସେହି ତୂରୀ ନୁହେଁ, ଆଉ "ପରମେଶ୍ୱରଙ୍କ ସେହି ନିଗୂଢ଼ ସଂକଳ୍ପ (ଯାହାକି ବାକ୍ୟରେ ଲେଖା ଅଛି) ମଧ୍ୟ ସଫଳ ହେବ ।"

101 ତେବେ ଦେଖନ୍ତୁ ଯେ ଆମେମାନେ କି ପ୍ରକାର ଏକ ଦିନରେ ରହୁଅଛୁ! ସେହି ମୁଦ୍ରାଗୁଡ଼ିକୁ ଦେଖନ୍ତୁ, ଯେ କିପରି ଭାବରେ ତାହା ପରମେଶ୍ୱରଙ୍କ ସେହି ବିକ୍ଷିପ୍ତ ବାକ୍ୟକୁ ଗୋଟାଇ ଏକାଠି କରିଥିଲା, ଯାହାକି ଲୁଥର ଏବଂ ସେମାନଙ୍କ ମଧ୍ୟରୁ ଅବଶିଷ୍ଟ ସମସ୍ତେ, ଯାହା ସେହି ମହାନ ସୁଧାରକମାନେ ଯେଉଁମାନେକି ଆସିଥିଲେ; ଠିକ୍ ଫେରି ଆସି ତାହାକୁ ବାଇବଲରେ ଦେଖାଇଥିଲେ, ଯେ ସେମାନେ କେଉଁଠାରେ ରହିବେ; ପ୍ରତ୍ୟେକ ଜଣ ଠିକ୍ ସେମାନଙ୍କର ନିଜର ସ୍ଥାନରେ, ସେ କଅଣ କାର୍ଯ୍ୟ କରିବେ ଏବଂ ମଣ୍ଡଳୀ ସହିତ କଅଣ ଘଟିବ; ସେ କଅଣ କରିବେ, ଓ ମଣ୍ଡଳୀ ସହିତରେ କଅଣ ହେବ; ଏହି ସମସ୍ତ ବିଷୟ ଯାହା ସେ ଛାଡ଼ି ଦେଇଥିଲେ । ଆଉ ତାହାପରେ, ଏହି ଶେଷ ଦିନରେ, ଯେତେବେଳେ ଆମେ ତାହା ବିଷୟରେ କିଛି ଜାଣି ନ ଥିଲୁ, ସେ ଆମମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବିଷୟର ଘଟଣା ସମ୍ବନ୍ଧରେ ଭବିଷ୍ୟତବାଣୀ କରିଥିଲେ; ପୁଣି ଏପରିକି ଖବରକାଗଜ ଓ ଅନ୍ୟ ବିଷୟମାନେ ତାହାକୁ ନେଇଥିଲେ, ଆଉ ତାହା ଠିକ୍ ଫେରି ଆସିଥିଲା ଓ ଏହାକୁ ପ୍ରକଟ କରିଥିଲା ଏବଂ ସମସ୍ତ ନିଗୂଢ଼ ସଂକଳ୍ପଗୁଡ଼ିକୁ ଏକାଠି ମିଶାଇଥିଲା । ଆମେନ୍! ଭାଇ, ତାହା ମୋ ପାଇଁ ଅତି ଉତ୍କୃଷ୍ଟ ବିଷୟ ଅଟେ! ତାହା, ମୋ ପାଇଁ, ବାକ୍ୟକୁ ସଜାଡ଼ି ଦିଏ । ଆମେନ୍! ମୋହର ଏଥିରେ କିଛି ଯାଏ ଆସେ ନାହିଁ ଯେ କଅଣ—କଅଣ, କିମ୍ବା, ମୋହର ଚିନ୍ତା ଥାଏ ଯେ ଲୋକମାନେ କଅଣ କୁହନ୍ତି, କଅଣ ଚିନ୍ତା କରନ୍ତି, ତାହା ଠିକ୍ ଅଟେ, ମାତ୍ର ମୋ ପାଇଁ ତ ତାହା ସତ୍ୟ ଅଟେ ।

102 ଯେପରିକି ସେହି ପଣ୍ଡିତମାନେ, ବାବିଲୋନରୁ ଆସୁଥିବା ବେଳେ, ସେମାନେ ଉଚ୍ଚ ପାଟିରେ ଚିତ୍କାର କରିଥିଲେ, "ସେ କେଉଁଠାରେ ଅଛନ୍ତି, ଯିହୂଦୀମାନଙ୍କର ରାଜା ଯିଏ ଜନ୍ମଗ୍ରହଣ କରିଛନ୍ତି? ଠିକ୍ ବର୍ତ୍ତମାନ, ସେ ପୃଥିବୀପୃଷ୍ଠରେ ଅଛନ୍ତି । ଆମମାମାନଙ୍କୁ ତାହାଙ୍କୁ ଖୋଜିବାକୁ ଅଛି ।" ତାହା ଠିକ୍ ଅଟେ । ଆଉ ମୁଁ ବିଶ୍ୱାସ କରେ ଯେ ସେ ଆଗମନର ଏତେ

ନିକଟବର୍ତ୍ତୀ ଅଟନ୍ତି ଯେ ମୁଁ କହିପାରେ, "ଦେଖ, ବର ଆସୁଛନ୍ତି! ମୁଁ ଅର୍ଦ୍ଧରାତ୍ରିର କୋଳାହଳ ଶୁଣୁଛି!" ଆମେନ୍! ଆମେମାନେ ଠିକ୍ ସେହି ଶେଷର ସମୟରେ ଅଛୁ। ଓଃ, ମୋହର ପ୍ରଭୁ, ସେହି ଘଟିକା ଯେଉଁଥିରେକି ଆମେମାନେ ରହୁଅଛୁ। ଧ୍ୟାନ ଦିଅନ୍ତୁ। ବୁଝିଲେ?

103 କି ଏକ ଦିନ ଅଟେ! କି ଏକ ସମୟ ଅଟେ ଯେଉଁଥିରେକି ଆମେମାନେ ରହୁଅଛୁ, ପରମେଶ୍ୱରଙ୍କର ଏହି ମହାନ ନିଗୂଢ଼ ସଂକଳ୍ପ ସଫଳ ହେଉଅଛି; ପରମେଶ୍ୱରତ୍ତ୍ୱ ବିଷୟକୁ ନେଇ ଆସି, ଏହା ଦେଖାଉଅଛି ଯେ ତାହା କଅଣ ଅଟେ; କିପରି ଭାବରେ ଏହି ଛୋଟ ଛୋଟ ବାଦଗୁଡ଼ିକ, ଏବଂ କଳହମାନ ଓ ତାହାଙ୍କୁ *ଏହିପରି* ଭାବରେ ଗଢ଼ି ତୋଳିଥିଲା, ପୁଣି ଅନ୍ୟଜଣେ ତାହାଙ୍କୁ *ଏହିପରି* ଭାବରେ ଗଢ଼ି ତୋଳିଥିଲା, ଓ ଅନ୍ୟକେହି ତାହାଙ୍କୁ *ସେହିପରି* ଭାବରେ ଗଢ଼ି ତୋଳିଥିଲା। ମାତ୍ର ପ୍ରଭୁଙ୍କ ଦୂତ ତଳକୁ ଓହ୍ଲାଇ ଆସିଲେ ଓ ସେମାନଙ୍କର ସମସ୍ତ ବାଦଗୁଡ଼ିକୁ ନେଲେ, ଏବଂ ସେଥିରୁ ସେହି ସତ୍ୟକୁ ବାହାର କରି ଆଣିଲେ, ଓ ତାହାକୁ ଉପସ୍ଥାପିତ କଲେ। ଆଉ ତାହା ସେଠାରେ ଅଟେ, ଠିକ୍ ଯେତିକି ସିଦ୍ଧ ଭାବରେ ତାହା ହୋଇପାରେ ତାହା ଅଟେ, ଅନ୍ୟ କୌଣସି ମାର୍ଗ ନାହିଁ ଯେ ଆପଣ ଯାଇପାରିବେ। ତାହା ସେଠାରେ ଅଟେ, ତାହାହିଁ ଅଟେ ଯାହାକି ସେ ଅଟନ୍ତି। ଦେଖନ୍ତୁ, ସର୍ପବଂଶ, ଏହି ସବୁ—ସବୁ ବିଭିନ୍ନ ବିଷୟମାନ ଯାହାକି ଲୋକମାନଙ୍କ ମଧ୍ୟରେ ଅତ୍ୟନ୍ତ ନିଗୂଢ଼ଭାବେ ରହିଅଛି। ବୁଝିଲେ? ତାହା କଅଣ ଅଟେ? ତାହାଙ୍କର ଥିଲା...ଏହି ଚିହ୍ନ କଅଣ ପାଇଁ ଅଟେ? ଏକୀକରଣ ପାଇଁ!

104 ମଲାଖୀ 4ରେ ସେ କଅଣ କହିଥିଲେ? ପୁନଃସ୍ଥାପିତ କରିବେ! ମୂଳ ପେଣ୍ଟିକଷ୍ଟାଲ୍ ବିଶ୍ୱାସକୁ ପୁନଃସ୍ଥାପିତ କରିବେ, ଲୋକମାନଙ୍କ ପାଖକୁ ସେହି ସମାନ ପେଣ୍ଟିକଷ୍ଟାଲ୍ ବାର୍ତ୍ତାକୁ ଫେରାଇ ଆଣିବେ, ସେହି ସମାନ ପେଣ୍ଟିକଷ୍ଟାଲ୍ ଚିହ୍ନ, ସେହି ସମାନ ପେଣ୍ଟିକଷ୍ଟାଲ୍ ପ୍ରମାଣ, ସେହି ସମାନ ପରମେଶ୍ୱର, ସେହି ସମାନ ସାମର୍ଥ, ସେହି ସମାନ ଶିକ୍ଷା, ସବୁକିଛି ଠିକ୍ ସେହି ସମାନ ଭାବରେ କରି, ପୁଣି ଠିକ୍ ସେହି ସମାନ ଅଗ୍ନିସ୍ତମ୍ଭର ପ୍ରମାଣ ସହିତରେ ଯେଉଁ ଅଗ୍ନିସ୍ତମ୍ଭକି ଶାଉଲଙ୍କୁ ଦମ୍ମେସକର ମାର୍ଗରେ, ଆଘାତ କରିଥିଲା ତାହା ଆଜି ଆମମାନଙ୍କ ମଧ୍ୟରେ ରହି, ଠିକ୍ ସେହି ସମାନ ବିଷୟଗୁଡ଼ିକୁ ସାଧନ କରୁଥିବେ ଯାହାକି ସେ ସେହି ଦିନ କରିଥିଲେ। ଏକୀକରଣ!

105 ଆମେମାନେ ରାଷ୍ଟ୍ରଗୁଡ଼ିକୁ ଏକୀକରଣ କରୁଥିବାର ଦେଖୁ, ଆମେମାନେ ଜଗତକୁ ଏକୀକରଣ କରୁଥିବାର ଦେଖୁ, ଆମେମାନେ ମଣ୍ଡଳୀଗୁଡ଼ିକୁ ଏକୀକରଣ କରୁଥିବାର ଦେଖୁ। ଆମେମାନେ କନ୍ୟାକୁ ଏକୀକରଣ କରୁଥିବାର, ବାକ୍ୟ ସହିତ ଏକୀକରଣ କରୁଥିବାର ଦେଖୁ। କାହିଁକି? ବାକ୍ୟ ପରମେଶ୍ୱର ଅଟନ୍ତି। ଆଉ ଯେତେବେଳେକି ବାକ୍ୟ...ଯେପରିକି ବର (ବାକ୍ୟ ହୋଇଥିବା ହେତୁ), ଏବଂ କନ୍ୟା (ସେହି ବାକ୍ୟର ଶ୍ରବଣକାରୀ ହୋଇଥିବା ହେତୁ), ସେମାନେ ଏକାଠି ଏକ ଏକୀକରଣରେ ଆସନ୍ତି। ସେମାନେ ବିବାହରେ ଆବଦ୍ଧ ହୋଇଥିବା ପରି ଏକୀକରଣ ହୁଅନ୍ତି। ଦେଖନ୍ତୁ, ସେମାନେ ଏକ ବିବାହ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି, ଆଉ ସେମାନେ—ସେମାନେ ଏକ ହୋଇଯାଆନ୍ତି। ସେହି ବାକ୍ୟ ଆପଣ

ହୋଇଯାଆନ୍ତି, ଆପଣ ସେହି ବାକ୍ୟ ହୋଇଯାଆନ୍ତି। ଯୀଶୁ କହିଲେ, "ସେହି ଦିନ ତୁମେ ତାହା ଜାଣିବ। ପିତା ଯାହାସବୁ ଅଟନ୍ତି, ତାହା ମୁଁ ଅଟେ; ଆଉ ମୁଁ ଯାହାସବୁ ଅଟେ, ତାହା ତୁମେ ଅଟ; ଏବଂ ତୁମେ ଯାହାସବୁ ଅଟ, ମୁଁ ଅଟେ। ସେହି ଦିନ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ ଅଛି, ପିତା ମୋ ଠାରେ ଅଛନ୍ତି, ମୁଁ ତୁମଠାରେ ଅଛି, ଓ ତୁମେ ମୋ ଠାରେ ଅଛ।" ବୁଝିଲେ? "ସେହି ଦିନ।" କେଉଁ ଦିନ? ଏହି ଦିନ! ଆମେମାନେ ପରମେଶ୍ୱରଙ୍କ ସେହି ମହାନ ନିଗୂଢ଼ ସଂକଳ୍ପଗୁଡ଼ିକୁ ପ୍ରକଟିତ ହୋଇଥିବାର ପାଉ। ଓଃ, ମୁଁ ତାହା କେତେ ପସନ୍ଦ କରେ!

106 ଓଃ, ଦେଖନ୍ତୁ ଯେ କିପରି ବିଜ୍ଞାନ ଏବଂ ବାକ୍ୟ ତୁଳନା କରାଯାଇପାରେ ନାହିଁ, ଯେପରିକି ସେମାନେ ଆଜି କରିଥାଆନ୍ତି। ସେମାନେ ଏହାର ପୂର୍ବରୁ ବି ତାହା କରିପାରି ନ ଥିଲେ। ଏହା ତ ଠିକ୍ ବର୍ତ୍ତମାନ ଅଟେ ଯେ ସେମାନେ ତାହା କରିପାରିବେ।

107 ଧ୍ୟାନ ଦିଅନ୍ତୁ, ସେ କହିଲେ, "ସ୍ୱର୍ଗୀୟ ଲକ୍ଷଣମାନ, ସ୍ୱର୍ଗୀୟ ଚିହ୍ନମାନ।" ବିଜ୍ଞାନ, ଏବଂ ରାଷ୍ଟ୍ରୀୟ ଲକ୍ଷଣମାନ; ବର୍ତ୍ତମାନ ସେମାନଙ୍କ ପାଖରେ ଆଜି ଆକାଶରେ ମହାନ୍ ଚିହ୍ନମାନ ଅଛି, ସେମାନଙ୍କ ପାଖରେ ମହାକାଶଯାତ୍ରୀମାନ ଓ ସବୁକିଛି ଅଛି। ମାତ୍ର ଏହି ମହାକାଶଯାତ୍ରୀମାନେ ଜଗତ ପ୍ରତି କଅଣ କରନ୍ତି, ଚିହ୍ନ ସ୍ୱରୂପରେ? ଏହା ସେମାନଙ୍କ ଭିତରେ ଭୟ ଆଣିଦିଏ। ସେମାନେ ସେହି ସମୟକୁ ଜାଣନ୍ତି ନାହିଁ ଯେ କେଉଁ ସମୟରେ ସେମାନେ ଏହିପରି କିଛି ବିଷୟକୁ ପ୍ରେରଣ କରିପାରନ୍ତି ଓ ବୋମାଗୁଡ଼ିକୁ ଠିକ୍ ପକାଇ ଦେଇପାରନ୍ତି, ପୁଣି ଆମମାନଙ୍କର ଆଉ ଅଧିକ ଚିହ୍ନ ବର୍ଣ୍ଣ ନ ଥିବ। ବୁଝିଲେ? ତେବେ ତାହାହିଁ ସେହି ଚିହ୍ନଗୁଡ଼ିକ ଅଟେ ଯାହାକି ସେମାନେ ପାଇଛନ୍ତି, ଆକାଶରେ ଭୟାବହ ଦୃଶ୍ୟମାନ। ବୁଝିଲେ? ସେମାନେ ତାହାସବୁ ରଖିଛନ୍ତି, ପରମାଣୁ କ୍ଷେପଣାସ୍ତ୍ରମାନ ଏବଂ ସମସ୍ତ କିଛି, ସମସ୍ତ ପ୍ରକାର ଲକ୍ଷଣମାନ।

108 ଆପଣମାନେ ଦେଖନ୍ତୁ ଯେ ଅନ୍ୟ ଏକ ଦିନ, ଯେଉଁଠାରେ ସେମାନେ ଏହି—ଏହି ସନ୍ଧିକୁ ହସ୍ତାକ୍ଷର କରିଥିଲେ, ଯେ ସେମାନେ ଆଉ ଅଧିକ ମୁକ୍ତ ସ୍ଥାନରେ ବୋମାଗୁଡ଼ିକୁ ବିସ୍ଫୋରଣ କରିବାକୁ ଯାଉନାହାଁନ୍ତି, ବରଂ ବର୍ତ୍ତମାନ ସେମାନେ ଗଭୀର ଜଳ ଭିତରେ ଓ ଗଭୀର ଭୂମି ତଳେ ତାହା କରିବାକୁ ଯାଉଛନ୍ତି, ଠିକ୍ ସେହି ସମାନ ପ୍ରକାରେ ସେଗୁଡ଼ିକୁ ପରୀକ୍ଷା କରିବାକୁ ଯାଉଛନ୍ତି। ବୁଝିଲେ? ସେମାନେ ଏକ ସନ୍ଧି ହସ୍ତାକ୍ଷର କଲେ, "ଆମେମାନେ ଏହା କରିବୁ ନାହିଁ, ଯଦି ଆପଣ କୁହନ୍ତି ଯେ ଆପଣ ତାହା କରିବେ ନାହିଁ (ମାତ୍ର ଆମେମାନେ ଘରକୁ ଫେରିଯିବୁ ଓ ତାହାକୁ ଏହିପ୍ରକାର କରିବୁ; ଯେତେବେଳେକି ଆମେମାନେ ଜାଣୁ ଯେ ଆପଣ ସେହି ସମାନ ବିଷୟକୁ ସେଠାରେ କରୁଅଛନ୍ତି)।" ବୁଝିଲେ? ସେଠାରେ ତ କୌଣସି ଏକ ବିଷୟ ହିଁ ନାହିଁ, ଏହା ତ କେବଳ...ସେମାନଙ୍କ ମଧ୍ୟରେ କୌଣସି ବିଶ୍ୱାସଯୋଗ୍ୟ ଭରସା ନାହିଁ, ସେଠାରେ ନାହିଁ—ସେଠାରେ କିଛିହେଲେ ନାହିଁ। ଆପଣ କରିପାରନ୍ତି...ବୁଝିଲେ? ଆଉ ପ୍ରତ୍ୟେକ ଜଣ ଅନ୍ୟଜଣକୁ ଭୟ କରୁଅଛନ୍ତି। ତାହା ଏକ ଭୟାବହ ଲକ୍ଷଣ ଅଟେ।

109 ବିଜ୍ଞାନ ଏବଂ ମନୁଷ୍ୟ ଓ ରାଷ୍ଟ୍ରମାନେ ଆକାଶରେ ଏକ ଭୟାବହ ଚିହ୍ନକୁ ସୃଷ୍ଟି କରିଛନ୍ତି। ତାହା ଅବିକଳ ଠିକ୍ ଅଟେ। ତେବେ, ପରସ୍ପର ଜଣେ ଅନ୍ୟକୁ ଭୟ କରିବା। ଆଉ ଏକ ସ୍ୱର୍ଗୀୟ ଚିହ୍ନ ଦିଆଯାଇଛି…ତେବେ ଦେଖନ୍ତୁ, ସେମାନେ ସ୍ୱର୍ଗରେ ମଧ୍ୟ ଏକ ଚିହ୍ନ ପାଇଛନ୍ତି, ଏକ ଭୟାବହ ଚିହ୍ନ, ଜଣେ ମହାକାଶଯାତ୍ରୀରେ ଏକ ମନୁଷ୍ୟ; ହୋଇପାରେ ଯେ ଏକ ପରମାଣୁ କ୍ଷେପଣାସ୍ତ୍ର ରଖିଥିବ, ଓ ତାହାକୁ ପକାଇ ସମଗ୍ର ରାଷ୍ଟ୍ରକୁ ଧ୍ୱଂଶ କରିଦେବ। ଏକ ମହାକାଶଯାତ୍ରୀ ରୂପରେ ଚାଲିଯିବ, ଏବଂ ସେଠାରେ ଛିଡ଼ା ହୋଇଯିବ। ତାହା କରିବାରୁ ସେମାନଙ୍କୁ କେହିହେଲେ ଅଟକାଇପାରିବ ନାହିଁ। ସେମାନେ ନିଶ୍ଚିତରେ ତାହା କରିପାରିବେ, ସେମାନେ…ଯେକୌଣସି ସମୟରେ ସେମାନେ ଚାହିଁବେ। ସେମାନେ ଯଦି ଚାହିଁବେ ସେମାନେ ତାହାକୁ ଧୂଳିସାତ କରି ଦେଇପାରିବେ, ମାତ୍ର…ଏବେଠାରୁ ନେଇ ପନ୍ଦର ମିନିଟ୍ ଭିତରେ। ଆଉ କେହିଜଣେ କଅଣ ବା କରିପାରେ, ସେହି ଅନ୍ୟ ଜଣେ ମଧ୍ୟ, ସେହି ପ୍ରକାରେ। ଏଣୁ, ଆପଣମାନେ ଦେଖନ୍ତୁ ଯେ ସେମାନେ ଏକ ଚିହ୍ନ ପାଇଛନ୍ତି, ମାତ୍ର ସେହି ପ୍ରକାରର ଏକ ଚିହ୍ନ ସେମାନଙ୍କୁ ଭୟଭୀତ କରିଦିଏ।

110 ସେମାନେ ସେମାନଙ୍କର ଶକ୍ତିଗୁଡ଼ିକୁ ଏକତ୍ର ମିଶାଇ, ଏକାଠି ଏକୀକରଣ କରୁଅଛନ୍ତି। ସେହି ସ୍ୱାଧୀନ ଜଗତ, ସେମାନେ ସେମାନଙ୍କର ଶକ୍ତିଗୁଡ଼ିକୁ ଏକାଠି ମିଶାଉଅଛନ୍ତି। ସାମ୍ୟବାଦ ସେମାନଙ୍କର ଶକ୍ତିକୁ ରୁଷିଆ ସହିତରେ ଏକାଠି ମିଶାଉଅଛି। ସମସ୍ତେ; ମାତ୍ର ପ୍ରତ୍ୟେକେ ପରସ୍ପର ଜଣେ ଅନ୍ୟକୁ ଭୟ କରୁଛନ୍ତି। ଦେଖନ୍ତୁ, ତାହା ଏକ ଭୟାବହ ଲକ୍ଷଣ ଅଟେ। ତାହା ଠିକ୍ ଅଟେ। ତାହା ରାଷ୍ଟ୍ରୀୟ ଚିହ୍ନମାନ, ଓ ବିଷୟମାନ ଅଟେ।

111 ମାତ୍ର ମଣ୍ଡଳୀ ତ ଏକ ସ୍ୱର୍ଗୀୟ ଚିହ୍ନକୁ ପାଇଅଛି: ଜଣେ ମହାକାଶଯାତ୍ରୀ! ଆମେନ୍! ଯୀଶୁ ଖ୍ରୀଷ୍ଟ, ଏକ ଅଗ୍ନିସ୍ତମ୍ଭ ରୂପରେ; ଯାହା ସେ ପୁରାତନ ନିୟମରେ ଥିଲେ, ତାହାହିଁ ସେ ଥିଲେ ଯେତେବେଳେ ସେ ସେଠାରେ ତଳେ ଦମ୍ମେସକର ମାର୍ଗରେ ଶାଉଲଙ୍କ ସହିତରେ ସାକ୍ଷାତ କରିଥିଲେ, ସେହି ସମାନ ଯୀଶୁ ଆଜି ଏଠାରେ ଅଛନ୍ତି! ଆଉ ଏହା କଅଣ କରିଥାଏ? କଅଣ ଏହା ଭୟକୁ ନେଇ ଆସିଥାଏ? ଏହା ତ ପ୍ରେମକୁ, ପରସ୍ପର ଜଣେ ଅନ୍ୟ ସହିତରେ ଏକୀକରଣକୁ ନେଇ ଆସିଥାଏ। ଆମେନ୍! ପରସ୍ପର ଜଣେ ଅନ୍ୟ ନିମନ୍ତେ ଭାବନାକୁ ନେଇ ଆସିଥାଏ। ଏହା ପରମେଶ୍ୱରଙ୍କ ପ୍ରେମକୁ ନେଇ ଆସିଥାଏ, ଓଃ, ଆମମାନଙ୍କୁ ଏକୀକରଣ କରିଥାଏ ଓ ଖ୍ରୀଷ୍ଟଙ୍କ ଦେହକୁ, ଏକ କନ୍ୟା ରୂପେ ଏକୀକରଣରେ, ନେଇକରି ଆସିଥାଏ। ତାହାହିଁ ଅଟେ ଯାହାକି ଏହା ବର୍ତ୍ତମାନ କରୁଅଛି, ଏହି ମହାନ ଏକୀକରଣକୁ ଯାହାକି ପରମେଶ୍ୱର…

112 ସେମାନେ ଆପଣାକୁ ଏକୀକରଣ କରୁଛନ୍ତି, ଗୋଟିଏ ସମୂହ *ଏଠା*ରେ ଅନ୍ୟ ଏକ ସମୂହ ସହିତ ଲଢ଼େଇ କରିବାକୁ, ଗୋଟିଏ ଦଳ *ଏଠା*ରେ ଅନ୍ୟ ଏକ ସହିତ ଲଢ଼ିବାକୁ। ମଣ୍ଡଳୀ ଏଠାରେ ସେମାନଙ୍କ ମଧ୍ୟରେ ଛିଡ଼ା ହୋଇଅଛି; ଆପଣ ଧ୍ୟାନ ଦିଅନ୍ତୁ ଯେ କ'ଣ ଘଟେ, ଏହା ସେମାନଙ୍କ ସହିତରେ ଏକୀକରଣ ହୋଇଯିବ। ତାହା ଅବିକଳ ସତ୍ୟ ଅଟେ। ମାତ୍ର, ବର୍ତ୍ତମାନ, ଆମେମାନେ ପାଉ ଯେ ତାହା ଭୟ ଓ ଘାବରା ହେବା ବିଷୟକୁ ନେଇ ଆସିଥାଏ।

113 ମାତ୍ର ସେହି ମଣ୍ଡଳୀ, ସେହି କନ୍ୟା, ଗୋଟିଏ ପରମେଶ୍ୱରଙ୍କ ଦ୍ୱାରା, ଗୋଟିଏ ଆତ୍ମାର ଅଧୀନରେ, ପରମେଶ୍ୱରଙ୍କ ଆତ୍ମାର ଅଧୀନରେ, ପରମେଶ୍ୱରଙ୍କ ସହିତ ଏକ ପବିତ୍ର ମିଳନରେ, ପରମେଶ୍ୱରଙ୍କ ଏକ ପବିତ୍ର କନ୍ୟା ହେବା ହେତୁ ଏକୀକରଣ ହୋଇଅଛି । ତାହା ସମଗ୍ର ଭାବେ, ଠିକ୍ ଅଟେ; ଦେହର ଏକତା ଅଟେ । ସେହି ଦେହ ଏକ କନ୍ୟା ରୂପେ ଅପେକ୍ଷା କରୁଅଛି; ଯେହେତୁ—ଯେହେତୁ ତାହା ସେହି କନ୍ୟା ଅଟେ, ଯେପରିକି ଆମେମାନେ ନିଜକୁ କନ୍ୟା ବୋଲି ଡାକିଥାଉ । ସେହି କନ୍ୟାର ଏକୀକରଣର ସମୟ ନିମନ୍ତେ, ମଣ୍ଡଳୀ ତଦ୍ରୂପେ ଏକାଠି ଆସୁଅଛି । ଏହା ଆମମାନଙ୍କ ମଧ୍ୟରେ ଏପରି ଏକ ପ୍ରେମକୁ ସୃଷ୍ଟି କରିବା ଉଚିତ୍, ଯେ ଆମେମାନେ ବଡ଼ କଷ୍ଟରେ ଜଣେ ଅନ୍ୟଠାରୁ ଅଲଗା ହୋଇ ରହିପାରୁ । ତାହା ଠିକ୍ ଅଟେ । ଯେତେବେଳେ ଆପଣ କେବଳ, ଆପଣଙ୍କୁ ପ୍ରାର୍ଥନା କରିବା ପାଇଁ ଲୋକମାନଙ୍କଠାରେ କାତର ହେବାକୁ ପଡ଼େ ନାହିଁ, ଆପଣଙ୍କୁ ପରମେଶ୍ୱରଙ୍କ ଉପାସନା କରିବା ପାଇଁ ସେମାନଙ୍କଠାରେ ନିବେଦନ କରିବାକୁ ପଡ଼େ ନାହିଁ, ଯାହା ଠିକ୍ ଅଟେ ତାହା କରିବା ପାଇଁ ଆପଣଙ୍କୁ ସେମାନଙ୍କଠାରେ ନିବେଦନ କରିବାକୁ ପଡ଼େ ନାହିଁ । ସେମାନେ ତାହାଙ୍କ ସହିତରେ ଏତେ ଅଗାଧ ପ୍ରେମରେ ଥାଆନ୍ତି, ଯେ ଏପରିକି ଆଉ କିଛିହେଲେ ବାକି ନ ଥାଏ ।

114 ଆପଣ ଜଣେ ସାନ ଝିଅ ବିଷୟରେ କଅଣ ଭାବନ୍ତି, ଜଣେ ଅତି ସୁନ୍ଦର ସାନ କନ୍ୟାଟିଏ, ଯିଏକି କୌଣସି ଜଣେ ସୁନ୍ଦର ଯୁବା ପୁରୁଷ ସହିତ ବିବାହ ହେବାକୁ ଯାଉଅଛି ଯାହା ସହିତରେ ସେ ପ୍ରେମରେ ଅତିଶୟ ପାଗଳ ଅଟେ, ଏହା ତାହାର ନିଜର ଜୀବନଠାରୁ ମଧ୍ୟ ତାହା ପାଇଁ ଅଧିକ ଅଟେ, ଆଉ ସେ ଏହା ଠିକ୍ ଭାବେ ଜାଣେ ଯେ ସେମାନେ ବିବାହ କରିବାକୁ ଯାଉଛନ୍ତି? ଯେପରି ସେହି ବିବାହ ଦିନ ପାଖେଇ ଆସୁଥାଏ, ସେହି ସାନ ବିଚରା ଝିଅଟି, ମୁଁ ଆପଣମାନଙ୍କୁ କହୁଅଛି, ସେ ତ ସର୍ବତ୍ର "ଚାରିଆଡ଼େ ଚଲାଫିରା କରୁଥାଏ ।" ବୁଝିଲେ? ସେ ତ ସବୁକିଛି ବିଷୟକୁ ପ୍ରସ୍ତୁତ କରୁଥାଏ; ସେ ନିଜକୁ ସେହି ପୁଅଠାରେ ସମ୍ପୂର୍ଣ୍ଣଭାବେ ସମର୍ପିତ କରିଦିଏ । ତାହା ଠିକ୍ ଅଟେ । ଯାହାକିଛି ସେହି ପୁଅର ପସନ୍ଦ ଥାଏ, ସେ କେବଳ ତାହାହିଁ କରିବାକୁ ଚାହେଁ । ତେବେ, ଆଜି ମଣ୍ଡଳୀର ସେପ୍ରକାର ସ୍ଥିତି ହେବା ଉଚିତ୍ ଅଟେ, ଯେ ଆମମାନଙ୍କର ଜୀବନଟି ଖ୍ରୀଷ୍ଟଙ୍କ ଦେଇ ପରମେଶ୍ୱରଙ୍କଠାରେ ଏପରି ଭାବରେ ଲୁଚି ରହିବା ଉଚିତ୍ ଅଟେ, ଓ ପବିତ୍ରଆତ୍ମାଙ୍କ ଦ୍ୱାରା ସେଠାରେ ମୁଦ୍ରାଙ୍କିତ ହୋଇଥିବା ଉଚିତ୍ ଅଟେ ।

115 ସେହି ବିଷୟ ଯାହାକି ମୁଁ ଆପଣମାନଙ୍କୁ ଏଠାରେ ଶିକ୍ଷାଦେଇ ଆସୁଛି, ତାହା ହେଲା ଆପଣମାନଙ୍କୁ ଏହି ଚିହ୍ନମାନଙ୍କ ବିଷୟରେ ଏବଂ ଘଟୁଥିବା ବିଭିନ୍ନ ବିଷୟମାନଙ୍କ ସମ୍ବନ୍ଧରେ କହିବା, ମୋ ପାଖରେ ତାହା କରିବା ପାଇଁ ବର୍ତ୍ତମାନ ସମୟ ନାହିଁ; ପ୍ରଭୁଙ୍କର ଇଚ୍ଛା ହେଲେ, ଅନ୍ୟ ବାର୍ତ୍ତାରେ କରିବା । ମାତ୍ର ଗୋଟିଏ ଛୋଟ ବିଷୟ ଅଛି ଯାହାକି ମଣ୍ଡଳୀରେ ଏବେ ମଧ୍ୟ ଅଭାବ ରହିଛି । ଆଉ ଆମେମାନେ ତାହା ଚାହୁଁ, ତାହା ପାଖକୁ ଯିବାକୁ ଚାହୁଁ, ଆଉ ବର୍ତ୍ତମାନ ମୁଁ ଠିକ୍ ତାହାର ଅଗରେ ଅଛି । ବୁଝିଲେ? ଆମେମାନେ ତାହାକୁ ନେବାକୁ ଚାହୁଁ, ଯଦି…ଆପଣଙ୍କୁ ତାହା କରିବାକୁ ହିଁ ଥାଏ । ଯଦି ଆପଣ ତାହା ନ କରନ୍ତି, ତାହାହିଁ କେବଳ

ସବୁକିଛି ଅଟେ, ଆପଣଙ୍କୁ ତ ତାହା ନିଶ୍ଚିତଭାବେ କରିବା ଉଚିତ୍ । କାରଣ ଦେଖନ୍ତୁ, ସେହି ଏକୀକରଣର ସମୟ ଉପସ୍ଥିତ ଅଟେ, ଯେହେତୁ ପରମେଶ୍ୱର ମଣ୍ଡଳୀକୁ ଏକାଠି ନେଇକରି ଆସୁଛନ୍ତି ଯେ ଏକ—ଏକ ଉର୍ଦ୍ଧାନ୍ତିକରଣ ଘଟିତ ହୁଏ ଯେପରିକି ସେହି ମହାନ ମିଳନ ନିମନ୍ତେ ବିବାହକୁ ଯିବାର ହୁଏ: ଯେତେବେଳେ ପରମେଶ୍ୱର ଏବଂ ମନୁଷ୍ୟ ଅନନ୍ତକାଳ ନିମନ୍ତେ ଏକୀକୃତ ହୋଇଯିବେ, ଯେତେବେଳେ ସମୟର ସୃଷ୍ଟ ବସ୍ତୁଗୁଡ଼ାକ ଅନନ୍ତତା ସହିତ ଏକୀକୃତ ହୋଇଯିବେ ।

116 ଏହା ପୃଥିବୀ ଉପରେ ଥରେ ମନୁଷ୍ୟପୁତ୍ର ଭାବରେ ସାଧନ ହୋଇଥିଲା । ଆଉ ତାହାଙ୍କୁ ନିଜର ଜୀବନକୁ ବଳିଦାନ କରିବାକୁ ପଡ଼ିଥିଲା ଯେପରିକି ଏକ ସାମର୍ଥକୁ ନେଇ ଆସନ୍ତି, ଯେ ଅନ୍ୟାନ୍ୟ ଲୋକମାନଙ୍କୁ ମଧ୍ୟ ଠିକ୍ ଏହି ସମାନ ସାମର୍ଥ ଦ୍ୱାରା, ଯୀଶୁ ଖ୍ରୀଷ୍ଟଙ୍କ କନ୍ୟା ରୂପେ ଏକୀକରଣ କରନ୍ତି । ଆଉ ବର୍ତ୍ତମାନ ମଣ୍ଡଳୀ ଆପଣାକୁ ଖ୍ରୀଷ୍ଟଙ୍କ ଦେହ ସହିତ ଏକୀକରଣ କରୁଅଛି । ଏହା ନିଜକୁ ମୁକ୍ତ କରିଅଛି, ପ୍ରତ୍ୟେକ ଛୋଟ ଛୋଟ ଶିଙ୍କୁଳିରୁ ବିଚ୍ଛେଦ କରି ଅଲଗା କରିଅଛି, ଆପଣାକୁ ପ୍ରସ୍ତୁତ କରୁଅଛି; ଏକାଠି କରୁଅଛି, ସେମାନଙ୍କ ମଧ୍ୟରେ ଏକୀକରଣକୁ ନେଇ ଆସୁଅଛି; ଓଃ, ଏକ ଆନନ୍ଦ ଓ ଉଲ୍ଲାସ, ଆଉ ପବିତ୍ରଆତ୍ମାଙ୍କର ସେମାନଙ୍କ ମଧ୍ୟରେ ବିଚରଣ କରୁଛନ୍ତି । ଓଃ, ମୋହର ପ୍ରଭୁ, କି ଏକ ସମୟ ଅଟେ!

117 ଆଉ ଯେତେବେଳେ ଆମେମାନେ ବତକମାନଙ୍କୁ ପ୍ରସ୍ତୁତ ହେଉଥିବାର ଦେଖୁ, ଆମେମାନେ ଏହି ହଂସରାଳିମାନଙ୍କୁ ପ୍ରସ୍ତୁତ ହେଉଥିବାର ଦେଖୁ, ଆମେମାନେ ପଶୁ... ମହୁମାଛିମାନଙ୍କୁ ପ୍ରସ୍ତୁତ ହେଉଥିବାର ଦେଖୁ, ଆମେମାନେ ମେଘଗୁଡ଼ିକୁ ବର୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବାର ଦେଖୁ, ଆମେମାନେ ସବୁକିଛିକୁ ଦେଖୁ; ଯେ ଏହା ଆପଣାକୁ ସେହି ମହାନ ବର୍ଦ୍ଧନ ନିମନ୍ତେ, କିପରି ଏକୀକରଣ କରୁଅଛି । ଆମେମାନେ ରାଷ୍ଟ୍ରମାନଙ୍କର ସେହି ସଂଘକୁ ଦେଖୁ, ସେହି ରାଷ୍ଟ୍ରମାନଙ୍କୁ ଏକାଠି ଆସି, ଆପଣା ଆପଣାକୁ ସାମ୍ୟବାଦରେ ଏକୀକରଣ କରୁଥିବାର ଦେଖୁ । ଆମେମାନେ ସେମାନଙ୍କୁ ଏଠାରେ ଏହି ପଶ୍ଚିମୀ ଜଗତରେ ନିଜ ନିଜକୁ ଏକୀକରଣ କରୁଥିବାର ଦେଖୁ। ଆମେମାନେ ମଣ୍ଡଳୀକୁ, ଏହି ସମସ୍ତ ବିଷୟଗୁଡ଼ିକୁ ନିଜ ନିଜକୁ ଏକାଠି ଏକୀକରଣ କରୁଥିବାର ଦେଖୁ । ଏଣୁ ଏହା ସମ୍ପୂର୍ଣ୍ଣଭାବେ ଅସମ୍ଭବ ଅଟେ, ଅନ୍ୟ କୌଣସି ସମୟରେ ତାହା ଏହିପରି ହୋଇପାରି ନ ଥାଆନ୍ତା; ଏହା ଏହିପରି ଭାବରେ କୋଡ଼ିଏ ବର୍ଷ ପୂର୍ବେ ହୋଇପାରି ନ ଥାଆନ୍ତା, ଏହିପରି ଭାବରେ ହୋଇପାରି ନ ଥାଆନ୍ତା । ଏହିପରି ଭାବରେ ଦଶ ବର୍ଷ ପୂର୍ବେ ହୋଇପାରି ନ ଥାଆନ୍ତା, ତାହାକୁ ତ ଠିକ୍ ବର୍ତ୍ତମାନ ହିଁ ହେବାକୁ ଅଛି । ଦେଖନ୍ତୁ, ଯେହେତୁ ଏହି ବାଦଗୁଡ଼ିକ ଓ ବିଷୟଗୁଡ଼ିକ ଏହି ସ୍ଥାନ ପର୍ଯ୍ୟନ୍ତ ଆସି ନ ଥିଲା ।

118 ତେବେ ଜାଗ୍ରତ ହୁଅନ୍ତୁ! ଅତି ଶୀଘ୍ର, ନିଜକୁ ଝାଡ଼ି ଦିଅନ୍ତୁ, ଆଉ ଏଠାରେ ଦେଖନ୍ତୁ ଯେ ଆମେମାନେ କେଉଁଠାରେ ଅଛୁ! ଆମେମାନେ କେଉଁଠାରେ ଅଛୁ? ସେହି ପଣ୍ଡିତମାନଙ୍କ ପରି, ଆମେମାନେ ଠିକ୍ ତାହାଙ୍କର ବାକ୍ୟ ସହିତ ଏକମତରେ ଅଛୁ, ଏବଂ ପ୍ରଭୁଙ୍କର ଜ୍ୟୋତି ଆମମାନଙ୍କର ମାର୍ଗକୁ ଆଲୋକିତ କରୁଅଛି । ସର୍ବୋଚ୍ଚରେ ପରମେଶ୍ୱରଙ୍କର ଗୌରବ

ହେଉ। ଏବଂ ପରମେଶ୍ୱରଙ୍କର ମହିମା ହେଉ ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ଆମମାନଙ୍କୁ ଦେଲେ, ଯାହାଙ୍କୁ ଆମେମାନେ ପ୍ରେମ କରୁ, ଓ ଆମମାନଙ୍କୁ ଏହି ସ୍ଥାନକୁ ନେଇ ଆସିଲେ। ଆଉ ଯେପରିକି ଆମେମାନେ...ଆମେମାନେ ତାହାଙ୍କର ଲୋକ ଅଟୁ, ତାହାଙ୍କର ରକ୍ତର ମୂଲ୍ୟ ଦେଇ କ୍ରୟ କରା ଯାଇଅଛୁ।

119 ଓଃ, ମୋହର ପ୍ରଭୁ! ଯେତେବେଳେ ସେହି ଏକୀକରଣର ସମୟ ଆସେ, ଆମେମାନେ ଦେଖୁଅଛୁ, ଯେତେବେଳେ ଆମେମାନେ ତାହାଙ୍କର ଆତ୍ମାର ବନ୍ଧନଗୁଡ଼ିକରେ ପରସ୍ପର ଜଣେ ଅନ୍ୟ ସହିତ ଏକୀକୃତ ହୋଇଥାଉ, ଆମେମାନେ...କଅଣ ଏହା ତାହାଙ୍କର ଆତ୍ମା ହୋଇପାରେ କି? ନିଶ୍ଚିତରେ, ଏହା ତାହାଙ୍କର ହିଁ ଆତ୍ମା ଅଟେ। ଏହା କାହିଁକି ଅଟେ? ଏହା ତାହାଙ୍କର ବାକ୍ୟ ଅଟେ, ଆଉ ସେ ହେଉଛନ୍ତି...ତାହା ହେଉଛି ସେହି ବାକ୍ୟର ଆତ୍ମା। ଆଉ ଯେତେବେଳେ ସେହି ପ୍ରତିଜ୍ଞାର ଆତ୍ମା ଆପଣଙ୍କ ଉପରକୁ ଆସେ ଓ ସୁପ୍ରମାଣିତ କରେ ଏବଂ ନିଜକୁ ଠିକ୍ ଏହିଠାରେ ଦେଖାଏ, କ'ଣ ଏହା ସେହି ସମାନ ଆତ୍ମା ଅଟନ୍ତି କି? ଏହା ତ ସେହି ଜଣକା ଥିଲେ ଯାହାକି ପ୍ରାନ୍ତରରେ ମୋଶାଙ୍କ ସହିତରେ ଥିଲେ! ଏହା ତ ସେହି ଜଣକା ଥିଲେ ଯାହାକି ଯୀଶୁଙ୍କ ଉପରେ ଥିଲେ! ସେ ହିଁ ସେହି ଜଣକା ଥିଲେ ଯିଏକି ଶାଉଲଙ୍କ ସହିତରେ ଦମ୍ମେସକର ମାର୍ଗରେ ସାକ୍ଷାତ କରିଥିଲେ! ସେ ଗତକାଲି, ଆଜି, ଓ ଚିରକାଳ ସେହି ସମାନ ଅଟନ୍ତି! ଆଉ ସେ ସେହି ସମାନ ବିଷୟକୁ ସାଧନ କରନ୍ତି!

120 ଆଉ ଆମେମାନେ ରାଷ୍ଟ୍ରଗୁଡ଼ିକୁ ଏକୀକୃତ ହେଉଥିବାର ଦେଖୁ, ଆମେମାନେ ମଣ୍ଡଳୀ ପ୍ରମୁଖମାନଙ୍କୁ ଏକୀକୃତ ହେଉଥିବାର ଦେଖୁ, ଆମେମାନେ ସାମ୍ୟବାଦକୁ ଏକୀକୃତ ହେଉଥିବାର ଦେଖୁ, ଆମେମାନେ ବାଦଗୁଡ଼ିକୁ ଏକୀକରଣରେ ଆସୁଥିବାର ଦେଖୁ, ଆମେମାନେ ଏହିସମସ୍ତ ବିଷୟଗୁଡ଼ିକୁ ଦେଖୁ; ଆଉ ବର୍ତ୍ତମାନ ଆମେମାନେ କନ୍ୟାକୁ ବାକ୍ୟ ସହିତରେ ଏକୀକରଣ ହେଉଥିବାର ଦେଖୁ। ଓଃ, ମୋହର ପ୍ରଭୁ! ଏହା ସମୟ ହେଲାଣି ଯେ ସାଧୁମାନେ ସେହି ଲୋକମାନଙ୍କ ସହିତ ଏକୀକୃତ ହେବା ପାଇଁ ଉଠିବେ ଯେଉଁମାନେକି ଜୀବିତ ଅଛନ୍ତି, ଯେପରିକି ଯାଇ ଅନନ୍ତକାଳ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକୀକୃତ ହେବେ।

121 ଏହା ହେଉ ଯେ ପରମେଶ୍ୱର ଆଜିରାତ୍ରି, ଆମ ସମସ୍ତଙ୍କୁ ଖ୍ରୀଷ୍ଟଙ୍କ ସହିତରେ, ଏକୀକରଣ କରିବା ପାଇଁ ସାହାଯ୍ୟ କରନ୍ତୁ, ଆମେମାନେ ଆମର ସବୁକିଛିକୁ ସମର୍ପି ଦେବୁ ଯାହାକିଛି ଆମେ ଅଟୁ, ସବୁକିଛି ଯାହା ଆମ ପାଖରେ ଅଛି, ଆମର ସମ୍ପୂର୍ଣ୍ଣ ପ୍ରାଣ, ଶରୀର, ଓ ମନ, ଯୀଶୁ ଖ୍ରୀଷ୍ଟଙ୍କୁ ଦେଇଦେବୁ, ଏବଂ ସେହି ଏକୀକରଣର ସମୟ ନିମନ୍ତେ ଅପେକ୍ଷା କରୁଥିବୁ।

ଯେତେବେଳେ ପରମେଶ୍ୱରଙ୍କର ତୂରୀବାଦ୍ୟ ହେବ, ଓ ସମୟ
  ଆଉ ଅଧିକ ନ ରହିବ,
ଆଉ ସକାଳ ଭୋର ହୋଇ ଅନନ୍ତ, ଉଜ୍ଜ୍ୱଳ ଓ ମନୋରମ ହୁଏ;
ଯେତେବେଳେ ଖ୍ରୀଷ୍ଟଙ୍କଠାରେ ମରିଥିବା ଲୋକମାନେ ଉଠିବେ

ଓ ଆରପାରିରେ ଏକତ୍ର ଜମା ହେବେ, (କନ୍ୟା ସହିତରେ ଯେଉଁମାନେକି ଜୀବିତ ଥିବେ, ଯେପରିକି ଏକ ସଙ୍ଗରେ ଉର୍ଦ୍ଧ୍ୱକୁ ଉନ୍ନୀତ ହୁଅନ୍ତି ।)

122 ସେହି ଏକୀକରଣକୁ ଦେଖନ୍ତୁ! ପରମେଶ୍ୱର ମଣ୍ଡଳୀକୁ ବାକ୍ୟ ସହିତ, ବାକ୍ୟକୁ ମଣ୍ଡଳୀ ସହିତ ଏକୀକରଣ କରୁଛନ୍ତି, ଯେପରିକି ସେମାନେ ଦୁହେଁ ସମାନ ହୋଇଯାଆନ୍ତି, "*ଏହା* କୁହ, ଆଉ ତାହା ହୋଇଯିବ । *ଏହା* କର, ଆଉ ତାହା ହୋଇଯିବ । ଏହାହିଁ ତାହା ଅଟେ; ଏହା ମୁଁ ତୁମ ପୂର୍ବରୁ ଅଟେ, ଏହା ମୁଁ ଯିଏକି ପ୍ରମାଣ କରୁଅଛି; ଏହା ମୁଁ ତୁମ ସହିତରେ ଅଛି ।" ଠିକ୍ ଅଛି ।

123 ଆମେମାନେ ପାଉ ଯେ ବର୍ତ୍ତମାନ ସେହି ସମୟ ଉପସ୍ଥିତ ହୁଏ ଯେତେବେଳେକି ତୂରୀବାଦ୍ୟ ହେବ, ଏବଂ ସେଠାରେ ଥିବା ସେହି ନିଦ୍ରାଗତ ସାଧୁମାନେ, ସେମାନେ ଆମ ବିନା ସିଦ୍ଧ ହୋଇପାରନ୍ତି ନାହିଁ; ସେମାନେ ଆମ ଉପରେ ନିର୍ଭର କରୁଛନ୍ତି (ଏବ୍ରୀ 11); ଆଉ ଯେତେବେଳେ ସେମାନେ ଏକାଠି ଆସନ୍ତି, ସେମାନେ ଜୀବିତମାନଙ୍କ ସହିତ ଏକୀକୃତ ହୁଅନ୍ତି । ମଣ୍ଡଳୀ ସେହି ବାକ୍ୟ ସହିତ ଏକୀକରଣ ହେଉଅଛି, ତାହା ପରେ ସେହି ମଣ୍ଡଳୀ ଏବଂ ବାକ୍ୟ ଏକାଠି ଏକୀକରଣ ହୋଇ, ଏକ ହୋଇଯାଆନ୍ତି । ମୃତ ସାଧୁଗଣ ସେହି ଜୀବିତ ସାଧୁଗଣଙ୍କ ସହିତ ଏକୀକରଣ କରି ଏକ ହୋଇଯାଆନ୍ତି; ଆଉ ସମସ୍ତେ ଏକାଠି ମିଶି ମେଷଶାବକଙ୍କର ବିବାହ ଭୋଜ ନିମନ୍ତେ, ସେଠାରେ ଖ୍ରୀଷ୍ଟଙ୍କ ସହିତରେ ଏକୀକରଣ କରିବାକୁ ଯାଉଅଛନ୍ତି ।

124 ଏହା ଏକୀକରଣର ସମୟ ଅଟେ, ଆଉ ଲକ୍ଷଣମାନ ସବୁଆଡ଼େ ଦୃଷ୍ଟିଗୋଚର ଅଟେ । ରାଷ୍ଟ୍ରଗୁଡ଼ିକରେ ଚିହ୍ନମାନ ଅଛି, ସାମ୍ୟବାଦରେ ଚିହ୍ନମାନ ଅଛି, ପାଶ୍ଚାତ୍ୟ ଜଗତରେ ଚିହ୍ନମାନ ଅଛି, ବିଶ୍ୱ ଗୀର୍ଜା ସଂଘରେ ଚିହ୍ନମାନ ଅଛି । ଆଉ ସେହି ଚିହ୍ନ ଆଜିରାତ୍ରିରେ ଏଠାରେ ପବିତ୍ରଆତ୍ମାଙ୍କ ତତ୍ତ୍ୱାବଧାନରେ ଅଛି, ଆଉ ପରମେଶ୍ୱରଙ୍କ ବାକ୍ୟ ତାହାକୁ ସୁନିଶ୍ଚିତ କରୁଅଛି ଏବଂ ତାହାକୁ ସତ୍ୟ ବୋଲି ଉପସ୍ଥାପିତ କରୁଅଛି । ଆମେନ୍! ଏକୀକରଣର ସମୟ! ଏକୀକରଣ ସମୟର ଲକ୍ଷଣ!

ଆସନ୍ତୁ ଆମେମାନେ ନିଜର ମସ୍ତକ ନତ କରିବା ।

125 ପ୍ରଭୁ ଯୀଶୁ, ଯେତେବେଳେ ମୋହର ଏହି ବିଚରା ହୃଦୟଟି ଆନନ୍ଦରେ ଡିଆଁ ମାରୁଛି, ଯେତେବେଳେକି ମୁଁ ମୋ ଭିତରେ ସେହି ସମ୍ଭାବନାଗୁଡ଼ିକୁ ଦେଖେ, ଜଣେ ମଧ୍ୟ-ବୟସ୍କ ଲୋକ ଭାବରେ, ମାତ୍ର ତଥାପି, ମୋ ପାଇଁ ସେହି ସମ୍ଭାବନାମାନ ଯେ ମୁଁ ତୁମକୁ ଏହି ପୀଢୀରେ ଆସୁଥିବାର ଦେଖିବି; ଜୀବିତ ଅବସ୍ଥାରେ ଏଠାରେ ଛିଡ଼ା ହୋଇ, ତାହା ଦେଖିବି ଯେତେବେଳେ ସେହି ତୂରୀ ଘୋଷଣା କରେ, "ଯେ ଅଶୁଚୀ, ସେ ଆହୁରି ଅଶୁଚୀ ହେଉ । ଯେ ଧାର୍ମିକ, ସେ ଆହୁରି ଧାର୍ମିକ ହେଉ । ଯେ ପବିତ୍ର, ସେ ଆହୁରି ପବିତ୍ର ହେଉ ।" ହେ ପ୍ରଭୁ ପରମେଶ୍ୱର!

126 ଆଉ ଏହା ବିଷୟରେ ଚିନ୍ତା କରିବା ଯେ ଆମେମାନେ ସେଠାରେ ଛିଡ଼ା ହୋଇଥିବା, ଯେ କ୍ଷଣକେ ମାତ୍ର, ଆଖି ପିଛୁଳାକେ, ଯେତେବେଳେକି ଜଗତ ଏହା ଜାଣିବ ନାହିଁ ଯେ କଅଣ ଘଟୁଅଛି, ମାତ୍ର ହଠାତ୍ ହିଁ, ଆପଣ ନିଜର ସମ୍ମୁଖରେ ଆପଣମାନଙ୍କର ପ୍ରିୟଜନମାନଙ୍କୁ ଉଭା ହେଉଥିବାର ଦେଖିବେ, ଯେଉଁମାନେକି ଦୂରକୁ ଚାଲିଯାଇଥିଲେ, ସେମାନେ ପୁନର୍ବାର ଆପଣଙ୍କ ସହିତ ଏକୀକରଣ କରିବା ପାଇଁ ଆସିଛନ୍ତି । ଆଉ ଆମେମାନେ ଗୋଟିଏ କ୍ଷଣରେ, ଆଖି ପିଛୁଳାକେ ପରିବର୍ତ୍ତିତ ହୋଇଯିବା; ଓ ଆମମାନଙ୍କର ପ୍ରଭୁଙ୍କ ସହିତ ସାକ୍ଷାତ କରିବା ପାଇଁ, ଏକାଠି, ମଧ୍ୟ ଆକାଶକୁ ଉନ୍ନୀତ ହେବା । ଆଉ ତାହା ପରେ ସେଠାରେ ସଦାକାଳ ନିମନ୍ତେ ରହିବା ପାଇଁ, ଏବଂ ପୁନର୍ବାର କଦାପି ତାହାଙ୍କର ଉପସ୍ଥିତିରୁ ବାହାରି ନ ଯିବା ପାଇଁ, ତାହାଙ୍କ ସହିତରେ ଏକୀକରଣ କରି ରହିବା ।

127 ପ୍ରଭୁ, ଏହା ଆଜିର ଦିନରେ କେଡ଼େ ଏକ ମହାନ ବିଷୟ ଅଟେ ଯେ, ଏହା ଜାଣିବା ଯେ ଆମେମାନେ ବର୍ତ୍ତମାନ ଏକ ଆତ୍ମାରେ ଏକୀକୃତ ଅଟୁ । ଏକ ଆତ୍ମା, ସେହି ପବିତ୍ରଆତ୍ମା, ଯିଏକି ବାକ୍ୟକୁ ନିଜର ଆୟତ୍ତରେ ରଖିଛନ୍ତି, ଆମ ମଧ୍ୟକୁ ଆସନ୍ତି । ଆଉ ଏହା କେଡ଼େ ଏକ ମହାନ ବିଷୟ ଅଟେ, ଏହା କେତେ ସୌଭାଗ୍ୟର ବିଷୟ ଅଟେ ଯେ ଯୀଶୁ ଖ୍ରୀଷ୍ଟଙ୍କ ସହିତରେ ଆପଣାକୁ ଏକୀକରଣ କରିବା ପାଇଁ, ସମସ୍ତ ଜଗତରୁ ବିଚ୍ଛିନ୍ନ ଅଟୁ । ଆଉ ଏହା ଚିନ୍ତା କରିବା ଯେ କୌଣସି ଦିନେ, ଏକ ଶାରୀରିକ ରୂପରେ, ଠିକ୍ ତାହାଙ୍କର ନିଜର ଗୌରବମୟ ଶରୀର ପରି ଏକ ଶରୀର ସହିତ, ଆମେମାନେ ସେହି ବିବାହ ଭୋଜର ମେଜରେ ବସିବା ଓ ସେଠାରେ ଏକୀକୃତ ହୋଇ ତାହାଙ୍କ ସହିତରେ ବିବାହ ବନ୍ଧନରେ ଆବଦ୍ଧ ହେବା; ଯେପରିକି କନ୍ୟା ଏବଂ ବର ରୂପେ ଆସୁଥିବା ସମସ୍ତ କାଳ ଦେଇ, ଅସରନ୍ତି ଅନନ୍ତତା ମଧ୍ୟରେ ବାସ କରିବା ।

128 ପ୍ରଭୁ ପରମେଶ୍ୱର, ହେବାକୁ ଦିଅ ଯେ ଏହା ଲୋକମାନଙ୍କ ପାଇଁ କେବଳ ଏକ ପୌରାଣିକ କଥା ନ ହେଉ, ବରଂ ଏହା ଏପରି ଏକ ବାସ୍ତବିକତା ହୋଇଯାଉ ଯେ ଲୋକମାନଙ୍କ ଭିତରେ ଏପରି କ୍ଷୁଧା ଓ ପିପାସା ଆସିଯାଉ ଯେ ସେମାନେ…ସେମାନଙ୍କର ଖବରକାଗଜ ପଢୁଥିବାବେଳେ, ଅନାଉଥିବାବେଳେ…ରେଡିଓ ଆଉ ଖବରଗୁଡ଼ିକୁ ଶୁଣୁଥିବାବେଳେ, ଆଉ ଏହା ଦେଖିପାରିବେ ଯେ ଏହା ଏକୀକରଣର ସମୟ ଅଟେ। ଚିହ୍ନଗୁଡ଼ିକ ଦୃଷ୍ଟିଗୋଚର ଅଟେ ।

129 ପ୍ରଭୁ ପରମେଶ୍ୱର, ଯେପରି ଆମେ ସ୍ତ୍ରୀଲୋକମାନଙ୍କ ବିଷୟରେ କହିଲୁ, ଯେ ସେମାନେ ଏହି ଶେଷ ଦିନମାନଙ୍କରେ କଅଣ କରିବେ; ମଣ୍ଡଳୀ ଏହି ଶେଷ ଦିନମାନଙ୍କରେ କଅଣ କରିବ; ଆଉ ମଣ୍ଡଳୀ ଯୁଗମାନ କଅଣ ହେବ, ଓ ମୁଦ୍ରାଗୁଡ଼ିକ କଅଣ ହେବ, ଏହି ସମସ୍ତ ବିଷୟଗୁଡ଼ିକ କଅଣ ହେବ । ଆଉ ଆମେମାନେ ଏହାକୁ ସେହିପରି ଦେଖୁ ଯେପରିକି ତାହା, ନୋହଙ୍କ ଦିନରେ ଥିଲା । ଆମେମାନେ ତାହାକୁ ସେହିପରି ଦେଖୁ ଯେପରିକି ତାହା, ସଦୋମ ଓ ଲୋଟଙ୍କ ଦିନରେ ଥିଲା, ଯେତେବେଳେ ପରମେଶ୍ୱରଙ୍କ ଦୂତ ଆପଣାକୁ ମାନବୀୟ ଦେହରେ ପ୍ରକଟିତ କରିଥିଲେ, ଯିଏକି ଏକ ଗୋବତ୍ସର ମାଂସ ଭୋଜନ କରିଥିଲେ ଏବଂ

ଗାଈର କ୍ଷୀର ପାନ କରିଥିଲେ, ଏବଂ ରୋଟୀ ଖାଇଥିଲେ; ଆଉ ସେଠାରେ ଛିଡ଼ା ରହି ଏହା କହିପାରିଥିଲେ ଯେ ତାହାଙ୍କ ପଛପଟରେ କଅଣ ଘଟୁଅଛି । ଆଉ ଯୀଶୁ କହିଲେ ଯେ ସେହି ସମାନ ବିଷୟ ମନୁଷ୍ୟପୁତ୍ରଙ୍କ ଆଗମନ ସମୟରେ ଘଟିବ ।

130 ପ୍ରଭୁ ପରମେଶ୍ୱର, ଆମେ ପିରାମିଡ଼କୁ ଦେଖିଲୁ, ଯେ ଆମେ ତାହାକୁ ସେଠାରେ ଉପରେ କିପରି ଭାବରେ ନିର୍ମାଣ କରିଅଛୁ, ଆଉ ଏହା ଦେଖିଲୁ ଯେ ଆମେ କିପରି ଭାବରେ ଏହି ବିଷୟଗୁଡ଼ିକୁ ସେଥିରେ ଯୋଗ କରିଅଛୁ; ଏବଂ ପାଇଲୁ ଯେ ଆମେମାନେ ଶେଷ-ସମୟରେ ଅଛୁ, ସେହି ମୂଖ୍ୟ କୋଣର ପ୍ରସ୍ତର ନିମନ୍ତେ ଅପେକ୍ଷା କରୁଅଛୁ । ପରମେଶ୍ୱରଙ୍କ ମହିମା ହେଉ! ପିତା, ଆମେମାନେ ପ୍ରାର୍ଥନା କରୁଅଛୁ, ଯେ ତୁମେ ବର୍ତ୍ତମାନ ଲୋକମାନଙ୍କୁ, ଶୀଘ୍ର ହିଁ ଜାଗରିତ କରିବ, ଓ ଆମମାନଙ୍କୁ ଈଶ୍ୱରୀୟ ପ୍ରେମରେ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଓ ପରସ୍ପର ପ୍ରତି ଆଦରର ସହିତରେ ଏକାଠି ଏକତ୍ର କରିବ ।

131 ଯଦି ଏଠାରେ ଆଜିରାତ୍ରିରେ ଏପରି କେତେକ ଅଛନ୍ତି ଯେଉଁମାନେକି ଆପଣାଠାରେ ସେହି ଆଶାକୁ ରଖିନାହାଁନ୍ତି, କଅଣ ଆପଣମାନେ ନିଜର ହାତକୁ ପରମେଶ୍ୱରଙ୍କ ଆଡ଼େ ଉଠାଇବେ ଓ କହିବେ କି, "ପ୍ରଭୁ ପରମେଶ୍ୱର, ମୋତେ ତୁମଠାରେ ଏକୀକରଣ କର, ମୋତେ ତୁମଠାରେ ଏକୀକରଣ କର"? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ, ଆପଣଙ୍କୁ; ହଁ । "ପ୍ରଭୁ, ମୋତେ ତୁମଠାରେ ଏକୀକରଣ କର ।" ହଁ! ଓଃ, ମୋହର ପ୍ରଭୁ!

ରାଷ୍ଟ୍ରଗୁଡ଼ିକ ଭଗ୍ନ ହେଉଅଛି, ଇସ୍ରାଏଲ ଜାଗରିତ ହେଉଅଛି,

132 ଇସ୍ରାଏଲକୁ ସେଠାରେ ଦେଖନ୍ତୁ, ଏକାଠି ଏକୀକୃତ ଭାବରେ ରହିଛନ୍ତି । ଇସ୍ରାଏଲ, ସମସ୍ତ ପୃଥିବୀରୁ, ଏକୀକୃତ ହେବା ପାଇଁ ଆସିଅଛି; ଯେପରିକି ସେମାନଙ୍କର ଏକୀକରଣ ହୁଏ ଆଉ ବର୍ତ୍ତମାନ ସେମାନେ ଏକ ରାଷ୍ଟ୍ର ଅଟନ୍ତି । ସେମାନେ ଏକ ଏକୀକୃତ ରାଷ୍ଟ୍ର ଅଟନ୍ତି; ସେମାନଙ୍କର ନିଜର ପତାକା ଅଛି, ନିଜର ଟଙ୍କା ମୁଦ୍ରା ଅଛି, ନିଜର ସୈନ୍ୟଦଳ ଅଛି, ସବୁକିଛି ଅଛି; ଯଦି ସେମାନଙ୍କର କେବେ କିଛି ରହିଥିଲା, ତାହା ବର୍ତ୍ତମାନ ଅଛି । ଇସ୍ରାଏଲ ଏକୀକୃତ ଅଟେ, ରୋମ ଏକୀକୃତ ଅଟେ, ମଣ୍ଡଳୀ ଏକୀକୃତ ଅଟେ । ଆଉ କନ୍ୟା ମଧ୍ୟ ଏକୀକରଣ କରୁଅଛି, ଆମେନ୍; ଏବଂ ସେହି ମହାନ ଏକତାର ଆଗମନ ହେଉଅଛି । ଏହା କଅଣ ଅଟେ? ଏହା ସବୁକିଛି ସେହି ଚିହ୍ନଆଡ଼େ ଗତି କରୁଅଛି, ସେହି ମୂଖ୍ୟ ପ୍ରମୁଖ ଚିହ୍ନଆଡ଼େ, ଯାହାକି ଯୀଶୁ ଏବଂ ତାହାଙ୍କର କନ୍ୟାର ଏକ ରୂପରେ ଏକୀକରଣ ହେବା ।

133 ପିତା ପରମେଶ୍ୱର, ଏହି ଆଶୀର୍ବାଦଗୁଡ଼ିକୁ ପ୍ରଦାନ କର ଯାହାକି ମୁଁ ଏହି ଲୋକମାନଙ୍କ ନିମନ୍ତେ ମାଗିଅଛି, ଏବଂ ହେବାକୁ ଦିଅ ଯେ ଆମେମାନେ ହୃଦୟ ଓ ଆତ୍ମାରେ ତୁମ ସହିତ ଏକୀକୃତ ହେବୁ, ଯେତେବେଳେକି ସେମାନେ ତାହା ଇଚ୍ଛା କରି, ସେମାନଙ୍କର ହାତଗୁଡ଼ିକୁ ଉପରକୁ ଉଠାଇଛନ୍ତି । ପ୍ରଭୁ ପରମେଶ୍ୱର, ଆମକୁ ଧୌତ କର ଓ ଆମକୁ ତୁମର କର; ପ୍ରଭୁ, ଏହା ପ୍ରଦାନ କର । ତାହାହିଁ ସବୁକିଛି ଅଟେ ଯାହାକି ଆମେମାନେ ଜାଣୁ ଓ ଆମେମାନେ

କରିପାରୁ, ଯେ ମାଗିବା । ଆଉ ତାହା ପରେ ତୁମେ କହିଛ ଯେ ଯଦି ଆମେମାନେ ତାହା ମାଗିବୁ ଓ ତାହାକୁ ବିଶ୍ୱାସ କରିବୁ, ତାହାହେଲେ ଆମେମାନେ ତାହା ନିଶ୍ଚିତରେ ପାଇବୁ; ପ୍ରଭୁ, ମୁଁ ତାହାର ଅପେକ୍ଷା କରୁଅଛି । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତୁମକୁ ଧନ୍ୟବାଦ ଦେଉଅଛି । ଆମେନ୍ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ,
କାରଣ ପ୍ରଥମେ ସେ ମୋତେ ପ୍ରେମ କଲେ,
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

ଆମେନ୍! ଓଃ, ମୋହର ପ୍ରଭୁ!

ଦେଖ, ବର ଆସୁଛନ୍ତି!
ଅର୍ଦ୍ଧରାତ୍ରିର କୋଳାହଳ ମୁଁ ଶୁଣୁଛି!
ଆମେମାନେ ଏକ ଉଚ୍ଚ ରବ ସହିତ ଉର୍ଦ୍ଧ୍ୱକୁ ଯିବା, ଯଦି ଆମେମାନେ ସ୍ଥିର ରହିଥିବା,
ଓ ତାହାଙ୍କୁ ଆକାଶରେ ସାକ୍ଷାତ କରିବା ।

ମୋ ଭାଇ, ଜାଗି ରୁହନ୍ତୁ ଓ ପ୍ରାର୍ଥନା କରନ୍ତୁ,
ଏପରି ନ ହେଉ ଯେ କେହି ତୁମର ମୁକୁଟ ନେଇଯାଉ,
କାରଣ ଈଷଦୁଷ୍ଟ ଓ ପଥଭ୍ରଷ୍ଟକାରୀମାନେ
ସେହି ବିବାହ ବସ୍ତ୍ର ପିନ୍ଧିବେ ନାହିଁ ।

134 ତାହା ଠିକ୍ ଅଟେ । ଆସନ୍ତୁ ଏହି ଅର୍ଦ୍ଧରାତ୍ରିର କୋଳାହଳ ନିମନ୍ତେ ପ୍ରସ୍ତୁତ ହେବା । ଏହା ଏପରି ଏକ ସମୟରେ ହେବାକୁ ଯାଉଅଛି ଯେତେବେଳେକି ତୁମେ ତାହାର ଚିନ୍ତା ସୁଦ୍ଧା କରି ନ ଥିବ । ଏକ କୋଳାହଳ ହେବ, ମାତ୍ର ଅବିଶ୍ୱାସୀ ଗହଣରେ ନୁହେଁ; ତାହା ତ ଅତି ଗୁପ୍ତରେ ହେବ । ମାତ୍ର ସେହି ବିଶ୍ୱାସୀମାନେ, ଯେଉଁମାନେକି ଏହାର ଅପେକ୍ଷା କରୁଛନ୍ତି: କଅଣ ଆପଣମାନେ ତାରାଗୁଡ଼ିକୁ ଏକ ଧାଡ଼ିରେ ଆସିବାର ଦେଖନ୍ତି କି? ବୁଝିଲେ? ତାହା କଅଣ ନେଇ ଆସିଲା? ଠିକ୍ ସେହି ସମାନ ବିଷୟ ଯେପରିକି ତାହା ପ୍ରଥମଥର କରିଥିଲା । ଦେଖନ୍ତୁ, ଆମେମାନେ ଏଠାରେ ଅଛୁ, ଚିହ୍ନଗୁଡ଼ିକ ଆସୁଅଛି ।

ଆମେମାନେ ତାହାଙ୍କର ଆଶୀକ୍ଷିତ ଆଗମନର ଚିହ୍ନମାନଙ୍କୁ ପ୍ରକଟିତ ହେଉଥିବାର ଦେଖୁଅଛୁ,
ଦେଖ, ବର୍ତ୍ତମାନ ଡିମ୍ବିରି ଗଛର ପତ୍ରଗୁଡ଼ିକ ସତେଜ ହେଉଅଛି;
ରାଜ୍ୟର ସୁସମାଚାର ସମସ୍ତ ରାଷ୍ଟ୍ରକୁ ଯାଇଅଛି;
ଆଉ ଆମେମାନେ ସନ୍ନିକଟବର୍ତ୍ତୀ ଅଟୁ, ଶେଷ ଦଶା ଦେଖାଯାଇପାରେ ।

ତେବେ ଅତି ଆନନ୍ଦ ସହକାରେ, ଚାଲିଯିବା, ଆମେମାନେ
ତାହାଙ୍କର ଆଶୀଷିତ ଆଗମନର ବାର୍ତ୍ତାକୁ ଘୋଷଣା କରିବା,

135 କଅଣ ତାହା ଠିକ୍ ଅଟେ? ଓଃ, "ତାହାଙ୍କର ଆଶୀଷିତ ଆଗମନର ବାର୍ତ୍ତାକୁ ଘୋଷଣା କରିବା!" ତାହାହିଁ ଅଟେ ଯାହାକି ଆମେମାନଙ୍କୁ କରିବାକୁ ଅଛି । ସମସ୍ତଙ୍କୁ କହିବାକୁ ଅଛି, "ପ୍ରସ୍ତୁତ ହୁଅ, ପରମେଶ୍ୱରଙ୍କୁ ସାକ୍ଷାତ କରିବା ନିମନ୍ତେ ପ୍ରସ୍ତୁତି କର ।" ଆମେନ୍! ମୁଁ ତାହାଙ୍କୁ ପ୍ରେମ କରେ । ଓଃ, ମୁଁ ତାହାଙ୍କୁ କେତେ ପ୍ରେମ କରେ । ତେବେ, ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜ ଗୋଡ଼ରେ ଛିଡ଼ା ହେବା । ଯେତେବେଳେ ଆମେମାନେ ପରସ୍ପର ଜଣେ ଅନ୍ୟକୁ ବିଦାୟ କହୁ, ଆଖପାଖକୁ ଯାଆନ୍ତୁ ଓ କାହାରି ସହିତ ହାତ ମିଶାନ୍ତୁ, ଏବଂ କୁହନ୍ତୁ:

ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ!

ବର୍ତ୍ତମାନ, ହାତ ମିଶାନ୍ତୁ ।

...ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ!
ଯେପର୍ଯ୍ୟନ୍ତ ଆମେମାନେ ଯୀଶୁଙ୍କ ପାଦ ତଳେ ସାକ୍ଷାତ ନ କରୁ;
ଯେପର୍ଯ୍ୟନ୍ତ ଆମେମାନେ...

ମନେ ରଖନ୍ତୁ, ହୋଇପାରେ ଆପଣଙ୍କର ଏକ ଆହ୍ୱାନ ଥିବ, ହୋଇପାରେ ଆମମାନଙ୍କର ପରବର୍ତ୍ତୀ ସେବା ତାହାଙ୍କର ପାଦ ତଳେ ହେବ ।

ଓଃ, ପରମେଶ୍ୱର ଆପଣମାନଙ୍କ ସଙ୍ଗରେ ରୁହନ୍ତୁ ଯେପର୍ଯ୍ୟନ୍ତ
ଆମେମାନେ ପୁନର୍ବାର ସାକ୍ଷାତ ନ କରୁ!

136 ତେବେ, କେବଳ ଚିନ୍ତା କରନ୍ତୁ, ଏହା ପୂର୍ବେକି ଆମେମାନେ ପୁଣିଥରେ ସାକ୍ଷାତ କରୁ; ଏହା ପୂର୍ବେକି ଆମେମାନେ ରବିବାର ସକାଳରେ, କିମ୍ବା ବୁଧବାର ରାତ୍ରିରେ ସାକ୍ଷାତ କରୁ, ହୋଇପାରେ ଯେ ତାହା...ପ୍ରଥମ ବିଷୟ ଆପଣ ଜାଣନ୍ତି, କେହି ଜଣେ ହଜି ଯାଇଥିବ । ଏହି ଜଣକା ହଜି ଯାଇଥିବ, ଆଉ ସେମାନେ ନ ଥିବେ । ଓଃ, ନିଜର ସ୍ୱାମୀ ବିଷୟରେ ଚିନ୍ତା କରିବା ଯେ ସେ ହଜି ଯାଇଥିବେ, କିମ୍ବା ଆପଣଙ୍କ ପତ୍ନୀ ହଜି ଯାଇଥିବେ, ଏବଂ—ଏବଂ ଜନ୍‌ଙ୍କର ପତ୍ନୀ ହଜି ଯାଇଥିବେ, ଆଉ—ଆଉ—ଆଉ ଏଠାରେ ପିଲାଛୁଆମାନେ ହଜି ଯାଇଥିବେ । ସବୁକିଛି ଘଟିଲା (କଅଣ ଘଟିତ ହେଲା?), ତାହା ପରେ ଆପଣ ପଛରେ ଛାଡ଼ି ହୋଇଯାଇଥିବେ!

ଓଃ, ତାହା କି ଏକ କ୍ରନ୍ଦନ ଓ ବିଲାପ କରିବା ହେବ,
ଯେତେବେଳେ ହଜିଯାଇଥିବା ଲୋକମାନଙ୍କୁ ସେମାନଙ୍କର
ଦୁର୍ଭାଗ୍ୟ ବିଷୟକୁ କୁହାଯାଏ,

ସେମାନେ ଚଟ୍ଟାଣଗୁଡ଼ିକୁ ଓ ପର୍ବତଗୁଡ଼ିକୁ ଚିତ୍କାର କରି କହିଲେ,
(ଯେପରିକି ଇସ୍ରାଏଲ, ନଗରକୁ, ମନ୍ଦିରକୁ ଫେରିଯିବାବେଳେ କରିଥିଲା ।)
ସେମାନେ ପ୍ରାର୍ଥନା କଲେ ମାତ୍ର ସେମାନଙ୍କର ପ୍ରାର୍ଥନାଗୁଡ଼ିକ
ଅତି ବିଳମ୍ବ ହୋଇ ଯାଇଥିଲା । (ସେମାନେ ବାର୍ତ୍ତାକୁ ଅଗ୍ରାହ୍ୟ କରିଥିଲେ ।)

137 ଓଃ, ଭାଇ, କେବେହେଲେ ତାହା କରନ୍ତୁ ନାହିଁ । ଆପଣ ଯାହାକିଛି ବି କରୁଥାଆନ୍ତି, ସେହି ଉଦ୍ଦେଶ୍ୟ ପ୍ରତି ସାହାସ ଧରି ଛିଡ଼ା ରୁହନ୍ତୁ! ହଁ, ମହାଶୟ!

138 ବର୍ତ୍ତମାନ, ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ, ଆମେମାନେ ଏହା କରୁଥିବା:

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ପ୍ରତ୍ୟେକ ଚିନ୍ତାରୁ ଏକ ଢ଼ାଲ ସ୍ୱରୂପେ;
ଯେତେବେଳେ ଆପଣଙ୍କ ଚାରିପଟେ ପରୀକ୍ଷାମାନ ଆସେ,
(ଆପଣ କଅଣ କରନ୍ତି?)
ପ୍ରାର୍ଥନାରେ ସେହି ପବିତ୍ର ନାମକୁ ଉଚ୍ଚାରଣ କରନ୍ତୁ ।

ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା, ଓ ସ୍ୱର୍ଗର ଆନନ୍ଦ ।

139 ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡ଼ିକ ନତ କରିବା, ଯେତେବେଳେ ଆମେ ଗୁଣୁ ଗୁଣୁ କରୁଥାଉ:

ଯୀଶୁଙ୍କର ନାମରେ ନତ ମସ୍ତକ ହେଉଅଛୁ,
ତାହାଙ୍କର ପାଦ ତଳେ ସାଷ୍ଟାଙ୍ଗ ଭକ୍ତିର ପ୍ରଣତି ଢ଼ାଳି ଦେଉଅଛୁ,
ସ୍ୱର୍ଗରେ ରାଜାମାନଙ୍କର ରାଜା...ତାହାଙ୍କୁ ମୁକୁଟାଭିଷେକ କରିବା,
ଯେତେବେଳେ ଆମମାନଙ୍କର ଯାତ୍ରା ଶେଷ ହୋଇଯାଏ ।
(କୌଣସି ଏକ ଦିନ, ତାହା ହେବ ।)

ଓଃ ବହୁମୂଲ୍ୟ ନାମ, (ବହୁମୂଲ୍ୟ ନାମ!) ଓଃ କେତେ ସୁମଧୁର!

ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ, ପରମେଶ୍ୱର ଆପଣମାନଙ୍କ ସଙ୍ଗରେ ରୁହନ୍ତୁ ।

ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର! (କେତେ ସୁମଧୁର!)
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ ।

**ଏକୀକରଣର ସମୟ ଏବଂ ଚିହ୍ନ** ORI63-0818

(The Uniting Time And Sign)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ ୧୮, ୧୯୬୩, ରବିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org